

ଓଟିଟିରୁ ପରଦାକୁ ଫେରିବେ କ୍ୟାଟ୍ରିନା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-345 ♦SATURDAY ♦13 JUNE 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୩୪୫ ♦ଶନିବାର ♦୧୩ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ଆସିବ ନାହିଁ ବାର୍ଦ୍ଧକ୍ୟ**

## ଔଷଧର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ

■ ବୋଷ୍ଟନ, ୧୨।୬ (ଏଜେନ୍ସି): ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଐତିହାସିକ ସଫଳତା ସ୍ୱରୂପ ବାର୍ଦ୍ଧକ୍ୟ ଅବସ୍ଥାକୁ ଓଲଟାଇ ଦେଉଥିବା (ରିଭର୍ସ-ଏଜିଂ) ଏକ ପରୀକ୍ଷାମୂଳକ ଔଷଧର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ ହୋଇଛି। ଆମେରିକାର ବୋଷ୍ଟନ ସ୍ଥିତ ବାୟୋଟେକ୍ ଷ୍ଟାର୍ଟଅପ୍ 'ଲାଇଫ୍ ବାୟୋସାଇନ୍ସେସ୍' ପକ୍ଷରୁ ଗ୍ଲୁକୋମା ରୋଗରେ ପୀଡ଼ିତ ଜଣେ ବ୍ୟକ୍ତିଙ୍କ ଆଖିର କଳାଡୋଳାରେ ଏହି ସେଲୁଲାର୍ ରିପ୍ରୋଗ୍ରାମିଂ ଇଞ୍ଜେକ୍ସନ ପ୍ରୟୋଗ କରାଯାଇଛି। ବାର୍ଦ୍ଧକ୍ୟ ଯୋଗୁଁ ଦୁର୍ବଳ ହୋଇପଡ଼ିଥିବା



**ସକ୍ରିୟ ହେବ ଦୁର୍ବଳ ଓ ମୃତ ଜୀବକୋଷ**

କୋଷଗୁଡ଼ିକୁ ପୁନର୍ଜୀବିତ ଏବଂ ସକ୍ରିୟ କରିବା ଏହି ପରୀକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ବୈଜ୍ଞାନିକମାନେ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହାର ପ୍ରଭାବ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଉପରେ ନଜର ରଖିବେ। ଏହି ଚିକିତ୍ସା ପଦ୍ଧତିରେ ପ୍ରଥମେ ରୋଗୀଙ୍କ ଆଖିରେ ଏକ ସିଙ୍ଗଲ୍ ଜିନ୍ ଥେରାପି ଇଞ୍ଜେକ୍ସନ ଦିଆଯାଇଛି। ଏହାପରେ କିଛି ସପ୍ତାହ ପାଇଁ ଏକ ସ୍ୱତନ୍ତ୍ର ଆଣ୍ଟିବାୟୋଟିକ୍ ଔଷଧ ଦିଆଯିବ, ଯାହା ଶରୀର ଭିତରେ ଥିବା ତିନୋଟି ଚିକିତ୍ସା ଜିନ୍‌କୁ ସକ୍ରିୟ କରି କୋଷଗୁଡ଼ିକୁ ପୁନର୍ଜୀବିତ କରିବାରେ ସାହାଯ୍ୟ କରିବ। ▶ପୃଷ୍ଠା-୭

**ସରକାରୀ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ**

## ଜଳିଗଲା ୪,୦୦୦ ଇଭିଏମ୍; ଷଡ଼ଯନ୍ତ୍ର ଆଶଙ୍କା

■ କୋଲକାତା, ୧୨।୬ (ଏଜେନ୍ସି): ପଶ୍ଚିମବଙ୍ଗର କୋଲକାତାସ୍ଥିତ ଆଲିପୁର ଅଞ୍ଚଳରେ ଥିବା ଏକ ୯ ମହଲା ସରକାରୀ ଅଟ୍ଟାଳିକାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪,୦୦୦ ଇଭିଏମ୍ ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ ହୋଇଯାଇଛି। ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ସେବା ମନ୍ତ୍ରୀ କୌଶିକ ଚୌଧୁରୀ ଏହି ଘଟଣା ପଛରେ ଷଡ଼ଯନ୍ତ୍ରର ଆଶଙ୍କା ପ୍ରକଟ କରିଥିବାବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦକ୍ଷିଣ କୋଲକାତାର ଆଲିପୁରସ୍ଥିତ ଏହି ଅଟ୍ଟାଳିକାରେ ଦକ୍ଷିଣ ୨୪ ପ୍ରଗଣା



**ମାମଲା ରୁଜୁ କରି ପୁଲିସର ତଦନ୍ତ ଆରମ୍ଭ**

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ ବିଭାଗ ରହିଥିଲା। ମନ୍ତ୍ରୀ ଶ୍ରୀ ଚୌଧୁରୀଙ୍କ ଅନୁଯାୟୀ, ନଷ୍ଟ ହୋଇଥିବା ଇଭିଏମ୍ ଗୁଡ଼ିକ ଗତ ବିଧାନସଭା ନିର୍ବାଚନରେ ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିଲା। ତେବେ ଗତକାଲି ଏଗୁଡ଼ିକରେ କୌଣସି ଅଜଣା କାରଣରୁ ନିଆଁ ଲାଗିଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀକୁ ପ୍ରାୟ ୨୪ ଘଣ୍ଟା ସମୟ ଲାଗିଥିଲା। ନିଆଁ ପ୍ରଥମେ ଦ୍ୱିତୀୟ ଓ ତୃତୀୟ ମହଲାରେ ଦେଖାଯାଇଥିଲା, କିନ୍ତୁ ଚତୁର୍ଥ, ପଞ୍ଚମ ଓ ▶ପୃଷ୍ଠା-୭

**ସଞ୍ଜୟ ଓ ଗେହଲଟ୍‌ଙ୍କ ଟିପ୍ପଣୀ ପରେ ଚର୍ଚ୍ଚା ଘନୀଭୂତ**

# ଗଠନ ହେବ ଅଖଣ୍ଡ କଂଗ୍ରେସ !

■ ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ବିଭିନ୍ନ ସମୟରେ ମୂଳ କଂଗ୍ରେସରୁ ଭିନ୍ନ ହୋଇ ଅନେକ ଦଳ ଗଠନ ହୋଇଛି। କିଛି ଦଳ ଜାତୀୟସ୍ତରରେ ନିଜର ଆଧିପତ୍ୟ ଜାରି ରଖିଛନ୍ତି ଓ କିଛି ଆଞ୍ଚଳିକସ୍ତରରେ ଅଟକି ଯାଇଛି। ପଶ୍ଚିମବଙ୍ଗ ବିଧାନସଭାରେ ମମତା ବାନାର୍ଜୀଙ୍କ ତୃଣମୂଳର ବିପର୍ଯ୍ୟୟ ପରେ

**ମମତା ଓ ଶରଦଙ୍କ ଉପରେ ସାରା ଦେଶର ନଜର**

କଂଗ୍ରେସରେ ମମତାଙ୍କ ଦଳ ବିଲୀନ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଶରଦ ପାୱାରଙ୍କ ଏନ୍‌ସିପି ମଧ୍ୟ ପୁନର୍ବାର ମୂଳ କଂଗ୍ରେସରେ ବିଲୀନ ହେବ ବୋଲି ଆଲୋଚନା ଚାଲିଛି। ଯଦିଓ ବିଭିନ୍ନ ପ୍ରସଙ୍ଗ, ରାଜନୈତିକ ପତିଆରା, ନେତୃତ୍ୱ ଦ୍ୱନ୍ଦ୍ୱ ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି; ତଥାପି ଶିବସେନା (ଉଦ୍ଧବ) ନେତା ସଞ୍ଜୟ ରାଉତ ଓ ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ୍‌ଙ୍କ ଟିପ୍ପଣୀ କଂଗ୍ରେସର ଏକତ୍ରୀକରଣ ଚର୍ଚ୍ଚାକୁ ଘନୀଭୂତ କରିଛି।



ଶ୍ରୀ ରାଉତ କହିଛନ୍ତି ଯେ କଂଗ୍ରେସରୁ ବାହାରି ଅଲଗା ଗଠନ ହୋଇଥିବା ଦଳଗୁଡ଼ିକ ପୁଣି କଂଗ୍ରେସ ସହ ମିଶିଯିବା ଉଚିତ। ବିଜେପି ବିରୋଧରେ ଏକ ଶକ୍ତିଶାଳୀ ବିକଳ୍ପ ତିଆରି କରିବାକୁ ହେଲେ ବିରୋଧୀ ଶକ୍ତିର ଏକତା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ ତୃଣମୂଳ, ଏନ୍‌ସିପି ଆଦି ଦଳର ନାମ ଉଲ୍ଲେଖ କରିଛନ୍ତି। ସେହିପରି ଗେହଲଟ୍ କହିଛନ୍ତି ଯେ କଂଗ୍ରେସରୁ ଅଲଗା ହୋଇ ଗଠିତ ହୋଇଥିବା ଆଞ୍ଚଳିକ ଦଳମାନେ ପୁଣି ମୂଳ ଦଳକୁ ଫେରିବା ଉଚିତ ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସ୍ୱୀକାର କରିବା ଦରକାର। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଶରଦ ପାୱାରଙ୍କ ଏନସିପି, ୱାଇଏସଆର କଂଗ୍ରେସ ଭଳି ଅନେକ ଦଳ ବିଭିନ୍ନ ସମୟରେ ମୂଳ କଂଗ୍ରେସରୁ ବିଚ୍ଛିନ୍ନ ହୋଇ ଅଲଗା ଦଳର ମାନ୍ୟତା ପାଇଛନ୍ତି। ମାତ୍ର ଆଜି ମଧ୍ୟ ଏହି ଦଳଗୁଡ଼ିକ ସହ କଂଗ୍ରେସ ଶବ୍ଦ ସଂଯୋଗ ରହିଛି।

ତେବେ କଂଗ୍ରେସର ଏହି ଦଳଗୁଡ଼ିକର ବିଲୀନ ପଦ୍ଧତି ଏତେ ସହଜ ହେବ ନାହିଁ ବୋଲି ରାଜନୈତିକ ବିଶ୍ଳେଷକ ମନେ କରୁଛନ୍ତି। ଏହି ଦଳଗୁଡ଼ିକ କେବଳ ରାଜନୈତିକ ▶ପୃଷ୍ଠା-୭

# ଓଡ଼ିଶା ଛୁଇଁଲା ମୌସୁମୀ

**ଏଥର ଉତ୍ତର ଓଡ଼ିଶା ପଟୁ ରାଜ୍ୟ ପ୍ରବେଶ**



■ ଭୁବନେଶ୍ୱର, ୧୨।୬ (ସମିସ): ଓଡ଼ିଶା ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଚଳିତ ବର୍ଷ ଉତ୍ତର ଓଡ଼ିଶାରୁ ମୌସୁମୀ ରାଜ୍ୟକୁ ପ୍ରବେଶ କରିଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି। ଆସନ୍ତା ୨-୩ ଦିନ ମଧ୍ୟରେ ମୌସୁମୀ ରାଜ୍ୟର ଅନ୍ୟ କିଛି ଅଞ୍ଚଳକୁ ମଧ୍ୟ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।

ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ରାଜ୍ୟର ବହୁତ କମ୍ ଅଞ୍ଚଳକୁ ମୌସୁମୀ ପ୍ରବେଶ କରିଛି। ପାରାଦୀପ, ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନ, ଭଦ୍ରକ ଓ ମୟୂରଭଞ୍ଜର କିଛି ସ୍ଥାନ ଦେଇ ମୌସୁମୀ ଅଗ୍ରସର ହୋଇଛି। ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ସ୍ଥିତି ଅନୁକୂଳ ରହିଛି। ଆସନ୍ତା ୨ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଭାରି ବର୍ଷାର ସମ୍ଭାବନା ରହିଛି। ଏହି କ୍ରମରେ ଶନିବାର ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଆଦି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ରବିବାର ମଧ୍ୟ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି କେନ୍ଦ୍ର କହିଛି।

ଅନ୍ୟପକ୍ଷରେ ଓଡ଼ିଶାକୁ ମୌସୁମୀ ସ୍ପର୍ଶ କରିଥିଲେ ହେଁ ବର୍ତ୍ତମାନ ଆଶାନୁରୂପ ବର୍ଷା ହେବନାହିଁ ବୋଲି ପାଣିପାଗବିଜ୍ଞାନୀମାନେ ମତ ଦେଇଛନ୍ତି। ୧୭ ତାରିଖ ପରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ମୌସୁମୀକୁ ଅଧିକ ସକ୍ରିୟ କରାଇବ ଓ ଏହାପରେ ବର୍ଷା ହେବ ବୋଲି ଆକଳନ କରାଯାଇଛି। ତେବେ ଚଳିତ ବର୍ଷ ଏଲ୍-ନିନୋ ସକ୍ରିୟ ହୋଇ ସାରିଥିବାରୁ ମୌସୁମୀ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଆଇଏମ୍‌ଡି ସମେତ ବିଶ୍ୱସ୍ତରରେ ପାଣିପାଗ ସଂସ୍ଥା କହିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଏକ ଶକ୍ତିଶାଳୀ ବା 'ସୁପର ଏଲ୍ ନିନୋ' ଓଡ଼ିଶା ପାଇଁ କେବେ ବି ବଡ଼ ବିପର୍ଯ୍ୟୟ ହେବନାହିଁ। ତେବେ ରାଜ୍ୟବାସୀ ଓ ସରକାର ସଠିକ୍ ସମୟରେ ସତର୍କ ହେବା ଦରକାର। ଜଳବାୟୁ ସୂଚନା ସହିତ କୃଷି, ଜଳସମ୍ପଦ ପରିଚାଳନା, ପୁଷ୍ଟିସାଧନ, ରୋଜଗାର ସୃଷ୍ଟି ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଏକାଠି ଯୋଡ଼ି ପଦକ୍ଷେପ ନେଲେ ରାଜ୍ୟର ସମ୍ଭାବ୍ୟ କ୍ଷୟକ୍ଷତିକୁ ବହୁ ପରିମାଣରେ ରୋକାଯାଇପାରିବ। ୨୦୨୬-୨୭ର ଏହି ସମ୍ଭାବ୍ୟ ଏଲ୍ ନିନୋ ପରିସ୍ଥିତିରେ ଆତଙ୍କିତ ନ ହେବା ପରିବର୍ତ୍ତେ ଏଥିପାଇଁ ପୂର୍ବ ପ୍ରସ୍ତୁତି କଲେ ମୁକାବିଲା କରାଯାଇ ପାରିବ ବୋଲି ସେ କହିଛନ୍ତି।

**ଲଘୁଚାପ ଯୋଗୁଁ ୧୭ ପରେ ବଢ଼ିବ ବର୍ଷା**

**ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା**

# କେଜିରୁ ପିଜି ପାଠପଢ଼ା ସମ୍ପୂର୍ଣ୍ଣ ମାଗଣା

- ୨ ବର୍ଷରେ ରୂପାୟନ ହୋଇଛି ୧୨୧ ଯୋଜନା ଓ କାର୍ଯ୍ୟକ୍ରମ
- ୩ ବର୍ଷରେ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ
- ୪ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳଯୋଗାଣ
- ୩୫ ଲକ୍ଷ ପରିବାରଙ୍କୁ ମିଳିବ ପକ୍କା ଘର
- ୩ ଜିଲ୍ଲାରେ ଶୀଘ୍ର ସ୍ଥାପନ ହେବ ମେଡିକାଲ କଲେଜ



■ ଭୁବନେଶ୍ୱର, ୧୨।୬ (ସମିସ): ଆମ ସରକାର ଶିକ୍ଷାକୁ ପ୍ରକୃତ ଅର୍ଥରେ ଦେୟମୁକ୍ତ ଓ ସାର୍ବଜନୀନ କରିବା ପାଇଁ ଚାହୁଁଛନ୍ତି। ଏଥିପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସଂପୂର୍ଣ୍ଣ ଦେୟମୁକ୍ତ କରାଯିବ। ଶିକ୍ଷା କ୍ଷେତ୍ରରେ ଏପରି ଏକ ପଦକ୍ଷେପ ସାରା ଦେଶରେ ପ୍ରଥମଥର ପାଇଁ ଓଡ଼ିଶାରେ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗତ ୨ ବର୍ଷର ସଫଳତା ଓ ଆଗାମୀ ବର୍ଷରେ ସରକାରଙ୍କ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୨ ବର୍ଷରେ ଆମ ସରକାରଙ୍କ ପଦକ୍ଷେପ ଯୋଗୁଁ ବିକାଶ ଓ ସଶକ୍ତିକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆସିଛି। ଆମର ▶ପୃଷ୍ଠା-୭

## ନିଟ୍ (ୟୁଜି) ପରୀକ୍ଷାର୍ଥୀଙ୍କୁ ମିଳିବ ଅତିରିକ୍ତ ୧୫ ମିନିଟ୍

■ ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ଜୁନ ୨୧ ତାରିଖରେ ହେବାକୁ ଥିବା ଡାକ୍ତରୀ ପ୍ରବେଶିକାରେ ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ କିଛି ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି। ପରୀକ୍ଷା ସମୟକୁ ୧୫ ମିନିଟ୍ ଅଧିକ ଅର୍ଥାତ୍ ୧୯୫ ମିନିଟ୍ କରାଯାଇଛି। ଦିନ ୨ଟାରୁ ସନ୍ଧ୍ୟା ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଉପସ୍ଥାନ ପଞ୍ଜିକରଣ, ଦସ୍ତଖତ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ପରୀକ୍ଷାର୍ଥୀଙ୍କ ସମୟ ନଷ୍ଟ ନ ହେବା ପାଇଁ ଏହି ଅତିରିକ୍ତ ୧୫ ମିନିଟ୍ ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଶ୍ନପତ୍ରରେ ରଫ୍ କାମ ପାଇଁ ଥିବା ପୃଷ୍ଠା ସଂଖ୍ୟାକୁ ଦୁଇରୁ ବଢ଼ାଇ ଚାରି କରାଯାଇଛି। ପୂର୍ବରୁ ସମସ୍ତ ରଫ୍ ପୃଷ୍ଠା ଶେଷ ଭାଗରେ ରହୁଥିଲା। ଏବେ ଦୁଇଟି ପୃଷ୍ଠା ନିର୍ଦ୍ଦେଶାବଳୀ ପରେ ଏବଂ ଅନ୍ୟ ଦୁଇଟି ପ୍ରଶ୍ନପତ୍ରର ଶେଷରେ ରଖାଯିବ। ସଂସ୍ଥା କହିଛି, ଏହି ପରିବର୍ତ୍ତନ ବିଶେଷକରି ଗଣନା, ଚିତ୍ର ଅଙ୍କନ ଓ ଟିପ୍ପଣୀ ଲେଖିବାରେ ସହାୟକ ହେବ।



**ବିଜେପି ବିଧାୟକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ**

## ଚର୍ଚ୍ଚିତ ସରପଞ୍ଚ ଚାମେଲିଙ୍କୁ ଦୁଷ୍କର୍ମ ଧମକ

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୨।୬(ସମିସ): ଶାସକ ବିଜେପି ଦଳର ନେତ୍ରୀ ତଥା କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କୁ ଦିଆଯାଇଛି ଦୁଷ୍କର୍ମ ଧମକ। ଛବିରାଣୀ ପରି ତାଙ୍କୁ ଦୁଷ୍କର୍ମ କରାଯିବ ବୋଲି ସ୍ଥାନୀୟ ବିଜେପି ବିଧାୟକଙ୍କ ଲୋକମାନେ ତାଙ୍କୁ ଧମକ ଦେଇଥିବା ସାଂଘାତିକ ଅଭିଯୋଗ କରିଛନ୍ତି ଚାମେଲି। ଏ ସଂକ୍ରାନ୍ତରେ ସେ ସିଧା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଜେପି ବିଧାୟକ ଓ ସ୍ଥାନୀୟ ବିଧାୟକ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏପରିକି ସେ ବିଧାୟକଙ୍କ 'ଆଶା' ପୂରଣ କରିବାରେ ଅମଙ୍ଗ ହେବାରୁ ଆକ୍ରୋଶର ଶିକାର ହୋଇଥିବା ମଧ୍ୟ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ସରଗରମ ହୋଇଛି ରାଜ୍ୟ ରାଜନୀତି। ଖୋଦ ଶାସକ ବିଜେପିର ଜଣେ କର୍ମୀ ତଥା ନିର୍ବାଚିତ ମହିଳା ଜନ ପ୍ରତିନିଧିଙ୍କୁ ଶାସକ ଦଳର ବିଧାୟକ ଓ ବିଡ଼ିଓଙ୍କ ଉତ୍ପୀଡ଼ନକୁ ନେଇ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ବର୍ଷିଛନ୍ତି। ପ୍ରଶାସନ ଓ ସରପଞ୍ଚ ସଂଘ ଏହି ଘଟଣାକୁ ନେଇ ମୁହାଁମୁହିଁ ହୋଇଛନ୍ତି। ତାଙ୍କୁ ପୁଲିସ ଟଣାଓଟରା କରିବା ଓ ବିଡ଼ିଓଙ୍କ କାର୍ଯ୍ୟାଳୟ ପରିସରରେ ଘଟିଥିବା ଘଟଣାର ଫେସବୁକ୍ ଲାଇଭ୍ କରିବା ଘଟଣାକୁ ନେଇ ▶ପୃଷ୍ଠା-୭

**ଦଳୀୟ କର୍ମୀ ଭାବରେ ନ୍ୟାୟ ଭିକ୍ଷା କରି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି**



- ବିଡ଼ିଓ ଓ ପୁଲିସ ଅଭିଯୋଗ ଆଧାରରେ ଚାମେଲିଙ୍କ ବିରୋଧରେ ମାମଲା
- ଚମେଲିଙ୍କୁ ସରପଞ୍ଚ ସଂଘର ସମର୍ଥନ, ସରକାରଙ୍କୁ କରିବ ଅସହଯୋଗ
- ସରକାରଙ୍କୁ ଘେରିଲା ବିଜେଡି, ଥାନା ସମ୍ମୁଖରେ କଂଗ୍ରେସର ପ୍ରତିବାଦ ଆଜି

**ପୁଲିସର ନିର୍ଯାତନା ଓ ନ୍ୟାୟ ପ୍ରଦାନରେ ପକ୍ଷପାତିତା**

# ଏସ୍‌ପି ଅଫିସ୍ ଆଗରେ ବାପ-ପୁଅଙ୍କ ଆତ୍ମାହୁତି ଉଦ୍ୟମ

■ ଢେଙ୍କାନାଳ, ୧୨।୬ (ସମିସ): ଏସ୍‌ପି ଅଫିସ୍ ଆଗରେ ବାପା-ପୁଅଙ୍କ ଆତ୍ମାହୁତି ଉଦ୍ୟମ। ପୁଲିସର ନିର୍ଯାତନା ଓ ନ୍ୟାୟ ପ୍ରଦାନରେ ପକ୍ଷପାତିତା ଅଭିଯୋଗ କରି ବାପା-ପୁଅ ଢେଙ୍କାନାଳ ଏସ୍‌ପି ଅଫିସ୍ ଆଗରେ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ସେମାନେ ହେଲେ, ସଦର ଥାନା ଭାପୁର ଫାଣ୍ଡି ରାଣୀପାଳ ଗ୍ରାମର ପଦ୍ମନାଭ ରାଉତ ଓ ତାଙ୍କ ପୁଅ ତଥା ଆଇନ ଛାତ୍ର ସରୋଜ ରାଉତ।

ମିଳିଥିବା ସୂଚନାନୁଯାୟୀ, ପୈତୃକ ସମ୍ପତ୍ତିକୁ ନେଇ ପଦ୍ମନାଭଙ୍କ ସହ ତାଙ୍କ ଭାଇମାନଙ୍କ ବିବାଦ ଲାଗି ରହିଛି। ପ୍ରାୟ ୩ ଗୁଣ୍ଠ ଜମିକୁ ଭାଇମାନେ ହଡେଇ ନେଇଥିବାରୁ ଏନେଇ ପଦ୍ମନାଭ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ଏହି ଘଟଣାରେ ପକ୍ଷପାତ କରି ସେମାନଙ୍କ ବିରୋଧରେ ପାଲଟା ମାମଲା ରୁଜୁ କରିବା ସହ ସେମାନଙ୍କୁ ମାନସିକ ନିର୍ଯାତନା ଦେଇଛି ବୋଲି ପଦ୍ମନାଭ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପୁଅ ସରୋଜ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଦ୍ୱିତୀୟବର୍ଷ ଛାତ୍ର ହୋଇଥିବା ବେଳେ ତା' ନାମରେ ମାମଲା ହୋଇଥିବାରୁ ଏଥିଯୋଗୁଁ ତା'ର କ୍ୟାରିୟର୍ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ପୁଲିସର ଏହି ପକ୍ଷପାତ ପ୍ରତିବାଦରେ ଆଜି ପୂର୍ବାହ୍ନରେ ବାପ-ପୁଅ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସୌଭାଗ୍ୟକୁ କାର୍ଯ୍ୟାଳୟ ପରିସରରେ ଥିବା ପୁଲିସ କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଥିଲା। ପୁଲିସ ଉଭୟଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛି।



ଏ ସମ୍ପର୍କରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଘଟଣାର ତଦନ୍ତ ହେବ। ପୁଲିସ ପକ୍ଷରୁ କୌଣସି ତ୍ରୁଟି ଥିବା ଜଣାପଡ଼ିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମୃତଦେହକୁ ନେଇ ଅଶାଳୀନ ମନ୍ତବ୍ୟ: ମେଡିକାଲ ଛାତ୍ରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ମୁମ୍ବାଇର କେଇଏମ୍ ହସ୍ପିଟାଲର ଜଣେ ଏମବିବିଏସ ଛାତ୍ରୀ ସେଜଲ ପାୱାର, ଜଣେ ହାସ୍ୟ ଅଭିନେତାଙ୍କ ଶୋ'ରେ ମୃତଦେହର ଗୁପ୍ତାଙ୍ଗକୁ ନେଇ ଅଶାଳୀନ ଓ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦରେ ଛନ୍ଦି ହୋଇଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ମୃତଦେହ ଓ ଅଙ୍ଗଦାନ କରିଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଅସମ୍ମାନଜନକ ଆଭିମୁଖ୍ୟକୁ ନେଇ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ମେଡିକାଲ କଲେଜର ଅଧ୍ୟକ୍ଷ ଡାକ୍ତର ହରିଶ ପାଠକ ଏହାକୁ ସମ୍ପୂର୍ଣ୍ଣ ଅଗ୍ରହଣୀୟ କହିବା ସହ ଘଟଣାର ତଦନ୍ତ ପାଇଁ ଏକ ଦୁଇ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଅଲ୍ ଇଣ୍ଡିଆ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏସନ (ଏଆଇଏମଏସଏ) ମଧ୍ୟ ଏହି ଘଟଣାକୁ କଡ଼ା ନିନ୍ଦା କରିବା ସହ ଛାତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ବିବାଦ ବଢ଼ିବା ପରେ ସେଜଲ ପାୱାର ନିଜର ଭୁଲ୍ ସ୍ୱୀକାର କରି ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି।

## ୧୨ କୋଟିର ନିଶାଦ୍ରବ୍ୟ ସହ କେରଳ ମଡେଲ ଗିରଫ



ମୁମ୍ବାଇ, ୧୨।୬(ଏଜେନ୍ସି): ବ୍ୟାଙ୍କକରୁ ମୁମ୍ବାଇକୁ କୋଟି କୋଟି ଟଙ୍କାର ଗଞ୍ଜେଇ (ହାଇଡ୍ରୋପୋନିକ୍ ମାରିଜୁଆନା) ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣେ ୨୮ ବର୍ଷୀୟା ମଡେଲଙ୍କୁ ଗିରଫ କରାଯାଇଛି। ଗିରଫ ମଡେଲ ଜଣକ ହେଉଛନ୍ତି ହର୍ଷା ସନି, ଯିଏ କି ପୂର୍ବରୁ 'ମିସେସ୍ କେରଳ ୨୦୨୫' ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗତ ଜୁନ୍ ୧୦-୧୧ ବିଳମ୍ବିତ ରାତିରେ ସେ ଏୟାର ଇଣ୍ଡିଆ ବିମାନ ଯୋଗେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ କଷ୍ଟମ୍ସ ବିଭାଗ ଓ ଏୟାର ଇଣ୍ଟେଲିଜେନ୍ସ ୟୁନିଟ୍ (ଏଆଇୟୁ) ଅଧିକାରୀମାନେ ତାଙ୍କୁ ସନ୍ଦେହଜନକ ଅବସ୍ଥାରେ ଅଟକ ରଖିଥିଲେ। ତାଙ୍କର ଟ୍ରଲି ବ୍ୟାଗ୍ ଯାଞ୍ଚ କରିବା ସମୟରେ ଅଧିକାରୀମାନେ ସେଥିରୁ ୧୨ଟି ଭାକ୍ୟୁମ୍-ସିଲ୍ଡ ପ୍ଲାଷ୍ଟିକ୍ ପ୍ୟାକେଟ୍ ଜବତ କରିଥିଲେ। ଜବତ ହୋଇଥିବା ପ୍ରାୟ ୧୧ କିଲୋଗ୍ରାମ ଓଜନର ଏହି ଗଞ୍ଜେଇର ଅନ୍ତର୍ଜାତୀୟ ବଜାର ମୂଲ୍ୟ ୧୧.୮୨ କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

## ବ୍ରିଟିଶ ଚିତ୍ରଶିଳ୍ପୀ ଡେଭିଡ୍ ହକ୍ନିଙ୍କ ପରଲୋକ



ଲଣ୍ଡନ, ୧୨।୬(ଏଜେନ୍ସି): ସମସାମୟିକ କଳାଜଗତର ଅନ୍ୟତମ ପ୍ରଖ୍ୟାତ ତଥା ପ୍ରଭାବଶାଳୀ ବ୍ରିଟିଶ ଚିତ୍ରଶିଳ୍ପୀ ଡେଭିଡ୍ ହକ୍ନିଙ୍କର ୮୮ ବର୍ଷ ବୟସରେ ପରଲୋକ ଘଟିଛି। ଗୁରୁବାର ଦିନ ଲଣ୍ଡନ ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ନେଇ ଶୁକ୍ରବାର ତାଙ୍କର ପ୍ରବକ୍ତା ସୂଚନା ଦେଇଛନ୍ତି। ତାଙ୍କର ରଙ୍ଗବିରଙ୍ଗର ପ୍ରାକୃତିକ ଦୃଶ୍ୟ, ସୁଇମିଂ ପୁଲ୍ ଚିତ୍ର ଏବଂ ଆଧୁନିକ ଆଇପ୍ୟାଡ୍ ଡ୍ରଇଂ ସାରା ବିଶ୍ୱରେ କଳା ପ୍ରେମୀଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲା। ୧୯୩୭ରେ ବ୍ରାଡଫୋର୍ଡରେ ଜନ୍ମିତ ହକ୍ନି ନିଜର ପ୍ରାୟ ୭ ଦଶନ୍ଧିର କ୍ୟାରିୟର ମଧ୍ୟରେ ପପ୍ ଆର୍ଟ, ଫଟୋଗ୍ରାଫି, କୋଲାଜ୍ ଏବଂ ଡିଜିଟାଲ୍ ଚିତ୍ରକଳାରେ ଅନେକ ନୂତନ ପ୍ରୟୋଗ କରିଥିଲେ। ୧୯୬୦ ଦଶକରେ ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ସେ ସମୟରେ ବ୍ରିଟେନରେ ସମଲିଙ୍ଗୀ ସମ୍ପର୍କ ଆଇନଗତ ଭାବେ ବୈଧ ନଥିଲେ ମଧ୍ୟ ସେ ନିଜ ଚିତ୍ର ମାଧ୍ୟମରେ ଏହାକୁ ସାହସର ସହ ପ୍ରଦର୍ଶିତ କରିଥିଲେ। ୨୦୧୮ ରେ ତାଙ୍କର ଏକ ପ୍ରସିଦ୍ଧ ଚିତ୍ର 'ପୋଟ୍ରେଟ ଅଫ୍ ଆନ୍ ଆର୍ଟିଷ୍ଟ' ୯୦.୩ ମିଲିୟନ୍ ଡଲାରରେ ନିଲାମ ହୋଇ ସେତେବେଳେ ଜଣେ ଜୀବିତ ଚିତ୍ରଶିଳ୍ପୀଙ୍କ ପାଇଁ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା।

## ସମ୍ପତ୍ତି ମାମଲାରେ ହାରିବା ପରେ ବୃଦ୍ଧ ପିତାଙ୍କୁ ହତ୍ୟା

ଛତ୍ରପତି ସମ୍ଭାଜୀନଗର, ୧୨।୬(ଏଜେନ୍ସି): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଅଦାଲତରେ ସମ୍ପତ୍ତି ମାମଲାରେ ହାରିବା ପରେ ଜଣେ ପୁଅ ୮୨ ବର୍ଷୀୟ ବୃଦ୍ଧ ପିତାଙ୍କୁ ମଝି ରାସ୍ତାରେ ଛୁରାମାଡ଼ କରି ହତ୍ୟା କରିଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଜାଫର କମରୁଦ୍ଦିନ ସୟଦ ପଟେଲ ଏବଂ ଅଭିଯୁକ୍ତ ପୁଅର ନାମ ଅବଦୁଲ ରେହମାନ। ଜାଫର ଜଳସମ୍ପଦ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ଥିଲେ। ପୁଅର ଖରାପ ବ୍ୟବହାର ଓ ଗଣ୍ଡଗୋଳ ଯୋଗୁଁ ଜାଫର ତାଙ୍କୁ ଘରୁ ବାହାର କରିବା ପାଇଁ ଦୁଇ ବର୍ଷ ହେବ ଏକ ଆଇନଗତ ଲଢେଇ ଲଢୁଥିଲେ। ଅଦାଲତ ଜାଫରଙ୍କ ସପକ୍ଷରେ ରାୟ ଦେଇ ପୁଅକୁ ସେହି ଘରୁ ବେଦଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାଫର କୋର୍ଟରୁ ସେହି ଆଦେଶନାମା ଧରି ନିଜ ଝିଅ ସହ ଅଟୋରିକ୍ସାରେ ଘରକୁ ଫେରୁଥିବା ବେଳେ, କ୍ରୋଧିତ ପୁଅ ମଝି ରାସ୍ତାରେ ଅଟୋକୁ ଅଟକାଇଥିଲା। ସେ ସମସ୍ତଙ୍କ ସମ୍ମୁଖରେ ପିତାଙ୍କୁ ନିର୍ମମ ଭାବେ ଛୁରାମାଡ଼ କରିଥିଲା। ଏଥିରେ ଜାଫରଙ୍କ ମୃତ୍ୟୁ ଘଟିଥିଲା।

**ରାଜ୍ୟସଭା ନାମାଙ୍କନ ନାକଚ ମାମଲା**

# ସୁପ୍ରିମକୋର୍ଟରେ ମୀନାକ୍ଷୀଙ୍କ ଆବେଦନ ଖାରଜ



**ନିର୍ବାଚନ ପ୍ରକ୍ରିୟା ବେଳେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ**

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ମଧ୍ୟପ୍ରଦେଶରୁ ରାଜ୍ୟସଭା ପାଇଁ ଦାଖଲ ହୋଇଥିବା ମୀନାକ୍ଷୀ ନଟରାଜନଙ୍କ ମନୋନୟନପତ୍ର ବାତିଲକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ନ୍ୟାୟମୂର୍ତ୍ତି ପ୍ରଶାନ୍ତ କୁମାର ମିଶ୍ର ଓ ନ୍ୟାୟମୂର୍ତ୍ତି ଅତୁଲ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟା ସମୟରେ ନ୍ୟାୟିକ ହସ୍ତକ୍ଷେପକୁ ଆଇନ ଅନୁମତି ଦେଉନାହିଁ। ମନୋନୟନ ବାତିଲ ହୋଇଥିଲେ ଏହାର ପ୍ରତିକାର ନିର୍ବାଚନ ଆବେଦନ ମାଧ୍ୟମରେ କରାଯାଇପାରିବ। ନିର୍ବାଚନ ଅଧିକାରୀ ମୀନାକ୍ଷୀ ନଟରାଜନଙ୍କ ମନୋନୟନପତ୍ରକୁ ବାତିଲ କରିଥିଲେ। ତାଙ୍କ ବିରୋଧରେ ତେଲଙ୍ଗାନାରେ ଚାଲିଥିବା ଏକ ଅଭିଯୋଗ ମାମଲା ସମ୍ପର୍କିତ ସୂଚନା ସେ ଆବଶ୍ୟକ ଶପଥପତ୍ରରେ ଉଲ୍ଲେଖ କରି ନ ଥିବା ଅଭିଯୋଗ ହୋଇଥିଲା। ଏହାସହ ଶପଥପତ୍ର ଅସମ୍ପୂର୍ଣ୍ଣ ଥିବା କାରଣ ମଧ୍ୟ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ମାମଲାରେ ଏପର୍ଯ୍ୟନ୍ତ ନ୍ୟାୟାଳୟ କୌଣସି ସଂଜ୍ଞାନ ନେଇନଥିଲେ ଏବଂ ଅଭିଯୋଗ ଗଠନ ମଧ୍ୟ ହୋଇନଥିଲା। ତେଣୁ ମନୋନୟନ ବାତିଲ କରିବା ବେଆଇନ। କିନ୍ତୁ ଖଣ୍ଡପୀଠ ଏହି ଯୁକ୍ତିକୁ ଗ୍ରହଣ କରିନଥିଲେ। ନ୍ୟାୟାଳୟ କହିଛନ୍ତି, ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଏଭଳି ହସ୍ତକ୍ଷେପ କରିବା ସାମ୍ବିଧାନିକ ବ୍ୟବସ୍ଥାର ବିରୋଧୀ ହେବ। ରାୟ ପରେ ମୀନାକ୍ଷୀ ନଟରାଜନ କହିଛନ୍ତି ଯେ ସେ କୌଣସି ସୂଚନା ଲୁଚାଇ ନାହାନ୍ତି। ତାଙ୍କ ମତରେ, ଶପଥପତ୍ରରେ ବ୍ୟକ୍ତିଗତ ଅଭିଯୋଗ ମାମଲା ଉଲ୍ଲେଖ କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିଲା। ଯଦି ସେପରି ଆବଶ୍ୟକତା ଥାଆନ୍ତା, ସେ ନିଶ୍ଚୟ ସୂଚନା ଦେଇଥାନ୍ତେ ବୋଲି କହିଛନ୍ତି। ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିର୍ବାଚନ ଶେଷ ହେବା ପରେ ମୀନାକ୍ଷୀ ନଟରାଜନ ଚାହିଁଲେ ନିର୍ବାଚନ ଆବେଦନ ଦାଖଲ କରିପାରିବେ ଏବଂ ଏହି ରାୟ ଭବିଷ୍ୟତରେ ଏପରି କୌଣସି ଆବେଦନ ଉପରେ ପ୍ରଭାବ ପକାଇବ ନାହିଁ।

# ଟ୍ରମ୍ପଙ୍କ ଇରାନ ଯୋଜନା ଅନ୍ଧାରରେ ଥିଲେ ନେତନ୍ୟାହୁ



ୱାସିଂଟନ, ୧୨।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ଆକ୍ରମଣକୁ ସ୍ଥଗିତ ରଖିବା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ ପାଇଁ ଏକ ଚିଠା ପ୍ରସ୍ତାବକୁ ତେହେରାନର ନେତୃତ୍ୱ ଅନୁମୋଦନ କରିଛନ୍ତି ବୋଲି ଦାବି କରିବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଆମେରିକାର ଏକ ପ୍ରକାଶନର ରିପୋର୍ଟ ଅନୁଯାୟୀ, ନେତନ୍ୟାହୁ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଆଲୋଚନା ବିଷୟରେ ଅଜ୍ଞ ଥିଲେ ଏବଂ ସୂଚନା ପାଇବା ପାଇଁ ଟ୍ରମ୍ପ ପ୍ରଶାସନର ନିକଟତର ସହଯୋଗୀମାନଙ୍କୁ ଯୋଗାଯୋଗ କରୁଥିଲେ। ଏହି ଦୁଇ ବନ୍ଧୁଙ୍କ ମଧ୍ୟରେ ମତଭେଦ ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ ଆମେରିକା ଏବଂ ଇସ୍ରାଏଲର ଯୁଦ୍ଧ ସ୍ୱାର୍ଥ ଅଲଗା ହେବାରେ ଲାଗିଛି। ନଭେମ୍ବରରେ ହେବାକୁ ଥିବା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଦର ନିୟନ୍ତ୍ରଣ କରିବା ପାଇଁ ଟ୍ରମ୍ପ ଯୁଦ୍ଧ ଶେଷ କରିବାକୁ ଚାହୁଁଥିବା ବେଳେ, ଚଳିତ ବର୍ଷ ନିର୍ବାଚନର ସମ୍ମୁଖୀନ ହେବାକୁ ଥିବା ନେତନ୍ୟାହୁ ଯୁଦ୍ଧର ସଫଳତା ପାଇଁ ଚାପରେ ଅଛନ୍ତି। ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ସୂଚନା ଦେଇଛନ୍ତି ଯେ ଇରାନର ସର୍ବୋଚ୍ଚ ନେତୃତ୍ୱଙ୍କ ସହ ଆଲୋଚନା ସଫଳ ହୋଇଛି ଏବଂ ଏକ ଚିଠା ପ୍ରସ୍ତାବ ଅନୁମୋଦିତ ହୋଇଛି। ଏହି କାରଣରୁ ସେ ଇରାନ ଉପରେ ହେବାକୁ ଥିବା ଆକ୍ରମଣକୁ ବାତିଲ କରିଛନ୍ତି। ଏହି ଆଲୋଚନାରେ ଆମେରିକା, ଇସ୍ରାଏଲ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କତାର, ତୁର୍କୀ, ପାକିସ୍ତାନ ସମେତ ଅନ୍ୟାନ୍ୟ ଦେଶ ସାମିଲ ଥିଲେ ବୋଲି ସେ ଦାବି କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏହି ବୁଝାମଣାରେ ଇସ୍ରାଏଲ କୌଣସି ପକ୍ଷ ନୁହେଁ। ତେବେ ଆଗାମୀ ଚୁକ୍ତିରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ମିଳୁଥିବା ସହାୟତା ବନ୍ଦ କରିବା ପାଇଁ ଟ୍ରମ୍ପ ରଖିଥିବା ସର୍ତ୍ତକୁ ନେତନ୍ୟାହୁ ପ୍ରଶଂସା କରିଛନ୍ତି। ଟ୍ରମ୍ପ ଏକ ଶୀଘ୍ର ବିଜୟ ଚାହୁଁଥିବା ବେଳେ, ନେତନ୍ୟାହୁ ଦୀର୍ଘ ଦିନ ଧରି ଯୁଦ୍ଧ କରି ଇରାନ ଏବଂ ହିଜବୁଲ୍ଲା ଭଳି ସଂଗଠନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଚାହୁଁଛନ୍ତି। ଯୁଦ୍ଧ ଯୋଗୁଁ ତେଲ ଦର ବୃଦ୍ଧି ପାଉଥିବାରୁ ଆମେରିକାର ଜନସାଧାରଣ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି, ଯାହା ଆଗାମୀ ନିର୍ବାଚନକୁ ପ୍ରଭାବିତ କରିପାରେ। ଦୀର୍ଘ ଦୁଇ ବର୍ଷର ଯୁଦ୍ଧ ପରେ ମଧ୍ୟ ହାମାସ ଏବଂ ହିଜବୁଲ୍ଲା ସମ୍ପୂର୍ଣ୍ଣ ଶେଷ ହୋଇନଥିବାରୁ ଇସ୍ରାଏଲବାସୀ ନେତନ୍ୟାହୁଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଏକ ଫୋନ କଲ୍ ମାଧ୍ୟମରେ ଟ୍ରମ୍ପ ନେତନ୍ୟାହୁଙ୍କ ଉପରେ ପ୍ରବଳ ଗାଳିଗୁଲଜ କରିଥିଲେ ଏବଂ ଲେବାନନରେ ଇସ୍ରାଏଲର ଆକ୍ରମଣକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଟ୍ରମ୍ପ କହିଥିଲେ ଯେ ସେ ନେତନ୍ୟାହୁଙ୍କୁ ଅନେକ ସାହାଯ୍ୟ କରିଛନ୍ତି, କିନ୍ତୁ ନେତନ୍ୟାହୁଙ୍କ ଜିଦ୍ ଯୋଗୁଁ ସମଗ୍ର ବିଶ୍ୱ ଏବେ ଇସ୍ରାଏଲକୁ ସନ୍ଦେହ ଚକ୍ଷୁରେ ଦେଖୁଛି। ଟ୍ରମ୍ପ ସର୍ବଦା ନେତନ୍ୟାହୁଙ୍କୁ ସମର୍ଥନ କରି ଆସିଛନ୍ତି, କିନ୍ତୁ ବର୍ତ୍ତମାନ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକାର ଆଭିମୁଖ୍ୟ ନେତନ୍ୟାହୁଙ୍କୁ ଏକ କଠିନ ପରିସ୍ଥିତିରେ ପକାଇ ଦେଇଛି। ନିଜ ଦେଶରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ମାତ୍ର ୩୭ ପ୍ରତିଶତ ଇସ୍ରାଏଲବାସୀ ଯୁଦ୍ଧର ଫଳାଫଳରେ ସନ୍ତୁଷ୍ଟ ଅଛନ୍ତି ଏବଂ ଅଧିକାଂଶ ଲୋକ ଯୁଦ୍ଧ ଜାରି ରଖିବା ସପକ୍ଷରେ ଅଛନ୍ତି। ଏଭଳି ସ୍ଥିତିରେ ନିଜର ରାଜନୈତିକ ସ୍ଥିତି ବଞ୍ଚାଇବା ନେତନ୍ୟାହୁଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

## ନେପାଳରେ ବସ୍ ଦୁର୍ଘଟଣା; ୮ ମୃତ

କାଠମାଣ୍ଡୁ, ୧୨।୬(ଏଜେନ୍ସି): ନେପାଳର କାଭ୍ରେପାଲାଞ୍ଚକ ଜିଲ୍ଲାରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଖାତକୁ ଖସିପଡ଼ିବା ଫଳରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ରାଜଧାନୀ କାଠମାଣ୍ଡୁଠାରୁ ପ୍ରାୟ ୬୦ କିଲୋମିଟର ପୂର୍ବରେ ଥିବା ବନେପା-ବାର୍ଦ୍ଧିବାସ ହାଇୱେର 'ସେଲଫି ହିଲ୍' ନିକଟରେ ଏହି ଦୁର୍ଘଟଣା ଘଟିଛି। ବସଟି ବନେପାରୁ ରୋଶୀ ଗ୍ରାମପାଳିକାର ସୁଙ୍ଗୁରେ ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇ ପାହାଡ଼ ଉପରୁ ପ୍ରାୟ ୨୦୦ ମିଟର ତଳକୁ ଗଡ଼ିଯାଇଥିଲା। ଦୁର୍ଘଟଣା ସମୟରେ ବସ୍‌ରେ ୨୪ ଜଣ ଯାତ୍ରୀ ଥିଲେ। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଧୁଲିଖେଲ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

**ପୁଣି ଏକ ଭାରତୀୟ ଜାହାଜ ଉପରେ ଆମେରିକାର ଆକ୍ରମଣ**

# ଇରାନକୁ ଦାୟୀ କଲେ ଟ୍ରମ୍ପ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଆଉ ଏକ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିଛି ଆମେରିକା ନୌସେନା। ଗତ ୭ ଦିନ ମଧ୍ୟରେ ଏହା ତୃତୀୟ ଘଟଣା। ପୂର୍ବରୁ ୨ଟି ଆକ୍ରମଣରେ ୩ ଜଣ ଭାରତୀୟ ମୃତ୍ୟୁବରଣ କରିଥିବାବେଳେ ଆଜି



ଆକ୍ରମଣରେ କେହି ମୃତାହତ ହୋଇ ନାହାନ୍ତି। ଏହାପରେ ଭାରତ ଶୁକ୍ରବାର ଆମେରିକାର କାର୍ଯ୍ୟନିର୍ବାହୀ ରାଷ୍ଟ୍ରଦୂତ ଜେସନ ମିକ୍ସଙ୍କୁ ଦ୍ୱିତୀୟ ଥର ତଲବ କରିଛି। ବିଦେଶ ମନ୍ତ୍ରାଳୟ ଆକ୍ରମଣ ବିରୋଧରେ କଡ଼ା ଆପତ୍ତି ଜାହିର କରିଛି।

ସେପଟେ ସବୁବେଳେ କଥା ଓଲଟପାଲଟ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ପାଇଁ ଆଜି ଇରାନକୁ ଦାୟୀ କରିଛନ୍ତି। ଟ୍ରୁଥ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଭାରତୀୟ ଜାହାଜ ଉପରେ ଇରାନର ଡ୍ରୋନ ଆକ୍ରମଣ ସମ୍ପୂର୍ଣ୍ଣ ରୂପେ ଅଗ୍ରହଣୀୟ। ତେବେ ଟ୍ରମ୍ପଙ୍କ ଏହି ବୟାନ ଆମେରିକୀୟ ସେନାର ପୂର୍ବ ବୟାନ ସହ ମେଳ ଖାଉନାହିଁ। ଗତକାଲି ଆମେରିକା ପକ୍ଷରୁ ଆକ୍ରମଣର ଭିଡିଓ ଜାରି କରାହୋଇଥିଲା। ଅବରୋଧ ନିୟମ ଉଲ୍ଲଙ୍ଘନ ବିରୋଧରେ ଆକ୍ରମଣ ହୋଇଥିବା ଆମେରିକା ସେନାବାହିନୀ ନିଶ୍ଚିତ କରିଛି। ଅପରପକ୍ଷରେ, ଇରାନ ଏହି ଆକ୍ରମଣ ପାଇଁ ଆମେରିକାକୁ ସମାଲୋଚନା କରିଛି। ଏଭଳି କାର୍ଯ୍ୟ ବିଶ୍ୱ ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି କହିବା ସହ ଏହାକୁ ଆମେରିକାର 'ରାଜ୍ୟ ପ୍ରାୟୋଜିତ ସାମୁଦ୍ରିକ ଡକାୟତି' ବୋଲି ଇରାନ ବର୍ଣ୍ଣନା କରିଛି। ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍‌ଓ) ର ସଚିବ ଜେନେରାଲ ଆର୍ସେନିଓ ଡୋମିଙ୍ଗୁଏଜ୍ ମଧ୍ୟ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାକୁ ନିନ୍ଦା କରିଛନ୍ତି।

ପରିସ୍ଥିତିର ଗମ୍ଭୀରତାକୁ ଦେଖି ଭାରତର ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସାମୁଦ୍ରିକ ସୁରକ୍ଷା ପରାମର୍ଶ ଜାରି କରାଯାଇଛି। ହର୍ମୁଜ୍ ପ୍ରଣାଳୀ, ଗଲ୍ଫ ଅଫ୍ ଓମାନ ଓ ଏହାର ଆଖପାଖ ଜଳସୀମାରେ କାର୍ଯ୍ୟରତ ପ୍ରାୟ ୧୮ ହଜାର ଭାରତୀୟ ନାବିକଙ୍କୁ ଉଚ୍ଚ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ସରକାରୀ ଆକଳନ ଅନୁସାରେ, ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀର ପୂର୍ବ ଓ ପଶ୍ଚିମ ଜଳସୀମାରେ ଭାରତୀୟ ପତାକା ବହନ କରୁଥିବା ୧୩ଟି ଜାହାଜରେ ୬୨୨ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ସେହିପରି ଉପସାଗରୀୟ ଅଞ୍ଚଳରେ ଯାତାୟତ କରୁଥିବା ବିଦେଶୀ ବାଣିଜ୍ୟିକ ଜାହାଜରେ ପ୍ରାୟ ୧୮ ହଜାର ଭାରତୀୟ କାମ କରୁଛନ୍ତି।

## ମମତାଙ୍କ ବିରୋଧରେ ମାମଲା ରୁଜୁ

କୋଲକାତା, ୧୨।୬(ଏଜେନ୍ସି): ଏକ ସାଧାରଣ ସଭାରେ ସାମ୍ପ୍ରଦାୟିକ ସଦ୍ଭାବନାକୁ ପ୍ରଭାବିତ କଲା ଭଳି ଭାଷଣ ଦେଇଥିବା ଅଭିଯୋଗରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ କୋଲକାତା ପୁଲିସ ଏକ ମାମଲା ରୁଜୁ କରିଛି। ଚଳିତ



ବର୍ଷ ମାର୍ଚ୍ଚରେ କୋଲକାତାର ଏସପ୍ଲାନେଡ୍‌ଠାରେ ଆୟୋଜିତ ଏକ ସଭାରେ ସେ ଏହି ଭାଷଣ ଦେଇଥିଲେ। ବ୍ୟବସାୟୀ ତୁଷାର କାନ୍ତି ଦାସଙ୍କ ଅଭିଯୋଗ ଆଧାରରେ ଗତ ଜୁନ୍ ୭ରେ କୋଲକାତାର ହେୟାର୍ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ଏହି ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ମାର୍ଚ୍ଚ ୯ରେ ଧର୍ମତଲାଠାରେ ଆୟୋଜିତ ରାଜନୈତିକ କାର୍ଯ୍ୟକ୍ରମରେ ମମତା ଏକ ବକ୍ତବ୍ୟ ଦେଇଥିଲେ। ଭାଷଣର ଏକ ଅଂଶକୁ ଦର୍ଶାଇ ଅଭିଯୋଗକାରୀ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ସମୁଦାୟ ଏକଜୁଟ୍ ହେଲେ ଅନ୍ୟମାନଙ୍କ ପାଇଁ ଏହାର ପରିଣାମ ଗମ୍ଭୀର ହୋଇପାରେ ବୋଲି ମମତା ଚେତାବନୀ ଦେଇଥିଲେ। ଏହି ବକ୍ତବ୍ୟ ସାଧାରଣ ଶାନ୍ତି, ସାମ୍ପ୍ରଦାୟିକ ସଦ୍ଭାବନା ଏବଂ ରାଜ୍ୟର ଗଣତାନ୍ତ୍ରିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା ସହ ଅପରାଧିକ ଧମକ ସଦୃଶ ଅଟେ। ମମତାଙ୍କ ବିରୋଧରେ ବିଏନ୍‌ଏସ୍ ୨୦୨୩ର ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ ହୋଇଛି। ଏଥିରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା, ଅପରାଧିକ ଧମକ ଚମକ ଦେବା ଏବଂ ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଅପମାନିତ କରିବା ଭଳି ଗୁରୁତର ଦଫା ସାମିଲ ରହିଛି। ଅଭିଯୋଗ ପରେ କୋଲକାତା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦିଲ୍ଲୀରେ ବିଲ୍ଡିଂରେ ନିଆଁ ଲାଗି ୩ ମୃତ; ୬ ଗୁରୁତର

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ଦିଲ୍ଲୀର ତୁଗଲକାବାଦ ଅଞ୍ଚଳରେ ଥିବା ଏକ ୫ ମହଲା ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଯୁବକ ଏବଂ ଦୁଇଜଣ ମହିଳା ଅଛନ୍ତି। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ୬ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨.୩୫ରେ ତାରା ଆପାର୍ଟମେଣ୍ଟ ନିକଟସ୍ଥ ଏହି ବିଲ୍ଡିଂର ପାର୍କିଂ ଏରିଆରେ ପ୍ରଥମେ ନିଆଁ ଲାଗିଥିଲା। ପାର୍କିଂରେ ରଖାଯାଇଥିବା ଦୁଇ ଚକିଆ ଯାନଗୁଡ଼ିକରେ ନିଆଁ ଲାଗିବା ପରେ ଏହା କ୍ଷିପ୍ର ଗତିରେ ୫ମ ମହଲା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ବିଲ୍ଡିଂ ଭିତରେ ଅନେକ ଲୋକ ଫସି ରହିଥିବା ଖବର ପାଇ ଅଗ୍ନିଶମ ବାହିନୀର ଦଳ ତୁରନ୍ତ ସେଠାରେ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ସିଡ଼ି ସାହାଯ୍ୟରେ ଛାତ ଉପରକୁ ଚଢ଼ି, ସେଠାରେ ଥିବା କବାଟର ତାଲା ଭାଙ୍ଗି ବିଲ୍ଡିଂ ଭିତରୁ ଲୋକମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ।

## ଦୁବାଇ ଭିସା ନିୟମରେ ପରିବର୍ତ୍ତନ: ପର୍ଯ୍ୟଟକ, ପ୍ରବାସୀଙ୍କ ପାଇଁ ଖୁସି ଖବର

ଦୁବାଇ, ୧୨।୬(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସରକାର ୨୦୨୬ ପାଇଁ ନିଜର ଭିସା ଏବଂ ସ୍ଥାୟୀ ନିବାସ (ରେସିଡେନ୍ସି) ନିୟମରେ କେତେକ ବଡ଼ ସଂଶୋଧନ କରିଛନ୍ତି। ବିଶ୍ୱର ପ୍ରତିଭାଶାଳୀ ବ୍ୟକ୍ତି, ପର୍ଯ୍ୟଟକ ଏବଂ ନିବେଶକମାନଙ୍କୁ ଆକର୍ଷିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ୧୦ ବର୍ଷିଆ ଗୋଲ୍‌ଡେନ୍ ଭିସାର ପରିସରକୁ ବୃଦ୍ଧି କରାଯାଇଛି। ଏବେ ଏଆଇ, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ସହ ଦୁବାଇ ହେଲ୍ଥରେ ୧୫ ବର୍ଷରୁ ଅଧିକ ସେବା ପ୍ରଦାନ କରିଥିବା ନର୍ସମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବ। ପରିବେଶ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ଓ ଗବେଷକମାନଙ୍କ ପାଇଁ ଏହି ସ୍ୱତନ୍ତ୍ର ୧୦ ବର୍ଷିଆ ଭିସା ଆରମ୍ଭ ହୋଇଛି। ୟୁରୋପର ସେଞ୍ଜେନ ଭିସା ଶୈଳୀରେ ଏକ ନୂତନ ଆଞ୍ଚଳିକ ଭିସା ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାଦ୍ୱାରା ପର୍ଯ୍ୟଟକମାନେ ଗୋଟିଏ ଭିସାରେ ୟୁଏଇ, ସାଉଦି ଆରବ, କତାର, ବାହରିନ, କୁଏତ ଏବଂ ଓମାନ ଭଳି ୬ଟି ଗଲ୍ଫ ଦେଶ ଭ୍ରମଣ କରିପାରିବେ। ଭିସା ଆବେଦନ ଏବଂ ନବୀକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ କମ୍ପ୍ୟୁଟରୀକୃତ ତଥା ଏଆଇ ସେବାର ସହାୟତା ନିଆଯାଉଛି।

**ପିଓକେରେ ପାକ୍ ସେନାର ବର୍ବରତା**

# ଏପର୍ଯ୍ୟନ୍ତ ୫୩ ଜଣଙ୍କ ଜୀବନ ଗଲାଣି

ମୁଜାଫରାବାଦ, ୧୨।୬(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ରାୱଲାକୋଟ୍‌ଠାରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଉପରେ ପାକିସ୍ତାନୀ ସେନା ଏବଂ ରେଞ୍ଜର୍ସ କର୍ମଚାରୀମାନେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଏହି ବର୍ବରକାଣ୍ଡରେ ଅତିକମରେ ୧୬ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ବଢୁଥିବା ଦରଦାମ୍, ଅତ୍ୟଧିକ ବିଦ୍ୟୁତ ଶୁଳ୍କ ଏବଂ ମୌଳିକ ରାଜନୈତିକ ତଥା ଅର୍ଥନୈତିକ ଅଧିକାରରୁ ବଞ୍ଚିତ କରାଯାଉଥିବାରୁ ଏହାକୁ ବିରୋଧ କରି ଏହି ସମାବେଶ ଆୟୋଜନ କରାଯାଇଥିଲା। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ରାୱଲାକୋଟ୍‌ର ଇଦ୍‌ଗା ମଇଦାନରେ ହଜାର ହଜାର ସଂଖ୍ୟାରେ ସାଧାରଣ ଜନତା ଏକାଠି ହୋଇଥିବା ବେଳେ ସୁରକ୍ଷାବଳ ହଠାତ୍ ଗୁଳି ଚଳାଇଥିଲେ। ଏହାକୁ ନେଇ ସେଠାରେ ପ୍ରାଣ ବିକଳରେ ଲୋକେ ଦୌଡ଼ାଦୌଡ଼ି କରିଥିଲେ ଏବଂ ସ୍ଥାନୀୟ ଚିକିତ୍ସାଳୟଗୁଡ଼ିକରେ ଆହତଙ୍କ ଭିଡ଼ ଜମିଥିଲା। ଏହି ହତ୍ୟାକାଣ୍ଡ ପରେ ପିଓକେର ବିଭିନ୍ନ ସହର ଯେପରିକି ଖାଇ ଗାଲାରେ ଉତ୍ତେଜନା ପ୍ରକାଶ ପାଇଛି। ସେଠାରେ ବଜାର ବନ୍ଦ ରହିବା ସହ ସେନାର ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ମହିଳା, ଶିଶୁ ଓ



ବୃଦ୍ଧମାନେ ରାଜପଥକୁ ଓହ୍ଲାଇ ନ୍ୟାୟ ଦାବି କରିଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଯାଇଛି। ନିକଟରେ ଆର୍ଥିକ ଏବଂ ରାଜନୈତିକ ସମସ୍ୟାକୁ ନେଇ ଆନ୍ଦୋଳନର ନେତୃତ୍ୱ ନେଉଥିବା ସାମାଜିକ ସଂଗଠନ 'ଜଏଣ୍ଟ ଆୱାମୀ ଆକ୍ସନ କମିଟି' ଉପରେ ସରକାର ପ୍ରତିବନ୍ଧକ ଲଗାଇବା ପରେ ସେଠାରେ ଅସନ୍ତୋଷ ତୀବ୍ର ହୋଇଥିଲା। ସେନା ପକ୍ଷରୁ ବିକ୍ଷୋଭର ଆୟୋଜକମାନଙ୍କ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯିବା ସହ ବ୍ୟାପକ ଗିରଫଦାରୀ ଜାରି ରହିଛି। ସୂତ୍ର ଅନୁଯାୟୀ, ଗତ ଜୁନ୍ ୫ରୁ ଆରମ୍ଭ ହୋଇଥିବା ଏହି ଜନଆନ୍ଦୋଳନ ଏବଂ ସେନାର ଦମନଲୀଳା ଯୋଗୁଁ ଏପର୍ଯ୍ୟନ୍ତ ସମଗ୍ର ପିଓକେରେ ପ୍ରାୟ ୫୩ ଜଣ ସାଧାରଣ ନାଗରିକଙ୍କ ଜୀବନ ଗଲାଣି। ଭାରତ ଏହି ଗୁଳିକାଣ୍ଡକୁ କଡ଼ା ଭାଷାରେ ନିନ୍ଦା କରିବା ସହ ଏହାକୁ ଏକ 'ଗଣହତ୍ୟା' ବୋଲି ଅଭିହିତ କରିଛି। ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି ଯେ, ଏହି ଘଟଣା ପାକିସ୍ତାନ ନିୟନ୍ତ୍ରଣରେ ଥିବା ଅଞ୍ଚଳର ଲୋକଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଥିବାର ପ୍ରମାଣ ଦେଉଛି।

## ପକ୍ସୋ ମାମଲାରେ ସଜା ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ପକ୍ସୋ ମାମଲାରେ ଜଣେ ବ୍ୟକ୍ତିଙ୍କୁ ହୋଇଥିବା ସଜାକୁ ରଦ୍ଦ କରିଦେଇଛନ୍ତି। ଅଭିଯୁକ୍ତ ଏବଂ ପୀଡ଼ିତା ପରବର୍ତ୍ତୀ ସମୟରେ ପରସ୍ପରକୁ ବିବାହ କରିବା ଏବଂ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିବା ଆଧାରରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତା ଜଣକ ସାବାଳିକା ହେବା ପରେ ଅଭିଯୁକ୍ତଙ୍କୁ ବିବାହ କରିଥିଲେ ଏବଂ ନିଜେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କ ସଜା କୋହଳ କରିବାକୁ ଆବେଦନ କରିଥିଲେ। ବର୍ତ୍ତମାନ ଦମ୍ପତି ବିବାହ କରି ଏକାଠି ରହୁଥିବାରୁ ସେମାନଙ୍କୁ ପତି-ପତ୍ନୀ ଭାବେ ଶାନ୍ତିପୂର୍ଣ୍ଣ ଜୀବନ ବିତାଇବାକୁ ସୁଯୋଗ ଦିଆଯିବା ଉଚିତ ବୋଲି ଅଦାଲତ ପ୍ରକାଶ କରିଛନ୍ତି। ସମ୍ବିଧାନର ଧାରା ୧୪୨ ଅଧୀନରେ ଥିବା ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ଅତୁଲ ଏସ୍ ଚାନ୍ଦୁରକରଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ସମ୍ପୂର୍ଣ୍ଣ ମାମଲାଟି ୨୦୧୮ ର, ଯେତେବେଳେ ପୀଡ଼ିତା ଜଣକ ନାବାଳିକା ଥିଲେ ଏବଂ ଅଭିଯୁକ୍ତଙ୍କ ପ୍ରେମରେ ପଡ଼ିଥିଲେ। ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ୨୦୧୯ ରେ ଏକ ନିମ୍ନ ଅଦାଲତ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ଏହାପରେ ପୀଡ଼ିତାଙ୍କର ଅନ୍ୟ ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା, ମାତ୍ର ଅତୀତର ସମ୍ପର୍କ ବିଷୟରେ ଜାଣିବା ପରେ ସ୍ୱାମୀ ତାଙ୍କୁ ଛାଡ଼ି ଦେଇଥିଲେ। ଜେଲରୁ ଜାମିନରେ ଆସିବା ପରେ ଅଭିଯୁକ୍ତ ପୁଣିଥରେ ପୀଡ଼ିତାଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଉଭୟ ୨୦୨୪ ରେ ବିବାହ କରିଥିଲେ। ବିବାହ ପରେ ମାଡ୍ରାସ ହାଇକୋର୍ଟ ସଜା ରଦ୍ଦ ଆବେଦନକୁ ଖାରଜ କରିଦେଇଥିବାରୁ, ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ସେଠାରୁ ସେମାନଙ୍କୁ ନ୍ୟାୟ ମିଳିଛି।

**■ ପୀଡ଼ିତାଙ୍କୁ ସ୍ୱାମୀ ଛାଡ଼ିବା ପରେ ବିବାହ ଓ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ଆଧାରରେ ନିଷ୍ପତ୍ତି**



ଆଗେଇଚାଲିଛି ରଥ ଗଢ଼ା କାର୍ଯ୍ୟ

## ପରିକ୍ରମା ମାର୍ଗ ପ୍ରତି ଅବହେଳା!

# ଟ୍ୟାପ୍ ଶୁଖିଲା; ଭକ୍ତଙ୍କୁ ମିଳୁନି ଢୋକେ ପାଣି

ପୁରୀ,୧୨।୬(ସମିସ): ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇପଡ଼ିଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ବଡ଼ଦେଉଳର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟୀକରଣ ସହ ଭକ୍ତଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ପ୍ରତି ସରକାର ଓ ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହେଉଛି। ମାସେରୁ ଊର୍ଦ୍ଧ୍ୱ ହେବ ପରିକ୍ରମା ମାର୍ଗ ଟ୍ୟାପ୍ ଶୁଖିଲା ପଡ଼ିଛି। କୌଣସି ଟ୍ୟାପ୍‌ରୁ ପାଣି ଆସୁନାହିଁ। ଢୋକେ ପାଣି ପିଇବାକୁ ଯାଇ ଫେରିଆସୁଛନ୍ତି ଶ୍ରଦ୍ଧାଳୁ। ବର୍ତ୍ତମାନ ପାଣି ପଏଣ୍ଟ ଅଚଳ ଯୋଗୁଁ ପାନୀୟ ଜଳ ନ ମିଳିବା ନେଇ ବାରମ୍ବାର ଅଭିଯୋଗ କରୁଛନ୍ତି ଶ୍ରଦ୍ଧାଳୁ। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଯେଉଁପରି ଭାବେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନିଆଯିବା କଥା, ତାହା ହେଉନାହିଁ। ମାସାଧିକ କାଳ ପାଣି ଟ୍ୟାପ୍ ଶୁଖିଲା ପଡ଼ିଛି। ବଡ଼ କଥା ହେଉଛି, ସଞ୍ଜ ନଇଁଲେ ଶ୍ରଦ୍ଧାଳୁମାନେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ମାର୍ଗର ବିଭିନ୍ନ ଜାଗାରେ ବସୁଛନ୍ତି। ଅନେକେ ସପରିବାର ପିଲାଛୁଆଙ୍କୁ ନେଇ ବସୁଥିବା ବେଳେ ଶ୍ରଦ୍ଧାଳୁମାନେ

### ଖରାରେ ତାତୁଛି ପାଦଠୁ ମୁଣ୍ଡ, ଏସି ଶେଡ୍‌କୁ ମନେ ପକାଉଛନ୍ତି ଶ୍ରଦ୍ଧାଳୁ

ଯେଉଁଭଳି ଖରା, ଗୁଳୁଗୁଳି ହେଉଛି, ପାଣି ମୁନ୍ଦିଏ ପାଇଁ ଭକ୍ତ ହନ୍ତସନ୍ତ ହେଉଛନ୍ତି। ସମାନ ଭାବେ ତାତିକୁ ନେଇ ବି ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଖରାରେ ପାଦଠୁ ମୁଣ୍ଡ ତାତି ଯାଉଛି। ଯେତିକି ଶେଡ୍ ରହିଛି, ତାହା ପର୍ଯ୍ୟାପ୍ତ ହେଉନି। ତେଣୁ, ଭକ୍ତମାନେ ବିଗତ ସରକାର ସମୟରେ ବଡ଼ଦାଣ୍ଡରେ ହୋଇଥିବା ଏସି ଶେଡ୍‌କୁ ମନେ ପକାଉଛନ୍ତି।

ପରିକ୍ରମା ମାର୍ଗ ପରିସର ଠିକ୍ ଭାବେ ସଫେଇ ହେଉନଥିବା, ବିଭିନ୍ନ ଜାଗାରେ ଘାସ ଉଠି ଅପରିଷ୍କାର ଦେଖାଯିବା ନେଇ ପୂର୍ବରୁ ଏକାଧିକଥର ଅଭିଯୋଗ ଶୁଣିବାକୁ ମିଳିଛି। ମେଘନାଦ ପାଚେରି କଡ଼ରେ ଖାଲି ପାଣି ବୋତଲ, ଜୁସ୍ ଖୋଳ, ପଲିଥିନ୍ ଆଦି ଜମା ହୋଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ପରିକ୍ରମା ମାର୍ଗରେ ବି ବସି ବଡ଼ ଦେଉଳର ଆଧ୍ୟାତ୍ମିକତାକୁ ଅନୁଭବ କରିଥା'ନ୍ତି। ହେଲେ ଯଦି କାହାକୁ ଶୋଷ ଲାଗେ, ସେମାନେ ବିଭିନ୍ନ ସ୍ଥାନରେ ଥିବା ପାଣି ଟ୍ୟାପ୍ ପାଖକୁ ଦୌଡ଼ିଯାନ୍ତି। କିନ୍ତୁ, ସେମାନଙ୍କ ଶୋଷ ମେଣ୍ଟି ନ ଥାଏ। କାରଣ ପଏଣ୍ଟ ସବୁ ଅଚଳ ହୋଇପଡ଼ିଛି। ଏହାକୁ ନେଇ ଭକ୍ତମାନେ କ୍ଷୋଭ ପ୍ରକାଶ କରୁଛନ୍ତି।

ଗୁରୁବାର ପୁରୁଷୋତ୍ତମ ଏକାଦଶୀରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ଭିତର ଭଳି ପରିକ୍ରମା ମାର୍ଗ ମଧ୍ୟ ବେଶ୍ ଗହଳି ଥିଲା। ସନ୍ଧ୍ୟା ସମୟରେ ଦକ୍ଷିଣଦ୍ୱାର ପେଜନଳା ନିକଟରେ ବସିଥିବା କର୍ଣ୍ଣାଟକର ସୁକାନ୍ତ ଘୋଷଙ୍କୁ ଶୋଷ ଲାଗିଥିଲା। ସେ ଏକ ଟ୍ୟାପ୍ ପାଖକୁ ଯାଇଥିଲେ ମଧ୍ୟ ନିରାଶ ହୋଇ ଫେରିଥିଲେ। ଏହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିବେଶ ବହୁତ ଭଲ ଲାଗୁଛି। କିନ୍ତୁ,



ପାଣି ପଏଣ୍ଟଗୁଡ଼ିକ ଅଚଳ ହେଇପଡ଼ିବା ବାସ୍ତବିକ ଦୁର୍ଭାଗ୍ୟଜନକ। ମନ୍ଦିର ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟକ୍ଷମ କରିବା ଦରକାର ବୋଲି କହିଥିଲେ। କେବଳ ସୁକାନ୍ତ ନୁହନ୍ତି, ପ୍ରତିଦିନ ଶହଶହ ଶ୍ରଦ୍ଧାଳୁ ଏମିତି ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ସେହିପରି ଖରା ତାତିରେ ବି ସନ୍ତୁଳିତ ହୋଇପଡୁଛନ୍ତି ଶ୍ରଦ୍ଧାଳୁ। ଗତ ବୁଧବାର ବୌଦ୍ଧର ବାବୁଲା ମଲ୍ଲିକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ତାଙ୍କ ଫେସ୍‌ବୁକ ପେଜ୍‌ରେ କ୍ଷୋଭର ସହ ଏକ ପୋଷ୍ଟ କରିଥିଲେ। ସେ ଲେଖିଥିଲେ, 'ମୁଁ ସପରିବାର ପୁରୀରେ। ଏତେ ଅବ୍ୟବସ୍ଥା ଆଗରୁ କେବେ ହୋଇନଥିଲା। ଚାରିଦୁଆର ଖୋଲିବୁ ବୋଲି କହି କେବଳ ସିଂହଦ୍ୱାରରେ ହଜାର ହଜାର ଭକ୍ତଙ୍କୁ ଭୀଷଣ ଗରମ ଗୁଳୁଗୁଳିରେ ଘଣ୍ଟା ଘଣ୍ଟା ଗୋରୁଗାଈ ପରି ଲାଇନ୍‌ରେ ଛିଡ଼ା କରାଉଛନ୍ତି। ତାହା ପୁଣି ଶୂନ୍ୟ ଆକାଶରେ (କେବଳ ୫୦/୬୦ ମିଟର ଛାଡ଼ି)। ଏଇ କିଛି ବର୍ଷ ପୂର୍ବେ, ନବୀନ ସରକାର ସମୟରେ ଭକ୍ତମାନଙ୍କ ଲାଗି ଏସି ପ୍ରତୀକ୍ଷାଳୟ ସହ ମଝିରେ ମଝିରେ ବସିବା ପାଇଁ ବେଞ୍ଚ ଏବଂ ଥଣ୍ଡା ପାଣିର ବ୍ୟବସ୍ଥା କରାଯାଉଥିଲା। ଯେଉଁ ପରିକ୍ରମା ପ୍ରକଳ୍ପ ପାଇଁ କେତେ ହୋ-ହଲ୍ଲା ହୋଇଥିଲା, ସେଇ ପ୍ରକଳ୍ପ ଭକ୍ତଙ୍କୁ ମୌଳିକ ସେବାରେ ଲାଗୁଛି। ବୋଧହୁଏ, ସର୍ବଜ୍ଞାତା ଶ୍ରୀଜଗନ୍ନାଥ ଭବିଷ୍ୟତର ଏ ଅବ୍ୟବସ୍ଥା ଦେଖିପାରି ନବୀନ ବାବୁଙ୍କ ହାତରେ ଭକ୍ତର ଜୀବନରକ୍ଷାର ବ୍ୟବସ୍ଥା କରେଇ ନେଇଛନ୍ତି। ହିନ୍ଦୁଧର୍ମର ଠିକା ନେଇଥିବା ଦଳ ମହାପ୍ରଭୁଙ୍କ ପ୍ରିୟ ଭକ୍ତମାନଙ୍କ ଦୁଃଖ ଦେଖିପାରୁନାହାନ୍ତି କି? ଭକତ ଭାବରେ ବନ୍ଧା ବଡ଼ ଠାକୁର ନିଜ ଭକ୍ତର ଏ ଦୁଃଖ ଦେଖି କେତେ କଷ୍ଟ ପାଉ ନଥିବେ ସତରେ! କାଲି ଆଖିରେ ଦେଖିଛି କେତେଜଣ ବେହୋସ୍ ହୋଇଯିବାର। ଏମାନଙ୍କୁ ଭଲରେ ଦର୍ଶନ କରେଇବାର ଦାୟିତ୍ୱ କାହାର? ସରକାରର କି ବିରୋଧୀର? ଏହା କେବଳ ବାବୁଲାଙ୍କ ଅସନ୍ତୋଷ ନୁହେଁ, ପ୍ରତିଦିନ ଖରାରେ କଲବଲ ହେଉଥିବା ଶହଶହ ଭକ୍ତ ଏଭଳି ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

# ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକ



ପଦ୍ମପୁର,୧୨।୬(ସମିସ): ପୂର୍ବତନ ଗୁଣୁପୁର ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ଆଜି ପରଲୋକ ହୋଇଯାଇଛି। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଗୁଣୁପୁରରେ ଅଣ-କଂଗ୍ରେସ ରାଜନୀତିର ଭିତ୍ତି ସଂସ୍ଥାପକ ଥିଲେ ରାମମୂର୍ତ୍ତି। ୧ ମାର୍ଚ୍ଚ ୧୯୫୧ରେ ଓମୋଡିଙ୍ଗିର ଦାସା ଗମାଙ୍ଗଙ୍କ ଘରେ ସେ ଜନ୍ମ ଲାଭ କରିଥିଲେ। ସେ ୧୯୮୪ ମସିହାରେ ରାମନାଗୁଡ଼ା ବ୍ଲକର ଅଧ୍ୟକ୍ଷ ଭାବରେ ସେ ପ୍ରତିଦ୍ୱନ୍ଦିତା କରିଥିଲେ।ବିଜୁବାବୁଙ୍କ ଆହ୍ୱାନକ୍ରମେ ଷ୍ଟେଟ୍ ବ୍ୟାଙ୍କ ଚାକିରି ଛାଡ଼ି ୧୯୯୦ ମସିହାରେ ଜନତା ଦଳର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ସେ ଗୁଣୁପୁର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗୁଣୁପୁର ନିର୍ବାଚନମଣ୍ଡଳୀରେ ସେ କଂଗ୍ରେସ ରାଜନୀତିର ବିଜୟଧାରାକୁ ଭାଙ୍ଗି ଅଣ-କଂଗ୍ରେସ ରାଜନୀତିର ଭିତ୍ତି ସ୍ଥାପନ କରିଥିଲେ। ୨୦୦୦ ମସିହା ସାଧାରଣ ନିର୍ବାଚନରେ ସେ ଗୁଣୁପୁର ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଭାବରେ ବିଜୟୀ ହୋଇଥିଲେ ଏବଂ ତାଙ୍କର ନିକଟତମ କଂଗ୍ରେସ ପ୍ରତିଦ୍ୱନ୍ଦୀ ଭାଗୀରଥି ଗମାଙ୍ଗଙ୍କୁ ବହୁ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ୨୦୦୪ ମସିହାରେ ରାଜ୍ୟ ବିଧାନସଭା ନିର୍ବାଚନରେ ସେ ଗୁଣୁପୁରରୁ ବିଜେପି ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦିତା କରିଥିଲେ ଏବଂ କଂଗ୍ରେସ ପ୍ରାର୍ଥୀ ହେମାବତୀ ଗମାଙ୍ଗଙ୍କ ଠାରୁ ପରାସ୍ତ ହୋଇଥିଲେ। ପରେ ବିଜେପି ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ। ପତ୍ନୀ ହତ୍ୟା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ଭୁବନେଶ୍ୱର ଲକ୍ଷ୍ମୀସାଗର ଜେଲରେ ବନ୍ଦୀ ଜୀବନ ବିତାଉଥିଲେ। ଗତକାଲି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ଭୋର୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା।

# ପ୍ରାକ୍-ରେରା ପ୍ରକଳ୍ପ ପାଇଁ ସରଳ ହେଲା ପଞ୍ଜୀକରଣ ପ୍ରକ୍ରିୟା

ଭୁବନେଶ୍ୱର, ୧୨।୬(ସମିସ): ରାଜ୍ୟରେ ୫ ଅକ୍ଟୋବର ୨୦୧୬ ଅର୍ଥାତ୍ ରେରା ଆଇନ୍ ଲାଗୁ ହେବା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ ସହଜ ହେବ। ପୁରୁଣା ଆପାର୍ଟମେଣ୍ଟ ପ୍ରକଳ୍ପଗୁଡ଼ିକରେ କ୍ରେତା ଏବଂ ଅଂଶୀଦାରମାନେ ସାମ୍ନା କରୁଥିବା ଦୀର୍ଘଦିନର ପଞ୍ଜୀକରଣ ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ପ୍ରାକ୍-ରେରା ପ୍ରକଳ୍ପ ପାଇଁ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ବ୍ୟବସ୍ଥା କରିଛନ୍ତି। ଏନେଇ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପୂର୍ବ ବ୍ୟବସ୍ଥାକୁ ସଂଶୋଧନ କରାଯିବା ସହ ଅନେକ ନୂତନ ଓ ସହଜ ପନ୍ଥା ଆପଣାଯାଇଛି।

ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ୫ ଅକ୍ଟୋବର ୨୦୧୬ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକ ଅତି କମ୍‌ରେ ୫୦ ପ୍ରତିଶତ ଆପାର୍ଟମେଣ୍ଟ ୟୁନିଟ୍ ରେରା କଟ୍-ଅଫ୍ ତାରିଖ କିମ୍ବା ତା' ପୂର୍ବରୁ ପଞ୍ଜୀକୃତ ବିକ୍ରୟ ଦଲିଲ ମାଧ୍ୟମରେ ହସ୍ତାନ୍ତର କରାଯାଇ ସାରିଥିବା ଆବଶ୍ୟକ। ଏହାବ୍ୟତୀତ, ପଞ୍ଜୀକରଣ ପାଇଁ ପ୍ରସ୍ତାବିତ ଆପାର୍ଟମେଣ୍ଟଟି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଅଧିନିୟମ-୧୯୮୨ କିମ୍ବା ଓଡ଼ିଶା ସହର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଅଧିନିୟମ-୧୯୫୬ ଅଧୀନରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅନୁମୋଦିତ ବିଲ୍ଡିଂ ପ୍ଲାନର ଅଂଶବିଶେଷ ହୋଇଥିବା ଆବଶ୍ୟକ। ପ୍ରମୋଟର୍ କିମ୍ବା ଜମି ମାଲିକମାନଙ୍କୁ ପ୍ରକଳ୍ପ ପରିସର ମଧ୍ୟରେ ଅନୁମୋଦିତ ବିଲ୍ଡିଂ ପ୍ଲାନକୁ ସ୍ପଷ୍ଟ ଭାବରେ ପ୍ରଦର୍ଶିତ କରିବାକୁ ହେବ। ଅବଶିଷ୍ଟ ବିକ୍ରି ହୋଇ ନଥିବା ଆପାର୍ଟମେଣ୍ଟର ପ୍ରଥମ ବିକ୍ରୟ ଦଲିଲ ପଞ୍ଜୀକରଣ ପୂର୍ବରୁ ଆଲର୍ଟି ଆସୋସିଏସନ୍‌ଠାରୁ ଏକ ଆପତ୍ତିବିହୀନ ପ୍ରମାଣପତ୍ର ହାସଲ କରିବାକୁ ହେବ, ଯାହା ପ୍ରମାଣିତ କରିବ ଯେ ଅନୁମୋଦିତ ପ୍ଲାନରେ ଥିବା ଆପାର୍ଟମେଣ୍ଟ ନମ୍ବର ସଠିକ୍ ଅଛି। ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ସମସ୍ତ ଯୋଗ୍ୟତା ସର୍ତ୍ତ ପୂରଣ କରୁଥିବା ନେଇ ଏକ ଅଣ୍ଡରଟେକିଂ ମଧ୍ୟ ଦାଖଲ କରିବାକୁ ହେବ।

ଏହା ବ୍ୟତୀତ 'ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟ-୨୦୨୩' ଲାଗୁ ହେବା ପୂର୍ବରୁ ପୂର୍ବ ଆଇନ ଅନୁଯାୟୀ ଗଠିତ କୌଣସି ଆପାର୍ଟମେଣ୍ଟ ଆସୋସିଏସନ୍ କିମ୍ବା ସୋସାଇଟିକୁ କେବଳ ଏହି ଅଧିନିୟମର ଧାରା ୧୫ ଅନୁଯାୟୀ ବାଏ-ଲ' ଗ୍ରହଣ କରିବା ପରେ ହିଁ ସ୍ୱୀକୃତି ଦିଆଯିବ। ବିଲ୍ଡିଂ ନିୟମାବଳୀର ଯେକୌଣସି ଉଲ୍ଲଂଘନ ପାଇଁ ପ୍ରଚଳିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## ଏମ୍ସରେ ଅର୍ଦ୍ଧଦଗ୍ଧ କନଷ୍ଟେବଲ ଆଶୁତୋଷଙ୍କ ମୃତ୍ୟୁ

# ବଢ଼ିଲା ପତ୍ନୀ ଓ ଶଳାଙ୍କ ଅଡୁଆ

ବ୍ରହ୍ମପୁର,୧୨।୬(ସମିସ): ପତ୍ନୀଙ୍କ ଘର ସମ୍ମୁଖରେ ପୋଡ଼ି ହୋଇ ଗୁରୁତର ହୋଇଥିବା ମୋଟର ଭେଇକିଲ୍ (ଏମଭି) କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ଆଜି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆଶୁତୋଷଙ୍କ ଉତ୍ତେଜନା ଜାରି ରହିଥିବାରୁ ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

ଏସ୍‌ପିଙ୍କ ସୂଚନାନୁସାରେ, ଆଶୁତୋଷଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ତାଙ୍କ ଶଳାଙ୍କ ନାମରେ ୨୪୭/୨୬ରେ ଏକ ମାମଲା ରୁଜୁ





ମୃତ୍ୟୁ ପରେ ତାଙ୍କ କନେଷ୍ଟବଳ ପତ୍ନୀ ସଂଧ୍ୟା ନାୟକ ଓ ଶଳାଙ୍କ ଅଡୁଆ ବଢ଼ିଛି। ମୃତ୍ୟୁକାଳୀନ ଜମାନବନ୍ଦୀରେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ଆଶୁତୋଷ ଦୁହିଁଙ୍କ ନାଁ ନେଇଥିବାରୁ ସେମାନେ ଆଇନ ଜାଲରେ ଛନ୍ଦି ହେବାର ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ଆଶୁତୋଷଙ୍କ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶବ ଗାଁରେ ପହଞ୍ଚିବା ପରେ ପରିବାରଲୋକ ନ୍ୟାୟ ଦାବିରେ ରାସ୍ତାରୋକ କରିଛନ୍ତି। ସଂଧ୍ୟା ଓ ତାଙ୍କ ଭାଇଙ୍କୁ ଶୀଘ୍ର ଗିରଫ କରିବା ଦାବିରେ ପରିବାର ଓ ସ୍ଥାନୀୟ ଲୋକ ଶବ ରଖି ପାଣ୍ଡବନଗର ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଏହାକୁ ନେଇ ହୋଇଥିଲା। ଉଭୟଙ୍କୁ ଥାନାକୁ ଡାକି ପୁଲିସ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାର ସମସ୍ତ ପାରିପାର୍ଶ୍ୱିକ ଦିଗକୁ ନେଇ ସାଇଣ୍ଟିଫିକ୍ ପଦ୍ଧତିରେ ତଦନ୍ତ ଜାରି ରହିଛି। ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରୁ ଦରପୋଡ଼ା ଅବସ୍ଥାରେ ଥିବା ପ୍ଲାଷ୍ଟିକ ବୋତଲ, ଦିଆସିଲି ବକ୍ସ, ଆଶୁତୋଷଙ୍କ ମୋବାଇଲ ଓ ବାଇକ ଜବତ କରି ବିଭିନ୍ନ ଦିଗରୁ ତଦନ୍ତ କରୁଛନ୍ତି।

ସେହିପରି, ସନ୍ଧ୍ୟା ଓ ତାଙ୍କ ଭାଇ ଟାଉନ୍ ଥାନାରେ ହାଜର ହୋଇ ଦେଇଥିବା ବୟାନକୁ ପୁଲିସ ରେକର୍ଡ କରିଛି। ସେମାନଙ୍କ ବୟାନର ସତ୍ୟତାକୁ ନେଇ ମଧ୍ୟ ଖୋଳତାଡ଼ କରାଯାଉଛି। ଉଭୟ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ବୟାନର ସତ୍ୟତା ଜାଣିବା ପାଇଁ ସେମାନଙ୍କ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଏସପି କହିଛନ୍ତି। ଏହି ମାମଲାର ତଦନ୍ତ ପାଇଁ ପୁଲିସ ମୁଖ୍ୟାଳୟରେ ଥିବା ଜଣେ ଡିଏସପି ବିଶ୍ୱରଂଜନ ଦାଶଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଏସପି କହିଛନ୍ତି। ଅନ୍ୟପଟେ ମୃତ କନଷ୍ଟେବଳଙ୍କ ସ୍ତ୍ରୀ ସନ୍ଧ୍ୟା ନାୟକ ବର୍ତ୍ତମାନ ବିଭାଗରେ କାର୍ଯ୍ୟରତ ଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ନ୍ୟାୟ ଦାବିରେ ଶବ ରଖି ପରିବାରଲୋକଙ୍କ ରାସ୍ତାରୋକ

ସୂଚନାଯୋଗ୍ୟ, କନଷ୍ଟେବଳ ଆଶୁତୋଷ ମୃଦଙ୍ଗିଆ ଗତ ୫ ତାରିଖ ରାତିରେ ବିଜିପୁରସ୍ଥିତ ପୁଲିସ କ୍ୱାର୍ଟର୍‌ରେ ରହୁଥିବା ତାଙ୍କ ସ୍ତ୍ରୀ ସନ୍ଧ୍ୟା ନାୟକଙ୍କ ଘର ସମ୍ମୁଖରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ କ୍ୱାର୍ଟର୍‌ରେ ରହୁଥିବା ଅନ୍ୟ ପୁଲିସ କର୍ମଚାରୀମାନେ ଉଦ୍ଧାର କରି ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ସେତେବେଳେ ତାଙ୍କ ଶରୀରର ଶତକଡା ୮୦ ଭାଗ ପୋଡ଼ି ଯାଇଥିବା ଡାକ୍ତର କହିଥିଲେ। ସେଠାରେ ମାଜିଷ୍ଟ୍ରେଟ୍, ଡାକ୍ତର ଓ ପୁଲିସ ଉପସ୍ଥିତିରେ ଗୁରୁତର କନେଷ୍ଟେବଳଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ସ୍ତ୍ରୀ ଓ ଶଳା ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଆଶୁତୋଷ କହିଥିବା ଜଣାପଡ଼ିଛି। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଆଜି ପୂର୍ବାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଓପିଟିସିଏଲ୍ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ

# ମୁଖ୍ୟ ଅଭିଯୁକ୍ତ ସମେତ ୪ ସୁପାରିକିଲର୍ ଗିରଫ

କାମାକ୍ଷାନଗର, ୧୨।୬ (ସମିସ): ଓପିଟିସିଏଲ୍ କର୍ମଚାରୀ ରାକେଶ ଦାସଙ୍କୁ ହତ୍ୟା ଉଦ୍ୟମ ମାମଲାର ପର୍ଦ୍ଦାଫାସ୍ କରିଛି ଢେଙ୍କାନାଳ ପୁଲିସ। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ ସୁପାରିକିଲର୍‌ଙ୍କୁ ଗିରଫ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଅରାସାହିର ଅରୁଣ କୁମାର ନାୟକ, ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଧକୋଠା ଗ୍ରାମର ଜିନୁ ପ୍ରଧାନ, ଅନୁଗୋଳ ସଦର ଥାନା କାବୁଲିପାଳ ଗ୍ରାମର ଉତ୍ତମ ଭୋଇ, ବନ୍ତଲା ଥାନା ଜରାରପୁର ଗ୍ରାମର ରାଣାପ୍ରତାପ ଦେହୁରୀ ଓ ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଗ୍ରାମର ସିପୁନ ନାୟକ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାକେଶଙ୍କୁ ହତ୍ୟା କରିବାକୁ ଅରୁଣ ଯୋଜନା କରିଥିଲା। ଏଥିପାଇଁ ସେ ଅଭିଯୁକ୍ତମାନଙ୍କୁ ସୁପାରି ଦେଇଥିଲା। ୧ ଲକ୍ଷ ୩୦ ହଜାର ଟଙ୍କାରେ ଡିଲ୍ ହୋଇଥିବା ବେଳେ ରାକେଶ ସେମାନଙ୍କୁ ୯୦ ହଜାର ଟଙ୍କା ଅଗ୍ରିମ ଦେଇଥିଲା। ଅଭିଯୁକ୍ତମାନଙ୍କଠାରୁ ପୁଲିସ ନଗଦ ୮୯ ହଜାର ୪୦୦ ଟଙ୍କା, ୪ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଛି। ତେବେ ଏହି ଘଟଣାରେ ଆହୁରି ୩ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ଢେଙ୍କାନାଳ ଏସପି ଅଭିନବ ସୋନକର ଆଜି ଏସଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଏହି ଘଟଣାରେ କାମାକ୍ଷାନଗର ପୁଲିସ୍ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଗତ ୯ ତାରିଖ ଦିନ ଦି'ପହରେ କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଚୁଳିଆ ନିକଟରେ ଭୁବନ ଅଞ୍ଚଳର ରାକେଶଙ୍କୁ କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ।




- ପୂର୍ବ ଶତ୍ରୁତାରୁ ବାଟରୁ ହଟାଇବା ପାଇଁ ଯୋଜନା
- ୧ଲକ୍ଷ ୩୦ ହଜାର ସୁପାରି ନେଇଥିଲେ ୭ ଦୁର୍ବୃତ୍ତ

ରାକେଶ ଭୁବନରୁ ମେରାମଣ୍ଡଳୀ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ବିଭିନ୍ନ ଧାରୁଆ ଅସ୍ତ୍ରରେ ହାଣି ପକାଇଥିଲେ। ଗୁରୁତର ରାକେଶଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ରାକେଶଙ୍କ ପରିବାର ତରଫରୁ କାମାକ୍ଷାନଗର ଥାନାରେ ଏକ ଅଭିଯୋଗ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ କାମାକ୍ଷାନଗର ଏସ୍‌ଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କୁ ନିର୍ଯାତନା ଦେଇ ଉତ୍ସବ ମନାଉଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୧୨।୬(ସମିସ): ମହାକାଳପଡ଼ା ବ୍ଲକ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କ ସହ ଘଟିଥିବା ଦୁର୍ବ୍ୟବହାର, ଶାରୀରିକ ଆକ୍ରମଣ, ଧମକ ଘଟଣା ଓଡ଼ିଶାରେ ମହିଳା ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଜେପିର ନାରୀଶକ୍ତି ବନ୍ଦନ ସ୍ଲୋଗାନ ଏକ ପ୍ରହସନରେ ପରିଣତ ହୋଇଛି। ବିଜେପି ସରକାରରେ ଜଣେ ମହିଳା ସରପଞ୍ଚଙ୍କୁ ନିଜ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ପ୍ରଶ୍ନ ପଚାରି ଅପମାନିତ ଏବଂ ଆକ୍ରମଣର ଶିକାର ହେବାକୁ ପଡୁଛି । ରାଜ୍ୟ ସରକାର ୨ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କୁ ସର୍ବସମ୍ମୁଖରେ ଅପମାନିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ ବୋଲି କହିଛି ବିଜେଡି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ ଚାମେଲୀ ଓଝା ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ସ୍ଥାନୀୟ ବିଧାୟକ ଓ ବିଡିଓଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେ ବିଜେପି ଦଳର ସକ୍ରିୟ ସଦସ୍ୟା ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରି ନ୍ୟାୟ ଭିକ୍ଷା କରିଛନ୍ତି। ଚାମେଲୀଙ୍କ ପ୍ରତି ହୋଇଥିବା ଅପମାନ ସମଗ୍ର ନାରୀ ଜାତି ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରିଛି । ମହିଳା ସଶକ୍ତିକରଣ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ବିଜେପି



ସମର୍ଥିତ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧି ଯେଉଁଭଳି ଭାବେ ଆକ୍ରମଣର ଶିକାର ହୋଇଛନ୍ତି, ତାହା ବିଜେପିର ଦୋମୁହାଁ ନୀତିକୁ ପଦାରେ ପକାଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଚାମେଲୀଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଉଥିବା ଲୋକଙ୍କୁ ପୁଲିସ ବର୍ତ୍ତମାନ ସୁଦ୍ଧା ଗିରଫ କରିନାହିଁ। ଚାମେଲୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ମୋବାଇଲ ଫୋନରେ ଥିବା ଅନେକ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିବାକୁ ପୁଲିସ ଉଦ୍ୟମ କରିଛି। ଯେଉଁଭଳି ଭାବେ ପୁଲିସ ତାଙ୍କୁ ଘୋଷାରି ନେବା ଏବଂ ପରବର୍ତ୍ତୀ ଅବସ୍ଥାରେ ଥାନା ଓ ହସ୍ପିଟାଲରେ ଯନ୍ତ୍ରଣାରେ ଛଟପଟ ହେଉଥିବା ଚାମେଲୀଙ୍କ ବୟାନରୁ ସ୍ପଷ୍ଟ ଯେ ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଇଛି।

- ରାଜ୍ୟରେ ପ୍ରତିଦିନ ଲହୁଲୁହ ଝରାଉଛନ୍ତି ପ୍ରପୀଡ଼ିତ ମହିଳା
- ବିଜେପିର ନାରୀ ଶକ୍ତି ବନ୍ଦନ ଆଜି ମହିଳା ଦମନରେ ପରିଣତ

ତାଙ୍କ ବାପା ଓ ଭାଇଙ୍କୁ ପୁଲିସ ମାଡ଼ ମାରିଥିବା ଅଭିଯୋଗ ମଧ୍ୟ ସେ କରିଛନ୍ତି। ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ମହିଳା ସଶକ୍ତିକରଣକୁ ନୂଆ ଦିଗ ଦେଇଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ମାଧ୍ୟମରେ ଲକ୍ଷ ଲକ୍ଷ ମହିଳାଙ୍କୁ ନେତୃତ୍ୱର ସୁଯୋଗ ମିଳିଥିଲା । ଆଜି ସେହି ବ୍ୟବସ୍ଥାରେ ଜଣେ ମହିଳା ପ୍ରତିନିଧିଙ୍କ ପ୍ରତି ନିର୍ଯାତନା ଅତ୍ୟନ୍ତ ଉଦବେଗଜନକ।

ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା କହିଥିଲେ ଯେ ଲୋକଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ସରପଞ୍ଚ ଚାମେଲୀ ଓଝାଙ୍କୁ ସର୍ବସମ୍ମୁଖରେ ଯେଉଁଭଳି ନିର୍ଯାତନା ଓ ଅପମାନର ଶିକାର ହେବାକୁ ପଡ଼ିଲା, ତାହା ରାଜ୍ୟ ସରକାରଙ୍କ ଅସଲ ସ୍ୱରୂପକୁ ପଦାରେ ପକାଇଦେଇଛି। ଏହା କେବଳ ଚାମେଲୀଙ୍କ ପ୍ରତି ନୁହେଁ, ସମଗ୍ର ନାରୀ ଜାତି ପ୍ରତି ଅପମାନ । ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ପ୍ରୋତ୍ସାହନ ଦେବା ବଦଳରେ ଅପମାନ ଦେଇ ମିଥ୍ୟା ମୋକଦ୍ଦମାରେ ଜଡ଼ିତ କରି ବିଜେପି ସରକାର ମହିଳା ସଶକ୍ତିକରଣର ଡିଣ୍ଡିମ ପିଟୁଛନ୍ତି। ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯାଇ ସମସ୍ତ ସିସିଟିଭି ଫୁଟେଜ୍ ତୁରନ୍ତ ସାର୍ବଜନୀନ କରାଯାଉ ଏବଂ ସରପଞ୍ଚ ଚାମେଲୀ ଓଝାଙ୍କ ମୋବାଇଲ୍ ଫୋନ୍ ତୁରନ୍ତ ଫେରସ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

# ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ 'ଅସୁସ୍ଥ'

**ସମ୍ବଲପୁର, ୧୨।୬ (ସମିସ)**

ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଏବେ ଖୋଦ୍ ଅସୁସ୍ଥ ଅବସ୍ଥାକୁ ଚାଲିଯାଇଛି। ବର୍ଷ ବର୍ଷ ଧରି ଜିଲ୍ଲାରେ ଡାକ୍ତର ଅଭାବ ଲାଗି ରହିଥିବାବେଳେ ବହୁ ସମୟରେ ସ୍ଥାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ରହୁନାହାନ୍ତି। ବରିଷ୍ଠତା ଭିତ୍ତିରେ ଭାରପ୍ରାପ୍ତ ଡାକ୍ତରମାନେ ସିଡିଏମ୍‌ପିଏଚ୍‌ଓ ଦାୟିତ୍ୱ ତୁଲାଉଛନ୍ତି। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ସରକାରଙ୍କୁ ଅବଗତ କରାଯାଉଛି। ତେବେ, ଡାକ୍ତର ସମସ୍ୟାର ସମାଧାନ ହେଉ ନ ଥିବାରୁ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ସମ୍ବଲପୁର ଜିଲ୍ଲାରେ ଅନୁମୋଦିତ ଡାକ୍ତର ସଂଖ୍ୟା ୪୯୫ ଥିବାବେଳେ ମାତ୍ର ୧୪୨ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ୩୫୩ଟି ଡାକ୍ତର (ଶତକଡ଼ା ୭୧ ଭାଗ) ପଦ ଖାଲି ରହିଛି। ମାତ୍ର ୨୯% ବା ପ୍ରାୟ ଏକ-ଚତୁର୍ଥାଂଶ ଡାକ୍ତରଙ୍କୁ ନେଇ କିଭଳି ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବ ତାହା ହିଁ ପ୍ରଶ୍ନବାଚୀ। ଅନ୍ୟପକ୍ଷରେ ଦନ୍ତ ବିଭାଗରେ ଅନୁମୋଦିତ ୧୫ ଜଣ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୭ ଜଣ ଅଛନ୍ତି। ଏଠାରେ ମଧ୍ୟ ୫୩% ପଦ ଖାଲି ପଡ଼ିରହିଛି।

ସମ୍ବଲପୁର ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସହ ରେଢ଼ାଖୋଲ ଓ କୁଚିଣ୍ଡାରେ ୨ଟି ଉପଖଣ୍ଡ ଡାକ୍ତରଖାନା (ଏସ୍‌ଡିଏଚ୍), ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି), ୨୯ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଓ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି) ରହିଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ସଦର ଡାକ୍ତରଖାନା ଉପରେ ଜିଲ୍ଲା ତଥା ସୀମାବର୍ତ୍ତୀ ଅଞ୍ଚଳର ହଜାର ହଜାର ରୋଗୀ ନିର୍ଭର କରନ୍ତି। ଏହାବ୍ୟତୀତ ଆପାତକାଳୀନ ସ୍ଥିତି, ଯେପରିକି




ଦୁର୍ଘଟଣା, ଗଣ୍ଡଗୋଳ, ଗୁରୁତର ଅସୁସ୍ଥ ରୋଗୀ ଆଦି ପ୍ରଥମେ ସଦର ଡାକ୍ତରଖାନାକୁ ଅଣାଯାଇଥାନ୍ତି। ଏହି ଡାକ୍ତରଖାନାରେ ଗତ କିଛିବର୍ଷ ପୂର୍ବେ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର୍)ର ସାଟେଲାଇଟ ସେଣ୍ଟର ମଧ୍ୟ କରାଯାଇଥିଲା। ମହାମାରୀ କରୋନା ସମୟରେ ଏହି ଡାକ୍ତରଖାନାକୁ କୋଭିଡ ହସ୍‌ପିଟାଲରେ ପରିଣତ କରାଯାଇଥିଲା। ଡାକ୍ତରଖାନାର ଭିତ୍ତିଭୂମିରେ ବିକାଶ ହୋଇଥିବାବେଳେ ବିଶେଷଜ୍ଞ ଡାକ୍ତରଙ୍କ ଘୋର ଅଭାବ ରହିଛି। କେତୋଟି ବିଭାଗରେ ପଦ ସମ୍ପୂର୍ଣ୍ଣ ଖାଲି କିମ୍ବା ଜଣେ ଡାକ୍ତର ଥିବାରୁ ବହୁ ସମୟରେ ଏଠାରୁ ବୁର୍ଲା ଭିମସାର୍ କିମ୍ବା କଟକ, ଭୁବନେଶ୍ୱରକୁ ରୋଗୀ ମାନଙ୍କୁ ପଠାଯାଉଛି। ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପୂର୍ବରୁ ଜାତୀୟ କାୟାକଳ୍ପ ପୁରସ୍କାର ହାସଲ କରିଥିବାବେଳେ ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଡାକ୍ତରଖାନା କରିବା ଯୋଜନା କେବଳ ପ୍ରସ୍ତାବରେ ହିଁ ରହିଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ପିଏଚ୍‌ଓ) ପଦ ଖାଲି ରହିଛି। ବରିଷ୍ଠ ଡାକ୍ତର ଅଲେଖ ମହାପାତ୍ର ଭାରପ୍ରାପ୍ତ ସିଡିଏମ୍‌ପିଏଚ୍‌ଓ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟର ସିଡିଏମ୍‌ପିଏଚ୍‌ଓ, ଡିପିଏଚ୍‌ଓ, ଏଡିଏମ୍‌ପିଏଚ୍‌ଓ ଆଦି ୧୦ଟି ଅନୁମୋଦିତ ପଦରୁ ୬ ଜଣ ଥିବାବେଳେ ୪ଟି ପଦ ଖାଲି ରହିଛି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ୩୫ଟି ପଦ ମଧ୍ୟରେ ମାତ୍ର ୧୪ ଜଣ ଅଛନ୍ତି। ପ୍ରସୂତି, ମେଡିସିନ, ସର୍ଜରୀ ବିଭାଗର ବରିଷ୍ଠ କନସଲ୍‌ଟାଣ୍ଟ ପଦ ଖାଲିଥିବାବେଳେ ମେଡିସିନ, ଚକ୍ଷୁ, ଅସ୍ଥିଶଲ୍ୟ, ରେଡିଓଲାଜି, ହୃଦ୍‌ରୋଗ, ଯକ୍ଷ୍ମା, କର୍ଣ୍ଣ-ନାସା-ଗଳା ବିଭାଗ ଆଦିର କନସଲ୍‌ଟାଣ୍ଟ ପଦ ଖାଲି

## ୭୧% ଡାକ୍ତର ନାହାନ୍ତି

## ୪୯୫ରୁ ୩୫୩ ଡାକ୍ତର ପଦ ଖାଲି

## କୁଚିଣ୍ଡା ଓ ରେଢ଼ାଖୋଲ ଏସ୍‌ଡିଏଚ୍‌ରେ ଅବସ୍ଥା ବିପର୍ଯ୍ୟସ୍ତ

## ଚାଲୁନି ଭିମସାର୍ ସାଟେଲାଇଟ୍ ସେଣ୍ଟର

ଥିବା ସୂଚନା ମିଳିଛି। ଡିଏଚ୍‌ଏଚ୍‌ରେ ବରିଷ୍ଠ ଓ ସାଧାରଣ ଏଲ୍‌ଟିଆର୍‌ଏମ୍‌ଓ ୭୯ଟି ପଦରେ ମାତ୍ର ୨୧ ଜଣ ଅଛନ୍ତି। ସର୍ବୋପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୧୪ଟି ପଦରୁ ମାତ୍ର ୩୫ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଅଇଁଠାପାଲି, କ୍ଷେତରାଜପୁର, ବୁର୍ଲା ଓ ଜେପି ମେଟରନିଟି ୟୁପିଏଚ୍‌ସି (ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)ରେ ମେଡିକାଲ ଅଫିସର ପଦ ଖାଲି ରହିଛି। ସେହିପରି ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ବହୁ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିବାସହ ଅନୁମୋଦିତ ୪୯ଟି ପଦରୁ ମାତ୍ର ୧୫ ଜଣ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ଅନ୍ୟତମ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ବିଭାଗୀୟ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିବାସହ ଅନୁମୋଦିତ ୪୯ଟି ପଦରୁ ମାତ୍ର ୨୦ ଜଣ କାର୍ଯ୍ୟରତ ଡାକ୍ତର ଅଛନ୍ତି। ବହୁସଂଖ୍ୟକ ବିଭାଗରେ ଅନ୍ୟ ବିଭାଗର ଡାକ୍ତରମାନଙ୍କୁ ଆଟଚଷ୍ଟ କରାଯାଉଥିବା ନଜିର ରହିଛି। ଏହାବ୍ୟତୀତ ଜିଲ୍ଲାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର କଥା ନ କହିବା ଭଲ। ସେଗୁଡ଼ିକରେ ଡାକ୍ତର ଅଭାବ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଛି।

ସମାଜସେବୀ ସୁଧୀର ପୂଜାରୀ କହିଛନ୍ତି, ରାଜ୍ୟରେ ଡାକ୍ତର କମ୍ ଅଛନ୍ତି ଏବଂ ସେହି ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ମଧ୍ୟ କମ୍ ଅଛନ୍ତି। ମେଡିକାଲ କଲେଜ ସିଟ୍ ବଢ଼ିଥିବାରୁ ଏହି ସମସ୍ୟା ଆଉ ୫ରୁ ୭ ବର୍ଷ ଲାଗିରହିବ। ଅଶୀ ଓ ନବେ ଦଶକରେ ମଧ୍ୟ ଡାକ୍ତର ସଂଖ୍ୟା କମ୍ ରହୁଥିଲା। କେବେ ବି ପୂର୍ଣ୍ଣ ପଦ ପୂରଣ ନ ଥିଲା। ଡାକ୍ତରମାନେ ସକାଳ ଓ ସନ୍ଧ୍ୟା ଦୁଇବେଳା ଡାକ୍ତରଖାନାକୁ ଯାଇ ରୋଗୀ ସେବା କରୁଥିଲେ, ଘଣ୍ଟା ଘଣ୍ଟା ଡାକ୍ତରଖାନାରେ ରହି ରୋଗୀ ଦେଖୁଥିଲେ। ଏବେ କିନ୍ତୁ ସବୁକିଛି କାମଚଳା ହୋଇଗଲାଣି, ଡାକ୍ତରମାନେ କାର୍ଯ୍ୟ ସମୟ ଶେଷ କରି ନର୍ସିଂହୋମ୍‌କୁ ଯାଉଛନ୍ତି। ସରକାରୀ ବ୍ୟବସ୍ଥା ମଧ୍ୟରେ ସେବା କରିବା ପାଇଁ ମନୋବୃତ୍ତି ରହିବା ଆବଶ୍ୟକ। ଶତ ପ୍ରତିଶତ କହି ହେବନି ଯେ, ଏହା ସମସ୍ୟାର ସମାଧାନ କିନ୍ତୁ ଜନସାଧାରଣଙ୍କୁ କିଛିଟା ଭଲ ସେବା ଦେଇହେବ ବୋଲି ଶ୍ରୀ ପୂଜାରୀ ମତ ରଖିଛନ୍ତି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସମ୍ବଲପୁରଙ୍କୁ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।

## ଚୋରି ଅଭିଯୋଗରେ ରୋଷେୟା ଗିରଫ

**ସମ୍ବଲପୁର, ୧୨।୬(ସମିସ):** ବୁର୍ଲା ଥାନା ଅନ୍ତର୍ଗତ ସୌରଭ ବିହାର ଅଞ୍ଚଳରେ ଏକ ଘରୁ ଚୋରି ହୋଇଥିବା ଅଭିଯୋଗରେ ପୁଲିସ ରୋଷେୟାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ତେଲଗୁପଡ଼ାର ଚନ୍ଦ୍ରଶେଖର ବେହେରା(୪୯)। ପୁଲିସ ଅଭିଯୁକ୍ତ ନିକଟରୁ ୪ ଲକ୍ଷ ଟଙ୍କା ଜବତ କରିଛି।ସୂଚନା ଅନୁସାରେ ବୁର୍ଲା ସୌରଭ ବିହାର (ମୂଳ ନିବାସ ସୁନ୍ଦରଗଡ଼)ର ଶାଶ୍ୱତ ଶେଖର ଷଡ଼ଙ୍ଗୀ ୪ଲକ୍ଷ ଟଙ୍କା ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗପରେ ତଦନ୍ତ ସମୟରେ ପୁଲିସ ସନ୍ଦେହରେ ରୋଷେୟା ଚନ୍ଦ୍ର ଶେଖର ବେହେରାକୁ ଜେରା କରିଥିଲା।




ଜେରା ସମୟରେ ଗତ ୧୦ତାରିଖ ଦିନ ଶାଶ୍ୱତ ଷଡ଼ଙ୍ଗୀଙ୍କ ଘରୁ ୪ ଲକ୍ଷ ଟଙ୍କା ଚୋରି କରି ନିଜ ଘରେ ଲୁଚାଇ ରଖିଥିବା କଥା କହିଥିଲା।ଟଙ୍କା ଜବତ ପରେ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଗଡ଼ିଲା ଶିଶୁ ଶ୍ରମ ନିରୋଧ ସଚେତନତା ରଥ



**ସମ୍ବଲପୁର, ୧୨।୬ (ସମିସ) :** ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ କଲେକ୍ଟୋରେଟ୍‌ଠାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହାସହ ୧୫ ଦିନ ବ୍ୟାପୀ ସଚେତନତା ଅଭିଯାନ ଜାରି ରହିବ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଶିଶୁ ଶ୍ରମିକ ନିରୋଧ, ଶିଶୁ ସୁରକ୍ଷା, ଉଦ୍ଧାର ହୋଇଥିବା ଶିଶୁଙ୍କୁ ମୁଖ୍ୟ ଧାରାରେ ଯୋଡ଼ିବା ଓ ବିଦ୍ୟାଳୟ ଡ୍ରପ୍ ଆଉଟ୍ କମେଇବା ଆମ ମୂଳ ଲକ୍ଷ୍ୟ ବୋଲି ବାର୍ତ୍ତା ଦେଇଥିଲେ। ସଚେତନତା ରଥ ସମ୍ବଲପୁର ଜିଲ୍ଲା ପରିଭ୍ରମଣ କରିବ। ଏହାସହ ରେଢ଼ାଖୋଲ, କୁଚିଣ୍ଡା ଓ ରେଙ୍ଗାଲି ଅଞ୍ଚଳରେ ସଚେତନତା ପଦଯାତ୍ରା କରାଯିବ ଏବଂ ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଓ ଉଦ୍ଧାର କାର୍ଯ୍ୟ ମଧ୍ୟ କରାଯିବ। କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ ମହେଶ୍ୱର ନାଏକ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶତ୍ରୁଜିତ ସାହୁ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ (ମଙ୍ଗଳ) ପୁଷ୍ପା ମିଞ୍ଜ, ଶିଶୁ ମଙ୍ଗଳ ସମିତିର ଡା. ରାଜାରାମ ଷଡ଼ଙ୍ଗୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଜିଲ୍ଲା ରେଡ୍‌କ୍ରସ୍ ସଚିବ ରୋଜଲୀନା ତିର୍କୀ, ଜିଲ୍ଲା ସଂଯୋଜିକା, ଏଡ୍‌ଏଟ୍ ଏକ୍ସନ ସୁନିତା ତ୍ରିପାଠୀ, ଆଦର୍ଶ ସ୍ୱେଚ୍ଛାସେବୀ ସଂଗଠନର ରଞ୍ଜନ ନାୟକ, ପ୍ରଦୀପ ବେହେରା, ଉମାଶଙ୍କର ଜେନା, ମନୋରଞ୍ଜନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଦୂତ ବିପୁଳଙ୍କୁ ଭେଟିଲେ ପ୍ରିୟଦର୍ଶୀ



**ସମ୍ବଲପୁର, ୧୨।୬ (ସମିସ) :** ଦୁବାଇରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ, ସ୍କୁବା ଡାଇଭର ଏବଂ ବ୍ୟବସାୟ ପରିଚାଳନା ବିଶେଷଜ୍ଞ ପ୍ରିୟଦର୍ଶୀ ପାଣିଗ୍ରାହୀ ଗତ ୯ ତାରିଖ ଦୋହାରେ କତାରରେ ୧୯୯୮ ବ୍ୟାଚ୍ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ ତଥା ଭାରତର ରାଜଦୂତ ବିପୁଳଙ୍କୁ ସାକ୍ଷାତ କରିଛନ୍ତି। ସାଉଦି ଆରବ ପାଇଁ ଭାରତର ପରବର୍ତ୍ତୀ ରାଜଦୂତ ଭାବେ ନିଯୁକ୍ତି ଅବସରରେ ସେ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ରାଜଦୂତ ବିପୁଳଙ୍କର ଓଡ଼ିଶା ସହ ଏକ ବିଶେଷ ସମ୍ପର୍କ ରହିଛି। ଭାରତୀୟ ବିଦେଶ ସେବା (ଆଇଏଫଏସ୍)ରେ ଯୋଗଦେବା ପୂର୍ବରୁ ସେ ରାଉରକେଲା ଇସ୍ପାତ କାରଖାନାରେ ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି ଭାବେ କାମ କରିଥିଲେ। ସାକ୍ଷାତକାର ସମୟରେ ପ୍ରିୟଦର୍ଶୀ ପାଣିଗ୍ରାହୀ ଦୁବାଇରେ ଭାରତର କନସୁଲ ଜେନେରାଲ୍ (୨୦୧୭-୨୦୨୦) ଭାବେ ରାଜଦୂତ ବିପୁଳଙ୍କ କାର୍ଯ୍ୟକାଳକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ସେହି ସମୟରେ ରାଜଦୂତ ବିପୁଳ ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟ ସହ ଘନିଷ୍ଠ ଭାବେ ଜଡ଼ିତ ଥିଲେ ଏବଂ ଉତ୍କଳ ଦିବସ, ନୂଆଁଖାଇ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ। ଝାରସୁଗୁଡ଼ା ବିମାନବନ୍ଦର ପାଇଁ ସିଧାସଳଖ ବିମାନ ସଂଯୋଗ ଦାବିକୁ ମଧ୍ୟ ସେ ସକାରାତ୍ମକ ଭାବେ ଗ୍ରହଣ କରିଥିଲେ। ୟୁଏଇରେ ତାଙ୍କ କାର୍ଯ୍ୟକାଳ ସମୟରେ ରାଜଦୂତ ବିପୁଳ ପ୍ରବାସୀ ଭାରତୀୟମାନଙ୍କ ସମସ୍ୟା ସମାଧାନ, ସମୁଦାୟ କଲ୍ୟାଣ ଏବଂ ଭାରତର ସଂସ୍କୃତି ଓ ଐତିହ୍ୟର ପ୍ରଚାର ପାଇଁ ବିଶେଷ ପ୍ରଶଂସା ଅର୍ଜନ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ-ସାଉଦି ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟର ସକ୍ରିୟ ସଦସ୍ୟ ପ୍ରିୟଦର୍ଶୀ ପାଣିଗ୍ରାହୀ ପୂର୍ବତନ ସାଂସଦ ତଥା ମନ୍ତ୍ରୀ ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀ ଏବଂ ଶିକ୍ଷାବିତ୍ ଡ. ସୁନନ୍ଦା ପାଣିଗ୍ରାହୀଙ୍କ ପୁଅ ଅଟନ୍ତି।

## ୨୮ରେ ପଲ୍‌ସ ପୋଲିଓ ଟିକାକରଣ

**ସମ୍ବଲପୁର, ୧୨।୬ (ସମିସ) :** ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଡେପୁଟି କମିଶନର ଶୁଭଦିପ୍ତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ନଗରସ୍ତରୀୟ ପୋଲିଓ ଟୀକାକରଣ ଟାସ୍କଫୋର୍ସ ବୈଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ନଗର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସ ଯୋଗଦେଇ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ଜୁନ ୨୮, ୨୯ ଓ ୩୦ ତାରିଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜନ୍ମରୁ ୫ ବର୍ଷ ବୟସର ସମସ୍ତ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ୨୧୩ଟି ଟିମ୍ ନିୟୋଜିତ କରାଯାଇ ସମ୍ବଲପୁର ମହାନଗର ନିଗମ ଅଧୀନରେ ଥିବା ୨୮୧୨୮ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ। ୧୧ଟି ଟ୍ରାନଜିଟ୍ ଟିମ ନିୟୋଜିତ ହେବେ। ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀମାନେ ଏହି କାର୍ଯ୍ୟରେ ନିୟୋଜିତ ହେବେ। ବୈଠକରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୀବ କୁମାର ତିରିଆ, ନଗର ଅଧୀନରେ ଥିବା ସମସ୍ତ ମେଡିକାଲ ଅଫିସର, ରେଳବାଇ ଅଧିକାରୀ, ବସ୍ ୟୁନିଅନ ସଦସ୍ୟ, ରେସିଡେଣ୍ଟ ୱେଲ ଫେୟାର ଆସୋସିଏସନର ସଦସ୍ୟ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଏନଜିଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଜୁନ ୧୬ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ 'ଷ୍ଟପ୍ ଡାଏରିଆ ଅଭିଯାନ- ୨୦୨୬' ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସମ୍ବଲପୁର ମହାନଗରରେ ଯେମିତି ଡାଏରିଆ ଜନିତ ମୃତ୍ୟୁ ନ ହେବ ସେଥିପାଇଁ ଜନସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯିବାକୁ ବୈଠକରେ ସଂକଳ୍ପ ନିଆଗଲା। ବିଶେଷ କରି ସୁଷମଖାଦ୍ୟ, ପାନୀୟ ଜଳ ଓ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରିବା ଉପରେ ଡିପିଏଚ୍‌ଓ ଡା. ଅଶୋକ କୁମାର ଦାସ ଗୁରୁତ୍ୱାରୋପ କରିଥିଲେ। ସଭାକୁ ନଗର କାର୍ଯ୍ୟକ୍ରମ ପରିଚାଳକ ନିକୁ ରଞ୍ଜନ ପ୍ରତିହାରୀ ପରିଚାଳନା କରିଥିଲେ।

## ୧୪ରେ ସର୍ବଭାରତୀୟ ହିନ୍ଦୀ-ଉର୍ଦ୍ଦୁ-ସମ୍ବଲପୁରୀ କବି ସମ୍ମିଳନୀ

**ସମ୍ବଲପୁର, ୧୨।୬ (ସମିସ) :** ଅମୀର ଖୁସ୍ରୁ ଫାଉଣ୍ଡେସନ, ସମ୍ବଲପୁର ପକ୍ଷରୁ ଆସନ୍ତା ୧୪ ତାରିଖରେ ସମ୍ବଲପୁରର 'ତପସ୍ୱିନୀ' ପ୍ରେକ୍ଷାଳୟରେ ସର୍ବଭାରତୀୟ ହିନ୍ଦୀ, ଉର୍ଦ୍ଦୁ ଏବଂ ସମ୍ବଲପୁରୀ ମୁସାଏରା ତଥା କବି ସମ୍ମେଳନ ଆୟୋଜିତ ହେବ ସମ୍ପାଦକ ମହମ୍ମଦ ପରଭେଜ ଅଲ୍ଲୀଖାନ ସୂଚନା ଦେଇଛନ୍ତି। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆଜି ପୂର୍ବାହ୍ଣରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନାସିର ଫରାଜ କହିଛନ୍ତି ଯେ, ଗତବର୍ଷ ଉର୍ଦ୍ଦୁରେ ସର୍ବଭାରତୀୟ ମୁସାଏରା ଆୟୋଜନ ହୋଇଥିଲା, ଚଳିତବର୍ଷ ଏଥିରେ ହିନ୍ଦୀ ଓ ସମ୍ବଲପୁରୀ ଭାଷାକୁ ସାମିଲ କରିବାସହ କବିତା ମାଧ୍ୟମରେ ଭାଷାର ପ୍ରଚାର ପ୍ରସାର ଆହୁରି ବ୍ୟାପକ କରିବାକୁ ପ୍ରୟାସ କରାଯାଇଛି। ଏହି ଅବସରରେ ବିଭିନ୍ନ ଭାଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନଜନକ 'ଅମୀର ଖୁସ୍ରୋ ପୁରସ୍କାର' ପ୍ରଦାନ କରାଯିବ। ସେମାନେ ହେଲେ - ରାଉରକେଲାରୁ ହିନ୍ଦୀ ଓ ଉର୍ଦ୍ଦୁ ପାଇଁ ଡ. କ୍ରିଷ୍ଣକୁମାର ପ୍ରଜାପତି, ଉର୍ଦ୍ଦୁ ଭାଷା ପାଇଁ ଡ. ଅଲତାଫ ହୁସେନ ହସରତ, ଝାରସୁଗୁଡ଼ାରୁ ଉର୍ଦ୍ଦୁ ପାଇଁ ମୋହିନୁଦ୍ଦିନ ଜଖମୀ, ବରଗଡ଼ ଭେଡେନରୁ ସମ୍ବଲପୁରୀ ସାହିତ୍ୟ ପାଇଁ ଉତ୍ପନ୍ନ ଭୋଇ ଏବଂ ଅନୁଗୋଳରୁ ହିନ୍ଦୀ ଭାଷା ପାଇଁ ଦିନେଶ କୁମାର ମାଲୀ। ଗତବର୍ଷ ଏହି ପୁରସ୍କାର କେବଳ ଉର୍ଦ୍ଦୁ ଭାଷା ପାଇଁ ତିନିଜଣଙ୍କୁ ଦିଆଯାଇଥିବା ବେଳେ ଚଳିତବର୍ଷ ଏଥିରେ ହିନ୍ଦୀ ଓ ସମ୍ବଲପୁରୀ ଭାଷାକୁ ଯୋଡ଼ାଯାଇଛି ବୋଲି ସେ କହିଛନ୍ତି। ସମ୍ପାଦକ ମହମ୍ମଦ ପରଭେଜ ଅଲ୍ଲୀଖାନ କହିଲେ ଯେ, କାର୍ଯ୍ୟକ୍ରମର ମୁଖ୍ୟ




ଆକର୍ଷଣ ଭାବେ ମୁମ୍ବାଇରୁ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ, ଲେଖକ ତଥା କବି ଜଲାଲ ସିଦ୍ଦିକୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ। ଏହାସହିତ ନବୀମୁମ୍ବାଇରୁ ହୁକୁମ ଚନ୍ଦ୍ର କୋଠାରୀ, ୟୁପି ବୁରହାନପୁରରୁ ଡାକ୍ତର ଜଲିଲୁର ରହମାନ, ମହାରାଷ୍ଟ୍ର ଅମରାବତୀରୁ ଡାକ୍ତର ଜାହିଦ ନୈୟର, ୟୁପି ଆଜମଗଡ଼ରୁ ମୈକସ ଆଜମୀ, ଓଡ଼ିଶାରୁ ଅଫଜଲ ବେଦାର ଗଙ୍ଗପୁରୀ, ଫୈଜାବାଦରୁ ଜମସେଦ ଫୈଜାବାଦୀ, ନାଗପୁରରୁ ଇମରାନ ଫୈଜ ନାଗପୁରୀ, ସମ୍ବଲପୁରରୁ ମୁମତାଜ ସହୁର, ଭୁବନେଶ୍ୱରରୁ ବିକ୍ରମାଦିତ୍ୟ ସିଂହ, ମଧ୍ୟପ୍ରଦେଶ ଦେବାସରୁ ଚାନ୍ଦ ସୋନୀ, ଛତିଶଗଡ଼ ରାଜପୁରରୁ ଅରୁଣା ଚୌହାନ, ୟୁପି ଚରଖାରୀରୁ ସାବାନ ସବା ଏବଂ ଝାରସୁଗୁଡ଼ାରୁ ଅଜୟ କୁମାର ପଣ୍ଡା ପ୍ରମୁଖ କବି ସମ୍ମିଳନୀରେ ସାମିଲ ହେବେ।

ସମ୍ପାଦକ ମହମ୍ମଦ ପରଭେଜ ଅଲ୍ଲୀଖାନଙ୍କ ସୂଚନା ଅନୁଯାୟୀ, ସମ୍ବଲପୁରର ପୂର୍ବପୁରୁଷମାନେ ଯେଉଁ ଗଙ୍ଗା-ଯମୁନୀ ତହଜୀବ ବା ସମସ୍ତ ଭାଷା ଓ ସଂସ୍କୃତିକୁ ଏକାଠି କରିବାର ପରମ୍ପରା ଆରମ୍ଭ କରିଥିଲେ, ଯାହା କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା, ତାକୁ ପୁଣିଥରେ ଉଜ୍ଜୀବିତ କରିବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ। ଗତବର୍ଷର ସଫଳତା ପରେ ଚଳିତବର୍ଷ କାର୍ଯ୍ୟକ୍ରମ ଉଚ୍ଚମାନର କରିବାକୁ ପ୍ରୟାସ କରାଯାଇଛି। ସମ୍ବଲପୁର ମାଟିରେ ସବୁ ଭାଷାର ସମନ୍ୱୟରେ ଏହି ସାହିତ୍ୟିକ କାର୍ଯ୍ୟକ୍ରମ ସାରା ଓଡ଼ିଶା ତଥା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଆଇନ ପରାମର୍ଶଦାତା ଜୟକୃଷ୍ଣ ବେହେରା, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭିବି ଜି ରାମ ଜି ସାମାଜିକ ସମୀକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ସମ୍ବଲପୁର, ୧୨।୬ (ସମିସ) :** ସମ୍ବଲପୁର ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର (ଡିପିଆର୍‌ସି)ଠାରେ ଓଡ଼ିଶାର ଭିବି ଜି ରାମ ଜି ସାମାଜିକ ସମୀକ୍ଷା (ସୋସିଆଲ ଅଡିଟ୍) ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କର୍ମଶାଳାରେ ମାଷ୍ଟର ଟ୍ରେନର୍ ଭାବେ ଜ୍ୟୋତିରଞ୍ଜନ ଶତପଥୀ, ଆର୍ତ୍ତତ୍ରାଣ ଶତପଥୀ ଓ ରାଜକିଶୋର ପରିଡ଼ା ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼ ଏବଂ ଝାରସୁଗୁଡା ଜିଲ୍ଲାରୁ ମୋଟ ୪୧ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଯୋଜନାର ରୂପରେଖ, ଭିବି ଜି ରାମ ଜି ଯୋଜନା ଅଧୀନରେ ସାମାଜିକ ସମୀକ୍ଷାର ନିୟମାବଳୀ ଓ ଆଇନଗତ ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟରେ ସ୍ୱଚ୍ଛତା, ଜବାବଦେହିତା ଏବଂ ଜନଭାଗିଦାରୀକୁ ସୁଦୃଢ଼ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଯାପନୀ ଦିବସରେ ଦଳଗତ ଆଲୋଚନା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ବ୍ୟାଚ୍-୨ର କ୍ଷେତ୍ରସ୍ତରୀୟ ସମୀକ୍ଷାକୁ ଅଧିକ ସରଳ ଓ ପ୍ରଭାବଶାଳୀ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ତୃଣମୂଳସ୍ତରରେ ସାମାଜିକ ସମୀକ୍ଷାକୁ ଶତପ୍ରତିଶତ ସଫଳ କରିବା ପାଇଁ ସମସ୍ତ ପ୍ରତିନିଧି ସଂକଳ୍ପବଦ୍ଧ ହୋଇଥିଲେ। କର୍ମଶାଳାକୁ ଜିଲ୍ଲା ପରିଷଦର ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ ପରିଚାଳନା କରିଥିଲେ।

## ନନ୍ଦପଡ଼ା, ଝାଡ୍ରୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା | ୭ ହଜାରରୁ ଊର୍ଦ୍ଧ୍ୱ କଳାକାରଙ୍କ ସମାଗମ

**ସମ୍ବଲପୁର, ୧୨।୬ (ସମିସ)**

ଆସନ୍ତା ଶୀତଳଷଷ୍ଠୀ ଯାତ୍ରାରେ ନନ୍ଦପଡ଼ା, ଝାଡ୍ରୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଲୋକକଳା ଓ ଲୋକସଂସ୍କୃତିକୁ ପ୍ରାଧାନ୍ୟ ଦେବାସହ ରାଜ୍ୟ ତଥା ଜାତୀୟସ୍ତରର ୭ ହଜାରରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ। ସ୍ଥାନୀୟ କଳାକାରଙ୍କୁ ସାମିଲ କରି ଲୁପ୍ତପ୍ରାୟ କଳା ଉପରେ ଗୁରତ୍ୱ।ରୋପ କରାଯାଉଛି। ଏହି ତିନୋଟି ଯାତ୍ରା କମିଟିର ମୁଖ୍ୟ ଯୁଗଳ ଦର୍ଶନ ଶୋଭାଯାତ୍ରା ଏବଂ ଅନ୍ୟ ଶୋଭାଯାତ୍ରା ମାନଙ୍କରେ ତଳନାଚ, ରଥନାଚ, ରେକର୍ଡ ଡ୍ୟାନ୍ସ ଆଦି ଅନ୍ତର୍ଭୁକ୍ତ ହେବ। ନନ୍ଦପଡ଼ା, ଝାଡ୍ରୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ମିଳିତ କ୍ରିୟାନୁଷ୍ଠାନ କମିଟିର ସାମ୍ବାଦିକ ସମ୍ମିଳନୀ ଆଜି ପୂର୍ବାହ୍ଣରେ ଟିଂରୋଡସ୍ଥିତ ଏକ ଘରୋଇ ହୋଟଲରେ ଅନୁଷ୍ଠିତ ହୋଇଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ସଭାପତି ସମୀର ରଞ୍ଜନ ବାବୁ, ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଫଣୀଭୂଷଣ ମିଶ୍ର, ଝାଡ୍ରୁଆପଡ଼ା ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସରୋଜ ଦଳପତ ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସୁନୀଲ କୁମାର ଦାଶ ମଞ୍ଚାସୀନ ଥିଲେ। ଗତବର୍ଷ ଅପେକ୍ଷା ଚଳିତବର୍ଷର ଶୀତଳଷଷ୍ଠୀ ଯାତ୍ରା ଆହୁରି ଭବ୍ୟ ଏବଂ ଆକର୍ଷଣୀୟ କରାଯିବ। ଏପ୍ରିଲ ୧୯ ତାରିଖ 'ଥାଳ ଉଠା' ସହିତ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀର ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୯ ତାରିଖ ବିଳମ୍ବିତ ରାତ୍ରି ଏବଂ ବ୍ରାହ୍ମମୁହୂର୍ତ୍ତରେ ଦେବବିବାହ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଯାତ୍ରା କମିଟିର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ସଭାପତି ଶ୍ରୀ ବାବୁ ସୂଚନା ଦେଇଛନ୍ତି।

ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଫଣୀଭୂଷଣ ମିଶ୍ର କହିଛନ୍ତି ଯେ, ବାଲୁଙ୍କେଶ୍ୱର ବାବା ଏବଂ ମାତା ପାର୍ବତୀଙ୍କ ଦେବବିବାହ ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଶୋଭାଯାତ୍ରାରେ ଦୁଲଦୁଲି, ସମ୍ପ୍ରଦା, ଡମ୍ବରୁ, ଘଣ୍ଟ ବାଦ୍ୟ ସମେତ ଆନ୍ଧ୍ରପ୍ରଦେଶର କାନ୍ତାରା, କେରଳର ବେଣ୍ଡ ଓ ପପେଟ୍, ହରିୟାଣାର ଅଘୋରୀ, ମୟୂରଭଞ୍ଜର କଳସ ନୃତ୍ୟ, ପଞ୍ଜାବର ଆଖଡ଼ା ଏବଂ କଲିକତା, ମୁମ୍ବାଇ, ଗୁଆହାଟୀ, ଆସାମ, ନାଗପୁରର ଆଧୁନିକ ନୃତ୍ୟ ଓ ଓଡ଼ିଶୀ ନୃତ୍ୟ ଭଳି ପ୍ରାୟ ୨୪ଟି ସାଂସ୍କୃତିକ ଦଳରେ ପ୍ରାୟ ୨୫୦୦ କଳାକାର ସାମିଲ ହେବେ। ପରିବେଶ ସଚେତନତା, ନଟରାଜ, ସମ୍ଭାଜୀ ମହାରାଜ ଓ




ଇଣ୍ଡିଆନ ଡିଫେନ୍ସ ଭଳି ପ୍ରଜ୍ଞାପନ ମେଢ଼ ରହିବ। ମୁଖ୍ୟ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଭାବେ ମହାମଙ୍ଗଳ ଆଳତି, କିଷାନ ଭଗତ ଏବଂ ଦଳ, ଆତସବାଜି ଓ କାୟରା ଡିଜେ ରହିବ। ଚଳିତବର୍ଷ କନ୍ୟା ମାତାପିତା ଭାବେ ମାଝୀପାଲିର ପ୍ରଦୀପ ମିଶ୍ର ଓ ବୀଣାପାଣି ମିଶ୍ର ଏବଂ ବାବା ବାଲୁଙ୍କେଶ୍ୱରଙ୍କ ମାତାପିତା ଭାବେ ନନ୍ଦପଡ଼ାର ରାମଚନ୍ଦ୍ର ମିଶ୍ର ଓ ବନିତା ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ, ୧୪ରେ ପତରପେଣ୍ଡି, ୧୫ରେ ନୃସିଂହ ନିଉତା, ୧୭ରେ ସାକ୍ଷୀଗୋପୀନାଥଙ୍କ ଆଗମନ, ୧୮ରେ ବରାତି ଏବଂ ବିଳମ୍ବିତ ରାତିରେ ଦେବବିବାହ, ୧୯ ରାତିରେ ନଗର ପରିକ୍ରମା ଓ ମୁଖ୍ୟ ଶୋଭାଯାତ୍ରା ଏବଂ ୨୦ ଅପରାହ୍ଣରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ଶ୍ରୀ ଶ୍ରୀ ଲୋକନାଥ ବାବା ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସରୋଜ ଦଳପତଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ୬୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବିଭିନ୍ନ ଶୋଭାଯାତ୍ରାରେ ମୋଟ ୧୫୦୦ ରୁ ୨୨୦୦ କଳାକାର ଭାଗ ନେବେ। ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳର ଦୁଲଦୁଲି, ସମ୍ପ୍ରଦା, କଳାହାଣ୍ଡିର ଆଦିବାସୀ ନାଚ, ରାୟଗଡ଼ାର କୋରବା ଡ୍ୟାନ୍ସ, କୋରାପୁଟର ଅବତାର ଡ୍ୟାନ୍ସ, ପୁରୀର ପଞ୍ଚମୁଖୀ ହନୁମାନ ଓ ନୃସିଂହ ମେଢ଼ ନାଚ, ହିମଗିରିର କରମା ନାଚ, ସମ୍ବଲପୁରର ଧମାଲ, ମଲମୁଣ୍ଡା, ବରପାଲି ଓ ଭଁଏସା ଅଞ୍ଚଳର ଘଣ୍ଟ ବାଦକ ସାମିଲ ହେବେ। ବିବାହ ଶୋଭାଯାତ୍ରାରେ ଛତିଶଗଡ଼ର ଝାଞ୍ଜ ଡ୍ୟାନ୍ସ, ଆଞ୍ଚଳ ଆଦିବାସୀ ଡ୍ୟାନ୍ସ, ବାଦୀ ଡ୍ୟାନ୍ସ ଓ ମୟୂର ଝାଲ ଡ୍ୟାନ୍ସ ବିଶେଷ ଆକର୍ଷଣ ସାଜିବ। ଏହାବ୍ୟତୀତ ଚଳିତବର୍ଷ ଝାଡ୍ରୁଆପଡ଼ା ଶୀତଳଷଷ୍ଠୀର ମୁଖ୍ୟ ଆକର୍ଷଣ ହେବ ଭୋପାଳର ବାବା ବାଟେଶ୍ୱର କୀର୍ତ୍ତନ ସମିତି ସହ ପ୍ରୟାଗରାଜର ମନମୌଜୀ ଗ୍ରୁପ୍ ଏବଂ ତେଲେଙ୍ଗାନାର ଓଗି ଡଲୁ ଗ୍ରୁପ। ପ୍ରଜ୍ଞାପନ ମେଢ଼ରେ ପୁତନା ବଧ, ନୃସିଂହ, ମହାକାଳ ଓ ବିଭିନ୍ନ କାର୍ଟୁନ ଚରିତ୍ର ରହିବ। ଅନ୍ୟପକ୍ଷରେ ପରଭା ଗୁଡ଼ିକ ମଧ୍ୟରେ ଶ୍ରୀ ରାଧାକୃଷ୍ଣ ମେଢ଼, ହନୁମାନ ମେଢ଼ ଏବଂ ଶିବ ପାର୍ବତୀଙ୍କ ମୁଖ୍ୟମେଢ଼ ରୂପା ପରଭାର ହେବ ବୋଲି ଜଣାପଡ଼ିଛି। ଚଳିତବର୍ଷ କନ୍ୟା ମାତାପିତା ଭାବେ ସମ୍ବଲପୁର ବୁଢ଼ାରଜାର ଜୟବିଜୟ ବେଦି ଓ ପୁନମ ବେଦି ଦାୟିତ୍ୱ ନିର୍ବାହ କରିବେ ବୋଲି ଶ୍ରୀ ଦଳପତ ସୂଚନା ଦେଇଥିଲେ।

ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସୁନିଲ କୁମାର ଦାଶଙ୍କ ସୂଚନା ଦେଇ କହିଲେ ଯେ, ଚଳିତ ବର୍ଷ ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ବିବାହ ମହୋତ୍ସବ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ମୁଖ୍ୟ ଶୋଭାଯାତ୍ରାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୨ଶହ ରୁ ୨୦୦୦ କଳାକାର ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଗୋଳ ଓ ହାରାକୁଦର ଘଣ୍ଟ ପାର୍ଟି, ଲୋଇସିଂହା ଓ ପଦ୍ମପୁରର ଦୁଲଦୁଲି ବାଜା, ପୁରୀର ଦୁର୍ଗା ନାଚ, ଢେଙ୍କାନାଳର ଧମାଲ ଡ୍ରମ ପାର୍ଟି, ମଧ୍ୟପ୍ରଦେଶ ସାଗରର ଡମ୍ବରୁ, ମାଲକାନଗିରିର କୋୟା ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ, ପଶ୍ଚିମବଙ୍ଗ ଶିଲିଗୁଡ଼ିର ମହିଳା ଡ୍ରମ ପାର୍ଟି, ପଦ୍ମପୁରର ଗୌରବାଡ଼ି, ସୁନ୍ଦରଗଡ଼ର କଳସୀ ନୃତ୍ୟ ଭଳି ପାରମ୍ପରିକ ଓ ଲୋକନୃତ୍ୟ ସ୍ଥାନ ପାଇଛି। ଏହାସହିତ ରାଜସ୍ଥାନୀ ଓ ସମ୍ବଲପୁରୀ ନୃତ୍ୟ ତଥା କଲିକତା, ବିଲାସପୁର, ଜବଲପୁର ଓ ନାଗପୁରର ଆଲବମ୍ ନୃତ୍ୟ ରହିବ। ମୁଖ୍ୟ ମେଢ଼ ଗୁଡ଼ିକ ମଧ୍ୟରେ ମାତା ପାର୍ବତୀ ଓ ଶ୍ରୀ ଜାଗେଶ୍ୱର ବାବା ପୁଷ୍ପକ ରଥରେ, ହନୁମାନ ସୌର୍ଯ୍ୟ ରଥରେ ଏବଂ ରାମ ସୀତା ଗରୁଡ଼ ରଥରେ ନଗର ପରିକ୍ରମା କରିବେ। ପ୍ରଜ୍ଞାପନ ମେଢ଼ରେ ପରିବେଶ ସଚେତନତା ଧର୍ମୀ 'ଗଛ ବଞ୍ଚାଅ', ଯମରାଜ, ଯୁଦ୍ଧ ଏବଂ ପିଙ୍କପଙ୍ଗ, ଗରିଲା ଓ ଠେକୁଆ ଆଦି କାର୍ଟୁନ ଚରିତ୍ର ରହିବ। ଚଳିତବର୍ଷ ବରପିତା ଭାବେ ମଧୁସୂଦନ ନେଗୀ ଏବଂ କନ୍ୟା ମାତାପିତା ଭାବେ କୁମ୍ଭାରପଡ଼ାର ବ୍ରିଜେଶ ସୋନି ଓ ସୁମିତ୍ରା ସୋନି ଦାୟିତ୍ୱ ଗ୍ରହଣ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଝାଡ୍ରୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବା ଓ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ସହିତ ସମସ୍ତ ଶିବାଳୟ ମାନଙ୍କରେ ୧୬ରେ ପତରପେଣ୍ଡି, ୧୭ରେ ହନୁମାନ ନିଉତା, ୧୮ରେ ବରାତି ଏବଂ ବିଳମ୍ବିତ ରାତିରେ ଦେବବିବାହ, ୧୯ ରାତିରେ ନଗର ପରିକ୍ରମା ଶୋଭାଯାତ୍ରା ଏବଂ ୨୦ ଅପରାହ୍ଣରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

● ଏମ୍‌ଏସ୍‌ଡିଇର ନ୍ୟାସନାଲ ଗ୍ରେଡିଂ-୨୦୨୬-୨୭

## ସର୍ବଭାରତୀୟ ସ୍ତରରେ ୨ୟ ସ୍ଥାନରେ ଡାଲ୍‌ମିଆ ଆଇଟିଆଇ



ରାଉରକେଲା,୧୨।୬(ସମିସ): ଭାରତର ଅନ୍ୟତମ ପ୍ରମୁଖ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଦ୍ୱାରା ପରିଚାଳିତ ରାଜଗାଙ୍ଗପୁର ସ୍ଥିତ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ (ଆଇଟିଆଇ)କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ (ଏମଏସଡିଇ) ପକ୍ଷରୁ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପରିଚାଳିତ ଅଲ୍ ଇଣ୍ଡିଆ ଆଇଟିଆଇ ଗ୍ରେଡିଂରେ ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା ଦିଆଯାଇଛି। ଏହି ଶିକ୍ଷାନୁଷ୍ଠାନ ଦେଶର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିବା ସହ ୧୦ରୁ ୯.୭ର ଏକ ଉଲ୍ଲେଖନୀୟ ସ୍କୋର ହାସଲ କରିଛି। ଏହି ନୂତନ ସ୍ୱୀକୃତି ଶିକ୍ଷାନୁଷ୍ଠାନର ଉତ୍କର୍ଷତାର ମଜବୁତ ଟ୍ରାକ ରେକର୍ଡ ଯୋଗୁଁ ସମ୍ଭବ ହୋଇଛି, ଯାହା ପୂର୍ବରୁ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତରେ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିଥିଲା। ଚଳିତ ବର୍ଷ ଶୀର୍ଷ ସ୍ଥାନକୁ ଏହାର ଉତ୍‌ଥାନ ଗୁଣାତ୍ମକ ତାଲିମ, ଶିଳ୍ପ ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ସଫଳତା ଉପରେ ଏକ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି। ଏହି ସଫଳତା ନେଇ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁର, ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ କହିଛନ୍ତି, ଏହି ସ୍ୱୀକୃତି ଡାଲମିଆ ଭାରତ ପାଇଁ ଏକ ଗୌରବମୟ ସଫଳତା ଏବଂ ଆମର ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଓ ଶିଳ୍ପ ସହଯୋଗୀଙ୍କ ଉତ୍ସର୍ଗୀକୃତତାର ଏକ ପ୍ରମାଣ।

## ହାଇୱା ପଛକୁ ପିଟିଲା ବୋଲେରୋ; ଚାଳକ ଗୁରୁତର

ଲହୁଣୀପଡ଼ା,୧୨।୬(ସମିସ): କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କମାର ଓଭରବ୍ରିଜ୍‌ରେ ଏକ ହାଇୱା ପଛରେ ବୋଲେରୋ ପିଟି ହେବାରୁ ବୋଲୋରୋ ନିଓ ଚାଳକ ଗୁରୁତର ହୋଇଛନ୍ତି। ଚାଳକ ଜଣକ ବଣାଇଁର ବିଶାଲ ନାୟକ (୨୭)। ଗୁରୁବାର ରାତି ପ୍ରାୟ ୯ଟାରେ କୋଇଡ଼ାରୁ ଲହୁଣୀପଡ଼ା ପଟେ ସମାନ ଦିଗରେ ଆସୁଥିବା ବୋଲେରୋ (ନଂ.ଓଡି୧୪ଏଏଫ-୭୬୨୭) ଭାରସାମ୍ୟ ହରାଇ ସାମ୍ନାରେ ଥିବା ହାଇୱା (ନଂ. ଓଡି୧୪ଏଏ-୦୧୫୧)କୁ ପଛରୁ ଜୋର୍‌ରେ ଧକ୍କା ଦେଇବାରୁ ବୋଲେରୋ ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ କେ.ବଲାଙ୍ଗ ପୁଲିସ ଉଦ୍ଧାର କରି ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନା ଓ ପରେ ସଂକଟାପନ୍ନ ଅବସ୍ଥାରେ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ଆରଜିଏଚ୍ ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ

# ଅନ୍ୟ ସଂସ୍ଥାକୁ ଜମି ଦେଇ ଚିନ୍ତାରେ ଆର୍‌ଜିଏଚ୍

ରାଉରକେଲା,୧୨।୬(ସମିସ)




ସୁନ୍ଦରଗଡ଼ ଜିଲ୍ଲାର ଏକମାତ୍ର ବୃହତ୍ ସରକାରୀ ହସ୍ପିଟାଲ ହେଉଛି ରାଉରକେଲା ସରକାରୀ ଡାକ୍ତରଖାନା, ଯାହାର ସଂପ୍ରସାରଣ ସମ୍ପ୍ରତି ଜରୁରୀ ହୋଇପଡିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩୦ ମେ’ ୨୦୨୫ରେ ଆର୍‌ଜିଏଚ୍‌ର ସମ୍ପ୍ରସାରଣ ପାଇଁ ଘୋଷଣା କରିଥିଲେ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୬୨୭.୧୬ କୋଟି ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି। କିନ୍ତୁ ଏକ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହି କାର୍ଯ୍ୟ ଶୁଭାରମ୍ଭର ଫାଇଲ ମଧ୍ୟ ପ୍ରସ୍ତୁତ ହୋଇପାରିନାହିଁ। ଏହାର ଏକମାତ୍ର କାରଣ ଆବଶ୍ୟକ ଜମିର ଘୋର ଅଭାବ। ଜମି ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଧୂଆଁବାଣରେ ରହିଯିବ ବୋଲି ଚର୍ଚ୍ଚା ଜୋର ଧରିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ କିଛିମାସ ପୂର୍ବେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଆର୍‌ଜିଏଚ୍ ସମ୍ପ୍ରସାରଣ ପାଇଁ ପ୍ରାୟ ୪୦ ଏକର ଜମି ଚିହ୍ନଟ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଏ ସମ୍ବନ୍ଧୀୟ ତଥ୍ୟ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ପାଖରୁ ମାଗିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଗତ ୭୦ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶ ଆର୍‌ଜିଏଚ୍ ଏବଂ ପାନପୋଷ ସ୍ଥିତ ରାଉରକେଲା ସରକାରୀ ମହାବିଦ୍ୟାଳୟ ପାଇଁ ୫୦ ଏକର ଲେଖାଏଁ ଜମି ପ୍ରଦାନ କରିଥିଲେ। ଆର୍‌ଜିଏଚ୍‌ର ୫୦ ଏକର ଜମିରୁ ୧୫ ଏକର ଜମିରେ ହନୁମାନ ବାଟିକା ନିର୍ମାଣ ହୋଇଥିବା ବେଳେ ୧୯ ଏକର ଜମିକୁ ଏକ ଘରୋଇ ମେଡିକାଲକୁ ଦେଇ ଦିଆଗଲା। ଆର୍‌ଜିଏଚ୍‌ର ୩୪ ଏକର ଜମି ଗଲାପରେ ଅବଶିଷ୍ଟ ୧୬ ଏକର ଜମିରୁ ପାଖାପାଖି ୧ ଏକର ଜମି ଏକ ସ୍କୁଲ ଜବରଦଖଲରେ। ବଳକା ୧୫ ଏକର ଜମିରେ ଆର୍‌ଜିଏଚ ଏବେ ଅଣନିଃଶ୍ୱାସୀ। ସମ୍ପ୍ରସାରଣ କରିବାକୁ ଆଉ ଇଞ୍ଚେ ବି ନିଜସ୍ୱ ଜମି ନାହିଁ। ସେପଟେ ବୋଝ ଉପରେ ନଳିତା ବିଡ଼ା ସଦୃଶ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଆବାହମାନ କାଳରୁ ଚାଲି ଆସୁଥିବା ଶବ ବ୍ୟବଚ୍ଛେଦ ଗୃହକୁ ଆର୍‌ଜିଏଚ୍ ପରିସରକୁ ସମ୍ପ୍ରତି ସ୍ଥାନାନ୍ତର କରାଯାଇଛି।

ତେବେ ଆର୍‌ଜିଏଚ୍‌ରେ ଆଉଟ୍ ଡୋର ଏବଂ ଇନ୍‌ଡୋର ରୋଗୀଙ୍କୁ ସେବା ଦେବାକୁ ଡାକ୍ତରଙ୍କ ଘୋର ସଂକଟ ରହିଥିବା ବେଳେ ଏବଂ ପାନପୋଷ ଗୋଷ୍ଠୀ ସରକାରୀ ଡାକ୍ତରଖାନାରେ ରୋଗୀ ନଥିବା ସତ୍ତ୍ୱେ ୬ ଜଣ ଡାକ୍ତର ଖାଲି ବସି ବସି ଦରମା ନେଉଥିବା ବେଳେ କାହା ସ୍ୱାର୍ଥରେ ଶବ ବ୍ୟବଚ୍ଛେଦ ଗୃହକୁ ସେଠାରୁ ଆର୍‌ଜିଏଚ୍ ପରିସରକୁ ସ୍ଥାନାନ୍ତର କରାଗଲା ବୋଲି ଏବେ ସନ୍ଧୀହାନରେ ରହିଯାଇଛି।

ସୁତରାଂ ରାଉରକେଲା ସରକାରୀ ଡାକ୍ତରଖାନାର ସଂପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରିତା ନେଇ ଏବେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ଆରଜିଏଚର ସଂପ୍ରସାରଣ ହେଉନଥିବାରୁ ବିଶେଷ କରି ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏହାର ବିକଳ୍ପ କି ପ୍ରତିକାର ବି ନାହିଁ। କାରଣ ଆର୍‌ଜିଏଚ୍‌ର ଆଉଟ ଡୋର ରୋଗୀ ଦୈନିକ ପ୍ରାୟ ୧୨୦୦ରୁ ୧୫୦୦ ହୋଇଥିବା ବେଳେ ଇନଡୋର ରୋଗୀ ୫୦୦ ହେବେ ବୋଲି କୁହାଯାଉଛି। ସଂପ୍ରତି ଆରଜିଏଚରେ ନିୟମ ମୁତାବକ ୧୨୮ଟି ଶଯ୍ୟା ରହିବା ସ୍ଥଳେ ପ୍ରାୟ ୪୦୦ ଶଯ୍ୟା ରହିଛି। କିନ୍ତୁ ୫୦୦ରୁ ଉର୍ଦ୍ଧ ରୋଗୀ ଦୈନିକ ଆଡମିଟ୍ ହେଉଛନ୍ତି। ଫଳରେ ରୋଗୀମାନେ ବାରଣ୍ଡା ତଥା ଚଟାଣରେ ଶୋଇ ଚିକିତ୍ସିତ ହେବାକୁ ବାଧ୍ୟ ହେଉଛନ୍ତି।

ସେହିପରି ଆରଜିଏଚରେ ଡାକ୍ତରଙ୍କ ମରୁଡି ବି ରୋଗୀ ସେବାରେ ବାଧା ସୃଷ୍ଟି ହେଉଛି। ବିଭିନ୍ନ ବିଭାଗର ମୋଟ ମଞ୍ଜୁର ଡାକ୍ତରଙ୍କ ସଂଖ୍ୟା ୧୩୪ ରହିଥିବା ବେଳେ ଏବେ ଏଠାରେ ଅଛନ୍ତି ମାତ୍ର ୪୩ ଜଣ ଡାକ୍ତର। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତର କେବଳ ଦିନରାତି ରୋଗୀ ଚିକିତ୍ସା କରିବା ପରିବର୍ତ୍ତେ ଶବ ବ୍ୟବଚ୍ଛେଦ କରିବାରେ ବ୍ୟସ୍ତ ରହୁଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେବ ତେବେ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ରାଉରକେଲାବାସୀଙ୍କୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଓ କଲେଜ ପାଇଁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଫଳବତୀ ହୋଇ ପାରିଥାନ୍ତା ବୋଲି କୁହାଯାଉଛି। ସେପଟେ ରାଉରକେଲାରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଓ କଲେଜ ପାଇଁ ଆର୍‌ଏସପି ପରିଚାଳିତ ଆଇଜିଏଚ୍ ପରିସରରେ ୩୮୦ କୋଟି ବ୍ୟୟରେ ଏନବିସିସି ଦ୍ୱାରା ଯେଉଁ ବିଶାଳ ହସ୍‌ପିଟାଲ ନିର୍ମାଣ କରାଯାଇଥିଲା, ତାକୁ ଏକ ଘରୋଇ ହସ୍ପିଟାଲ ହାତରେ ଟେକି ଦିଆଗଲା। ରାଉରକେଲା ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଏବଂ ଶିକ୍ଷା ହବ୍ ହୋଇଥିବାରୁ ଏଠାରେ ଏମ୍ସ ପରି ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଓ କଲେଜ ସ୍ଥାପନ ହେବାର ଜରୁରୀ ହୋଇପଡ଼ିଛି। ଏହି ଅଞ୍ଚଳର ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ସତ୍ତ୍ୱେ, ରୋଗୀମାନେ ପ୍ରାୟତଃ ଉନ୍ନତ ଚିକିତ୍ସା ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପାଇଁ ଭୁବନେଶ୍ୱର, କଟକ କିମ୍ବା ଅନ୍ୟାନ୍ୟ ସହରକୁ ଯାଉଛନ୍ତି।

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରି ଆର୍‌ଜିଏଚ୍‌କୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ୍ ଭାବେ ଉନ୍ନୀତ କରାଗଲେ ଅନେକ ସୁଫଳ ମିଳିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଥିରେ ରୋଗୀମାନଙ୍କ ନିକଟରେ ଉନ୍ନତ ଏବଂ ବିଶେଷଜ୍ଞ ଚିକିତ୍ସା ସେବା ଉପଲବ୍ଧ ହେବା, ଭୁବନେଶ୍ୱର ଏବଂ କଟକର ମାତ୍ରାଧିକ ରୋଗୀଙ୍କ ଭିଡ଼ ହ୍ରାସ ପାଇବା, ପଶ୍ଚିମ ଓଡ଼ିଶାର ଶିଳ୍ପାଞ୍ଚଳ ପାଇଁ ଜରୁରୀକାଳୀନ ଏବଂ ଗୁରୁତର ଚିକିତ୍ସା ସୁବିଧାରେ ଉନ୍ନତି ହେବା। ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ସହଜଲଭ୍ୟ ହେବା ସହ ଏହି ଅଞ୍ଚଳରେ ଚିକିତ୍ସା ଶିକ୍ଷା (ସ୍ନାତକୋତ୍ତର ପାଠ୍ୟକ୍ରମ), ଗବେଷଣା ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ।

‘ଅଭିଯାନ’ ପକ୍ଷରୁ ରଜ ମହୋତ୍ସବ

## ପୋଡ଼ପିଠା ଓ ରଜପାନ ସହ ନୃତ୍ୟରେ ଝୁମିଲେ ଦର୍ଶକ




ରାଉରକେଲା,୧୨।୬(ସମିସ): ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ସାମାଜିକ ସଂଗଠନ ‘ଅଭିଯାନ’ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ‘ରଜ ମହୋତ୍ସବ’ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିଜ ଅଭିଭାଷଣରେ ଅଭିଯାନ ସଂଗଠନ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ପାଳନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ସେଫ୍ଟି ଓ ଫାୟାର ସର୍ଭିସେସର ସିଜିଏମ୍ ହିରାଲାଲ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପୋଡ଼ ପିଠା, ପାନ ସଜା, ଅଳତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଭିନ୍ନ ନୃତ୍ୟ ସଂଗଠନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଗତ ୭ ତାରିଖ ଦିନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସେକ୍ଟର - ୧୫ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ମଧ୍ୟରେ ଜୀ ସାର୍ଥକରେ ପ୍ରସାରିତ ‘ଦେବଦାସୀ’ ସିଜନ୍-୪ର ବିଜେତା ସାଇନି ସିଲ୍‌କି, ସିଙ୍ଗର ଉର୍ମିଳା ମାହାତୋ, ଓଲିଉଡ ଅଭିନେତ୍ରୀ ରୋନୀ କୌର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିତ୍ୱ ମଧ୍ୟରେ ଆଇଜିଏଚ୍ ଶିଶୁ ବିଭାଗର ଅତିରିକ୍ତ ସିଏମ୍‌ଓ ଡା ଅର୍ଚ୍ଚନା ବେହେରା, ମମତାଞ୍ଜଳୀ ଦାସ, ରଞ୍ଜିତା ବେହେରା, ୱାଟରକ୍ରାଫ୍ଟର ନିର୍ଦ୍ଦେଶିକା ନିହାରିକା ବସ୍ତିଆ, ସାମାଜିକ କର୍ମୀ ସବିତା ମାହାନ୍ତି, ଜୟଶ୍ରୀ ପାଣିଗ୍ରାହୀ ଓ କ୍ଲିନ୍ ଏଣ୍ଡ ଗ୍ରୀନ୍‌ର ପ୍ରଦୀପ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନୃତ୍ୟଗୁରୁ ସୁବ୍ରତ ଭୂୟାଁ, ନୃତ୍ୟଗୁରୁ ଶ୍ୱେତାଂଶୁ ଶେଖର ଷଡ଼ଙ୍ଗୀ, ବିଜୟା ଡ୍ୟାନ୍ସ ଗ୍ରୁପ୍‌ର ଗୁରୁ ବିଜୟ ସାମଲ, ନୃତ୍ୟଗୁରୁ ଦେବସ୍ମିତା ମାହାନ୍ତି, ନୃତ୍ୟଗୁରୁ ସ୍ୱଦେଷ୍ଣା ରାଉତ, ନୃତ୍ୟଗୁରୁ ପ୍ରିୟା, ନୃତ୍ୟ ଗୁରୁ ବାବୁଲୀ ହରିପାଲଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଂଶୀ ବାଦକ ସୌରଭ ମିଶ୍ରଙ୍କ ଦ୍ୱାରା ବଂଶୀ ବାଦନ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷିକା ମୋନାଲିସା ସାହୁ ପରିଚାଳନା କରିଥିଲେ। ସଂଗଠନର ଆବାହକ ମୁକ୍ତିକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁଗ୍ମ ଆବାହକ ଲୁସି ଦାସ, ସଭାପତି ଦୀପିକା ମାହାନ୍ତି, ସାଧାରଣ ସମ୍ପାଦିକା ଅମୃତ ନୀଲମ, କାର୍ଯ୍ୟକାରୀ ସଭାପତି କଳ୍ପନା ଭଞ୍ଜ, ସାଂସ୍କୃତିକ ସମ୍ପାଦକ ମୈତ୍ରୀ ପାଢ଼ୀଙ୍କ ସମେତ ସୁମିତ୍ରା ସ୍ୱାଇଁ, ଟୁନା ପାଢ଼ୀ, ଦେବେନ୍ଦ୍ର ପଲେଇ, ପ୍ରଶାନ୍ତ ନାୟକ, କାର୍ତ୍ତିକ ଖଣ୍ଡୁଆଳ, ସତ୍ୟ ପ୍ରଧାନ, ବିଶ୍ୱଜିତ ମଲ୍ଲିକ, ପ୍ରଦୋଷ ସାହୁ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ



ବଣାଇଁ,୧୨।୬(ସମିସ): ବଣାଇଁ ସିଭିଲ କୋର୍ଟ ସଭାଗୃହଠାରେ ବଣାଇଁ ତାଲୁକ ଆଇନ ସେବା ସମିତି ଓ ବଣାଇଁ ଶ୍ରମ ବିଭାଗ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ୍ ସହାୟତା ସମିତି ଅଧ୍ୟକ୍ଷ ଆଶୁତୋଷ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ଡ଼ିଜିଏମ୍ ଅଭିନନ୍ଦନ ନନ୍ଦ, ସହକାରୀ ଶ୍ରମ ଅଧିକାରୀ ନାରାୟଣ ମେହେର, ଗୁରୁଣ୍ଡିଆ ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ କୃଷ୍ଣ ପଣ୍ଡା, ମଣ୍ଡଳ ପରିଦର୍ଶିକା ଅରୁଣା ବାଳା ମିଶ୍ର ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଶ୍ରମିକ, ଅଙ୍ଗନବାଡ଼ି ସହାୟିକା ଓ କର୍ମୀମାନଙ୍କୁ ସଚେତନତା କରିଥିଲେ। ବିଶ୍ୱ ବ୍ୟାପି ଶିଶୁ ଶ୍ରମ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଲକ୍ଷ୍ୟରେ ୨୦୦୨ ମସିହା ଠାରୁ ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିବା କହିଥିଲେ।

ଏହି କାର୍ଯ୍ୟକ୍ରମରେ ଏପିପି ବିଜନ କୁମାର ସେନ, ଆଇନଜୀବୀ ମାନସ ରଞ୍ଜନ ପତି, ଝାଡ଼େଶ୍ୱର ବେହେରା ଅଙ୍ଗନବାଡ଼ି କର୍ମୀ, ସହାୟିକା, ଶ୍ରମିକମାନେ ଉପସ୍ଥିତ ଥିଲେ। ସିଭିଲ କୋର୍ଟ କର୍ମଚାରୀ ବ୍ରିଜେଶ କୁମାର ସାହୁ, ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

## ସୁନ୍ଦରଗଡ଼ର ୧୪.୫୬ ଲକ୍ଷ ଊର୍ଦ୍ଧ୍ୱ ହିତାଧିକାରୀ ହେବେ ଉପକୃତ

ରାଉରକେଲା,୧୨।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆଜି ସାରା ଓଡ଼ିଶାରେ ‘ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭର୍ଚୁଆଲ୍ ମାଧ୍ୟମରେ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବିକାଶ ଭବନ ସଭାଗୃହରେ ଆୟୋଜିତ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ କାର୍ଡ ବିତରଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ମୋଟ ୪,୪୪,୨୧୯ କାର୍ଡଧାରୀଙ୍କ ୧୪,୫୬,୨୨୪ ଜଣ ହିତାଧିକାରୀ ଏହି ଯୋଜନାରୁ ଉପକୃତ ହେବେ ବୋଲି ସୂଚନା ମିଳିଛି।



କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ଟିଏସସିସି ସଦସ୍ୟା କୁସୁମ ଟେଟେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ସଦର ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସାଂସଦ ପ୍ରତିନିଧି ରଞ୍ଜିତ କୁମାର ନାୟକ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୟ ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ ଓ ମନୋଜ କୁମାର ରଥଙ୍କ ସମେତ ବହୁ ହିତାଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ଅଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ସହ ଏରିଅର ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,୧୨।୬(ସମିସ)




୩୯ ମାସର ଏରିଅର ସହ ଏନଜେସିଏସ୍ ଚୁକ୍ତିନାମା ତୁରନ୍ତ କରିବା, ଠିକା ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ, ୧୨ ଘଣ୍ଟିଆ କାର୍ଯ୍ୟ ବନ୍ଦ କରିବା, ଚାକିରୀ ନିରାପତ୍ତା ପ୍ରଦାନ, ୪୦% ଠିକା ଶ୍ରମିକ ଛଟେଇ ନିର୍ଦ୍ଦେଶ ପ୍ରତ୍ୟାହାର କରିବା, ପୂର୍ବର ସ୍ପେଶାଲ ଆଲାଉନ୍ସ ପ୍ରଦାନ କରିବା, ଲାଇସେନ୍ସଧାରୀ କ୍ୱାର୍ଟର୍ସ ଓ ୨ୟ ୟୁନିଟ୍ ଘର ପ୍ରତ୍ୟାହାର ନିର୍ଦ୍ଦେଶ ବାତିଲ ଓ ସ୍ଥାୟୀ ସମାଧାନ କରିବା, ସେଲର ଘରୋଇକରଣ ବନ୍ଦ ପ୍ରମୁଖ ଦାବିରେ ସିଆଇଟିୟୁ ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆର୍‌ସିଡବ୍ଲ୍ୟୁୟୁର ବିମାନ ମାଇତିଙ୍କ ନେତୃତ୍ୱରେ ବିଶ୍ରାଛକଠାରେ ବିକ୍ଷୋଭ କରାଯାଇଥିଲା। ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ବି. ପି. ମହାପାତ୍ର, ଯଜ୍ଞେଶ୍ୱର ସାହୁ, ରତ୍ନାକର ନାୟକ, ଲକ୍ଷ୍ମୀଧର ନାୟକ, ଅଜୟ ଶର୍ମା, ରାଜକିଶୋର ପ୍ରଧାନ, ଦିବାକର ମହାରଣା, ଏନ୍.ଏନ୍. ପାଣିଗ୍ରାହି, ଅରୁ ଦାସ, ଜୀବନ ବାରିହା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ସେଲ୍ ଏହି ଆର୍ଥିକ ବର୍ଷର ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ କାରବାର ସହ ପ୍ରାୟ ୫ ବର୍ଷ ଧରି ବ୍ୟାପକ ଉତ୍ପାଦକ ଓ ରେକର୍ଡ ଲାଭ କରି ଚାଲିଛି। ଅପରନ୍ତୁ ଏମଓୟୁ ଆଧାରରେ ଏପର୍ଯ୍ୟନ୍ତ ୩୬ ମାସର ଏରିଅର ପ୍ରଦାନ କରାଗଲାନାହିଁ କି ନୂତନ ଏନ୍‌ଜେସିଏସ୍ ଚୁକ୍ତିନାମା ହୋଇପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସେଲ୍ କର୍ତ୍ତୃପକ୍ଷ ତାର ପୂର୍ବର ନବରତ୍ନ କମ୍ପାନୀ ଆଧାରରେ ସ୍ୱାଧୀନ ଭାବରେ କାମକରିବା କ୍ଷମତା ହରାଇଛି ଓ କର୍ତ୍ତୃପକ୍ଷ ସ୍ୱେଚ୍ଛାଚାରିତା କାର୍ଯ୍ୟକଳାପ ଚାଲିଛି। ସମସ୍ତ ଦ୍ୱିପକ୍ଷିକ ଏନଜେସିଏସ୍ ଚୁକ୍ତିନାମା ଓ ଆଇନ ବ୍ୟବସ୍ଥାକୁ ଅବମାନନା କରାଯାଇଛି। ବ୍ୟାପକ ସ୍ଥାୟୀ ଶ୍ରମିକ ଛଟେଇ ପରେ ନୂତନ ନୀତି ନାହିଁ, ଠିକା ଶ୍ରମିକଙ୍କୁ ଅତ୍ୟନ୍ତ ସମ୍ବେଦନଶୀଳ ଓ ବିପଦମୟ ସ୍ଥାନର କାମ କରାଯାଇ ବ୍ୟାପକ ଧନ ଓ ଜୀବନ କ୍ଷତି ହେଉଛି। ଭାଇଜାଗର ଦୁର୍ଘଟଣାରେ ମୃତ ୧୦ ଜଣ ମଧ୍ୟରୁ ଅଧିକାଂଶ ଠିକା ଶ୍ରମିକ। ପ୍ରାୟ ଉତ୍ପାଦନ କ୍ଷେତ୍ରର ଠିକା ଶ୍ରମିକମାନଙ୍କୁ କାର୍ଯ୍ୟ କରାଯାଇଛି ଏବଂ ମନଇଚ୍ଛା ଛଟେଇ କରାଯାଇଛି।

ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଓ ଟାଉନସିପ୍‌ର ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଟାଉନସିପ୍‌ର ଶ୍ରମିକମାନଙ୍କୁ ରାତିଅଧିଆ ପ୍ଲାଣ୍ଟ ଭିତରକୁ ବଦଳି କରାଯାଉଛି। ଏହା ଦ୍ୱାରା ଟାଉନସିପ୍‌ର ସମସ୍ୟା ଆହୁରି ବଢ଼ିବ। ଭଙ୍ଗାଘରକୁ ଲାଇସେନ୍ସରେ ଦେବାପରେ ଏହାକୁ ରହିବା ଉପଯୋଗୀ କରିବା ଦ୍ୱାରା ସେକ୍ଟର ଅଂଚଳରେ ପୂର୍ବର ସୁନ୍ଦର ପରିବେଶ ହେବାକୁ ଯାଉଛି। ଶ୍ରମିକ ମାନେ ୧୦ ଲକ୍ଷରୁ ୪୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବିନା ସୁଧରେ ଜମା କରିବା ସହ ପ୍ରତିମାସ ଭଡ଼ା, ବିଦ୍ୟୁତ ଦେୟ, ପାଣି କର ଦେଇଥାନ୍ତି। ଏହା ଦ୍ୱାରା ଆରଏସପି କର୍ତ୍ତୃପକ୍ଷ ବହୁତ ଲାଭବାନ ହେଉଛନ୍ତି। ଏହି ସମୟରେ କର୍ତ୍ତୃପକ୍ଷ ହଠାତ୍ ସର୍କୁଲାର କରି ବାସ ଉପଯୋଗୀ କରିଥିବା କ୍ୱାର୍ଟର୍ସକୁ ତୁରନ୍ତ ଭାଙ୍ଗିବା ନିର୍ଦ୍ଦେଶ ଦେବା ସହିତ ଏହା ନକଲେ କ୍ୱାର୍ଟର୍ସ କ୍ୟାନସଲ କରିବା ସହ ଜମା କରିଥିବା ଟଙ୍କା ବାଜ୍ୟାପ୍ତ ନିର୍ଦ୍ଦେଶନାମା ଦ୍ୱାରା ସମସ୍ତ ଅବସର ଶ୍ରମିକ ଓ ତାଙ୍କ ପରିବାର ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସିଆଇଟିୟୁ ତରଫରୁ ଏହାର ପ୍ରତିବାଦ ସହ ତୁରନ୍ତ ଆଲୋଚନା କରି ଏହାର ସମାଧାନ ଦାବି କରାଯାଇଛି।


କାର୍ଯ୍ୟକ୍ରମରେ ସଂଗ୍ରାମ ସାମଲ, ପ୍ରଦୋଷ ପରିଡା, ବିନୟ ବେହୁରିଆ, ପି କେ ଷଡ଼ଙ୍ଗୀ, ବିଶ୍ୱଜିତ ମାଝି, ଅଶୋକ ଦାସ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ଉପେନ୍ଦ୍ର ତ୍ରିପାଠୀ, ବଛିରାମ ବେହେରା, ପ୍ରମୋଦ ପରିଡା ଏବଂ ସୁରେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ମୋବାଇଲ୍ ମେଡିକାଲ୍ ୟୁନିଟ୍ ଦ୍ୱାରା ସ୍ୱାସ୍ଥ୍ୟସେବା

ରାଉରକେଲା,୧୨।୬(ସମିସ): ରାଉରକେଲା ଇସ୍ପାତ କାରଖାନା ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ପଦକ୍ଷେପ ମାଧ୍ୟମରେ ନିଜର ମୋବାଇଲ୍ ମେଡିକାଲ୍ ୟୁନିଟ୍ ଦ୍ୱାରା ରାଉରକେଲା ଷ୍ଟିଲ୍ ଟାଉନସିପ୍‌ର ବସ୍ତି ବାସିନ୍ଦାମାନଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଆସୁଛି। ଏହି ମୋବାଇଲ୍ ମେଡିକାଲ୍ ୟୁନିଟ୍ ସପ୍ତାହକୁ ୬ ଦିନ ନିୟମିତ ଭାବେ କାର୍ଯ୍ୟ କରେ। ଏଥିରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ଲାବ୍ ଟେକ୍ନିସିଆନ ନିୟୋଜିତ ଅଛନ୍ତି। ଏହାସହ ଏଥିରେ ଡାକ୍ତରୀ ପରାମର୍ଶ, ରକ୍ତଚାପ ଯାଞ୍ଚ, ମଧୁମେହ ପାଇଁ ରକ୍ତ ଶର୍କରା ପରୀକ୍ଷା, ପ୍ରାଥମିକ ରୋଗ ନିରୂପଣ ସେବା ଏବଂ ସାଧାରଣ ରୋଗର ଚିକିତ୍ସା ପାଇଁ ଆବଶ୍ୟକୀୟ ସୁବିଧା ରହିଛି। ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସମୟୋଚିତ ଡାକ୍ତରୀ ଚିକିତ୍ସା ଦ୍ୱାରା ସାଧାରଣ ରୋଗ ସହିତ ଜୀବନଶୈଳୀ ଜନିତ ରୋଗଗୁଡ଼ିକର ପ୍ରାଥମିକ ଚିହ୍ନଟ ଏବଂ ନିରାକରଣରେ ସହାୟତା ମିଳିପାରିଛି। ସିଧାସଳଖ ସମୁଦାୟ ପାଖରେ ଜରୁରୀକାଳୀନ ଚିକିତ୍ସା ସେବା ପହଞ୍ଚାଇ, ରାଉରକେଲା ଇସ୍ପାତ କାରଖାନା ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବାରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଶା, ସେବା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଆଶ୍ୱାସନା ଆଣି ସେମାନଙ୍କ କଲ୍ୟାଣ ପାଇଁ ଏକ ସକ୍ରିୟ ଭୂମିକା ଗ୍ରହଣ କରିବା ଜାରି ରଖିଛି।



# ସମ୍ପାଦକୀୟ



ଜନସଂଖ୍ୟା ବୃଦ୍ଧି ବିଶ୍ୱବାସୀଙ୍କ ସାମୂହିକ କଲ୍ୟାଣ କ୍ଷେତ୍ରରେ ଗୁରୁତର ବିପଦ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ବିରାଟ ପ୍ରତିବନ୍ଧକ।

-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଏକ ବିରଳ ଆତ୍ମହତ୍ୟା

ବିବାହର ତିନିବର୍ଷ ପରେ ମଧ୍ୟ ପତ୍ନୀ ଓଡ଼ିଆ ଶିଖିବାକୁ ରାଜି ନ ହେବାରୁ ପତି ଆତ୍ମହତ୍ୟା କରିଥିବା ଭଳି ଖବରଟିଏ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ ଥାନା ଅଧୀନରେ ଘଟିଥିବା ଏହି ଅଘଟଣ ନିଶ୍ଚୟ ଆଜିର ଦିନରେ ବିରଳ ପଦବାଚ୍ୟ। ଆଦିବାସୀ ହେଲେ ମଧ୍ୟ ମୃତକଙ୍କ ମାତୃଭାଷା ପ୍ରୀତି ଓ ସ୍ୱାଭିମାନ ଆମର ତଥାକଥିତ ସଭ୍ୟ, ମାର୍ଜିତ ଓ ଶିକ୍ଷିତ ଓଡ଼ିଆମାନଙ୍କ ପାଇଁ ଏକ ଉଦାହରଣ ଓ ଚେତନା ଉଦ୍ଦୀପକ। କିନ୍ତୁ ଯେଉଁ ନିପଟ ଓଡ଼ିଆ ଘରର ପୁଅବୋହୂମାନେ ନିଜ ପିଲାଙ୍କୁ ଓଡ଼ିଆରେ କଥା ହେବାକୁ ବାରଣ କରନ୍ତି, ଶିଶୁ ସାହିତ୍ୟିକର ଯେଉଁ ଧ୍ୱଜାଧାରୀମାନେ ଓଡ଼ିଆ ଖବରକାଗଜ ବଦଳରେ ଇଂରାଜୀ କିମ୍ବା ହିନ୍ଦୀ ଖବରକାଗଜ ପଢ଼ିବାକୁ ନିଜ ପୁଅ, ଝିଅ, ନାତି, ନାତୁଣିଙ୍କୁ ଉପଦେଶ ଦିଅନ୍ତି, ଓଡ଼ିଆ ଭାଷା ସୁରକ୍ଷାର ଯେଉଁ ବାର୍ତ୍ତାବହନମାନେ ନିଜ ସନ୍ତାନସନ୍ତତିଙ୍କ ବିଦ୍ୟାଶିକ୍ଷା ଇଂରାଜୀ ବର୍ଣ୍ଣମାଳାରୁ ଆରମ୍ଭ କରନ୍ତି ସେମାନଙ୍କ ପାଇଁ ଉପରୋକ୍ତ ଆଦିବାସୀ ଯୁବକଙ୍କ ମାତୃଭାଷା ପ୍ରତି ସ୍ୱାଭିମାନ ବିଜଡ଼ିତ ଆତ୍ମହତ୍ୟା ଘଟଣା 'ମୂଲ୍ୟହୀନ' ବା 'ଅନାବଶ୍ୟକ' ପଦବାଚ୍ୟ ନିଶ୍ଚୟ।

ଓଡ଼ିଆ ଭାଷାର ଦୁର୍ଭାଗ୍ୟ ଯେ ୧୯୩୬ ମସିହା ପରେ ଉତ୍କଳ ମାଟିରେ ଏଭଳି ଦାୟାଦମାନେ ଜନ୍ମ ନେଇଛନ୍ତି ଓ ନେଉଛନ୍ତି, ଯେଉଁମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠିତ। ଆମ ଓଡ଼ିଆ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ଲେଖାଲେଖି କରୁଥିବା କେତେକ ତଥାକଥିତ ଲେଖକ/ଲେଖିକା ସେମାନଙ୍କ ସାଂଙ୍ଗା ଲେଖନ୍ତି ନାହିଁ। ସାଂଙ୍ଗା ଲେଖିଲେ କାଳେ ଜାତି ଓ କୁଳ ପରିଚୟ ଧରାପଡ଼ିଯିବ ଏବଂ ଲଜ୍ଜିତ ହେବାକୁ ପଡ଼ିବ। ଆଉ କେତେକ ଲେଖକ ସେମାନଙ୍କ ପିତୃମାତୃଦତ୍ତ ନାମ ହିଁ ପ୍ରକାଶ କରିବାକୁ ଅନିଚ୍ଛୁକ ଏବଂ ଛଦ୍ମନାମରେ ସ୍ତମ୍ଭ ଲେଖକର ଶ୍ରେୟ ପାଇବାକୁ ବ୍ୟାକୁଳ। ଯେଉଁମାନେ ନିଜ ଜାତି ଓ କୁଳ ପରିଚୟ ଦେବାକୁ ଲଜ୍ଜିତ ସେମାନେ ମାତୃଭାଷା, ମାତୃଭୂମିର ଟେକ ରଖିବେ ବୋଲି ଭାବିବା ହିଁ ହାସ୍ୟାସ୍ପଦ। ଅଥଚ ଏଭଳି ନିର୍ଲଜ ସ୍ତମ୍ଭକାରମାନଙ୍କର ସଂଖ୍ୟା ଆମ ଓଡ଼ିଆ ପତ୍ରପତ୍ରିକାରେ ଦିନକୁ ଦିନ ବଢ଼ିଚାଲିଛି।

ଏଠାରେ ଓଡ଼ିଆ ସୃଜନଶୀଳତାର ଆଉ ଏକ ବିଡ଼ମ୍ବନାକୁ ଉଲ୍ଲେଖ କଲା ବେଳେ କିଛିଦିନ ତଳେ ଓଡ଼ିଶାର ଜଣେ ଖ୍ୟାତନାମା ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୈନିକ 'ସକାଳ'ର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶନ ନିମନ୍ତେ ପଠାଇଥିବା ଏକ ଲେଖାର ଅନ୍ତତଃ ଦୁଇଟି ଧାଡ଼ି ଅବିକଳ ଉଦ୍ଧୃତ କରିବାକୁ ଉଚିତ ମଣୁଛୁ। ଭାରତୀୟ ଆମ୍ବ ବିଷୟରେ ଲିଖିତ ଉକ୍ତ ଆଲେଖ୍ୟାର ପ୍ରଥମ ଧାଡ଼ିଟି ଏହିପରି - 'ଯେତେବେଳେ ଭାରତୀୟ ଆମ୍ବ ପହଞ୍ଚିବାର ଦୁଇ ଘଣ୍ଟା ମଧ୍ୟରେ ସୁପରମାର୍କେଟ ସେଲଫରୁ ଏକ ପଠାଣ ଗାଏବ ହୋଇଯାଏ, ଏହା ଗ୍ରାହକଙ୍କ ପସନ୍ଦ ବିଷୟରେ ଏକ କାହାଣୀ ନୁହେଁ। ଏହା ସାଂସ୍କୃତିକ ପରିଚୟ, କୃଷି ଉତ୍କୃଷ୍ଟତା, ଆର୍ଠଥକ ସୁଯୋଗ ଏବଂ ବିଶ୍ୱ ବଜାରରେ ଭାରତର ନରମ ଶକ୍ତିର ବର୍ଦ୍ଧିତ ପ୍ରଭାବ ବିଷୟରେ ଏକ ଆକର୍ଷଣୀୟ କାହାଣୀ।' ପୁଣି ଦ୍ୱିତୀୟ ଅନୁଚ୍ଛେଦର ପ୍ରଥମ ଧାଡ଼ିଟି ହେଉଛି - 'ଭାରତୀୟମାନଙ୍କ ପାଇଁ, ଆମ୍ବ ଋତୁକାଳୀନ ଫଳ ଅପେକ୍ଷା ବହୁତ ଅଧିକ। ଏଗୁଡ଼ିକ ସ୍ମୃତି ଏବଂ ପରମ୍ପରାର କପଡ଼ାରେ ବୁଣାଯାଇଥାଏ।' ଏଥିରୁ ବିଜ୍ଞପାଠକମାନେ କ'ଣ ବୁଝିବେ ଜଣା ନାହିଁ, କିନ୍ତୁ ୭ଟଙ୍କା ଦେଇ ଆଗ୍ରହ ଓ ଜିଜ୍ଞାସାର ସହ ଖବରକାଗଜଟିଏ କିଣୁଥିବା ଅଳ୍ପଶିକ୍ଷିତ ପାଠକର ମାନସିକତା କ'ଣ ହେବ ଅନୁମେୟ। କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ପଚରାଯାଇ ଗୁଗୁଲ୍ ଟ୍ରାନ୍ସଲେଟର ଦ୍ୱାରା ଓଡ଼ିଆକୁ ସିଧାସଳଖ ଅନୂଦିତ କରାଯାଇଥିବା ଏହା ଏକ ଆଲେଖ୍ୟ। କିନ୍ତୁ ଚୂଡ଼ାନ୍ତ ଆଲେଖ୍ୟ କୌଣସି ପତ୍ରପତ୍ରିକାକୁ ପଠାଇବା ପୂର୍ବରୁ ଲେଖକ ମହୋଦୟ ଥରେ ପଢ଼ିବାକୁ ମଧ୍ୟ ଚାହିଁନାହାନ୍ତି। ଏହି ବର୍ଗର ଲେଖକ/ଲେଖିକାମାନଙ୍କୁ ସୃଜନ ବା ବୌଦ୍ଧିକ ଜଗତର 'ଆତଙ୍କବାଦୀ' ଭାବେ ଅଭିହିତ କଲେ ଅପରାଧ ହେବ ନାହିଁ।

ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର କାର୍ଯ୍ୟକଳାପ ବିଷୟରେ ଏବେ କିଞ୍ଚିତ ଆଲୋଚନା କରିବା। ଜାତୀୟ ଶିକ୍ଷା ନୀତିର ଦ୍ୱାହି ଦେଇ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ବ୍ୟାପକ ପରିବର୍ତ୍ତନ ହୋଇଛି। ସେଥିମଧ୍ୟରୁ ମାଧ୍ୟମିକ ଶିକ୍ଷାର ଭିତ୍ତି କୁହାଯାଉଥିବା ଅଷ୍ଟମ ଶ୍ରେଣୀର କେବଳ ସାମାଜିକ ବିଜ୍ଞାନ ବହିଟିର ମାତ୍ର କେତେକ ପୃଷ୍ଠା ଉପରେ ଦୃଷ୍ଟି ଦେଲେ ଯେତିକି ଆଚମ୍ବିତ ହେବାକୁ ପଡ଼ିବ ତା'ଠାରୁ ଅଧିକ ଚିନ୍ତା ବଢ଼ିବ। ଗୋଟିଏ ସମାନ ପୃଷ୍ଠାରେ ଗୋଟିଏ ସମାନ ଶବ୍ଦର ଉପରେ ଯେଉଁ ବନାନ ଲେଖାଯାଇଛି ପୃଷ୍ଠା ମଝିରେ କିମ୍ବା ଶେଷରେ ତାହା ବଦଳି ଯାଇଛି। କେଉଁଠି 'ମଧ୍ୟ'କୁ 'ମଦ୍ଧ' ଲେଖାଯାଇଛି ତ କେଉଁଠି ଅନାବଶ୍ୟକ ଭାବେ 'ରେଫ' ଆଦି ରହିଛି। ଏହା କେବଳ ଗୋଟିଏ ଉଦାହରଣ। ଯେତେ ପୃଷ୍ଠା ଲେଉଟିବ ଓଡ଼ିଆ ଭାଷା ଓ ସ୍ୱାଭିମାନ ସେତେ କ୍ଷତାକ୍ତ ହୋଇଥିବାର ଚିତ୍ର ଦୃଷ୍ଟିକୁ ଆସିବ। ନିରେଖି ଦେଖିଲେ ଅନୁଭବ ହେବ ଯେ କୋମଳମତି ଛାତ୍ରଛାତ୍ରୀଙ୍କ ମସ୍ତିଷ୍କରେ ଓଡ଼ିଆ ଭାଷା ଓ ବନାମ ସମ୍ବନ୍ଧରେ ଏକ ଦୃଢ଼ ଓ ଚିରସ୍ଥାୟୀ ଛାପ ସୃଷ୍ଟି କରିବାକୁ ଯାଉଥିବା ଏହି ପାଠ୍ୟପୁସ୍ତକଗୁଡ଼ିକୁ କେହି ଓଡ଼ିଆ ଲେଖିନାହାନ୍ତି, ବରଂ ଏଆଇ ଦ୍ୱାରା ଅନୂଦିତ ହୋଇ ସିଧାସଳଖ ଛପାଇ ଦିଆଯାଇଛି କିମ୍ବା କେହି ବିଶେଷଜ୍ଞ ତନ୍ନିତନ୍ନ କରିବାକୁ ଉଚିତ ମଣିନାହାନ୍ତି, କେବଳ ଡିଟିପି ଅପରେଟର ଉପରେ ଭରସା କରି ନିଜ ଦାୟିତ୍ୱ ସାରିଦେଇଛନ୍ତି। କୋମଳମତି ଛାତ୍ରଛାତ୍ରୀଙ୍କର ମସ୍ତିଷ୍କରେ ଏହି ତ୍ରୁଟିଯୁକ୍ତ ଛାପଟି ସୃଷ୍ଟି ହୋଇ ଓଡ଼ିଆ ଭାଷା ସାହିତ୍ୟର ଯେଉଁ ପ୍ରଭୂତ କ୍ଷତି କରିବ ସେଥିପାଇଁ ପାଠ୍ୟପୁସ୍ତକ ପ୍ରଣୟନ, ପ୍ରକାଶନ, ଚୟନ ଓ ଲିଖନ ଦାୟିତ୍ୱରେ ଥିବା ଅଧିକାରୀମାନେ ଉତ୍ତରଦାୟିତ୍ୱ ନେବେ ତ?

ଅତି ନିଷ୍ଠୁର ବାସ୍ତବତା ହେଲା ଉଚ୍ଚପଦପଦବୀରେ ଅଧିଷ୍ଠିତ କିମ୍ବା ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ତଥାକଥିତ ସାହିତ୍ୟିକ, ସ୍ତମ୍ଭକାର, ସମ୍ପାଦକମାନଙ୍କର ଚର୍ମ ଏତେ ବହଳ ଯେ ସେମାନେ କେବେ ମଧ୍ୟ ବିବେକଦଂଶନରେ ଆକ୍ରାନ୍ତ ହୁଅନ୍ତି ନାହିଁ। ତେଣୁ ଉପରୋକ୍ତ ଆଦିବାସୀ ଯୁବକଙ୍କ ସ୍ୱାଭିମାନ କିମ୍ବା ନିଜ ମାତୃଭାଷା ପ୍ରତି ଆତ୍ମାଭିମାନର ଲେଶମାତ୍ର ଉପସ୍ଥିତି ଏମାନଙ୍କଠାରେ ଆଶା କରିବା ବୃଥା। କ୍ରମବର୍ଦ୍ଧିଷ୍ଣୁ ଏଭଳି ମାତୃଭାଷାହନ୍ତାମାନଙ୍କର ପ୍ରାବଲ୍ୟରେ ଯଦି କେବେ ଦିନେ ଓଡ଼ିଆ ଭାଷା ହିଁ ଆତ୍ମହତ୍ୟା କରିବାକୁ ଶ୍ରେୟ ମଣିବ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। ଈଶ୍ୱର ନ କରନ୍ତୁ ଯଦି ସେଭଳି ଦିନଟିଏ କେବେ ଆସେ ତେବେ ତାହା ହେବ ଏକ ଜାତି ଓ ଏକ ସଭ୍ୟତାର ଏକ ବିରଳ ଆତ୍ମହତ୍ୟା। ଓଡ଼ିଆ ଭାଷାଟିଏ ଥିଲା ଏବଂ ଆତ୍ମହତ୍ୟା କରିଥିଲା- ଏହା ଇତିହାସରେ କିନ୍ତୁ ସ୍ଥାନ ଲିପିବଦ୍ଧ ହୋଇ ରହିଯିବ।

## ଜାତୀୟ ସମୀକ୍ଷାରେ ଓଡ଼ିଶାର ସ୍ୱାସ୍ଥ୍ୟ ସଙ୍କଟ

**ଗଣେଶ ଚନ୍ଦ୍ର ଗାଁଣ**



ସମ୍ପ୍ରତି ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୬ ରିପୋର୍ଟ ଓଡ଼ିଶାର ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ ପରିସ୍ଥିତିର ଏକ ଗଭୀର ଓ ବହୁମାତ୍ରିକ ଚିତ୍ର ଉପସ୍ଥାପନ କରିଛି। ଏହି ରିପୋର୍ଟ କେବଳ ସ୍ୱାସ୍ଥ୍ୟ ସୂଚକମାନଙ୍କର ପରିବର୍ତ୍ତନକୁ ଦର୍ଶାଇ ନାହିଁ, ବରଂ ଓଡ଼ିଶା ସମାଜର ଅନ୍ତର୍ନିହିତ ଗଠନାତ୍ମକ ପରିବର୍ତ୍ତନ, ମହିଳା ସଶକ୍ତୀକରଣ, ପୋଷଣ ସ୍ଥିତି, ଜନସାଂଖ୍ୟିକ ରୂପାନ୍ତରଣ ଓ ଜୀବନଶୈଳୀ ଜନିତ ରୋଗର ବୃଦ୍ଧିକୁ ମଧ୍ୟ ପ୍ରକାଶ କରିଛି। ଏକପଟେ ରାଜ୍ୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଆନୁଷ୍ଠାନିକ ବା ଡାକ୍ତରଖାନାରେ ପ୍ରସବ, ଟିକାକରଣ ଓ ମହିଳାଙ୍କ ସାମାଜିକ ସଚେତନତାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ବେଳେ ଅନ୍ୟପଟେ ମଧୁମେହ, ରକ୍ତଚାପ, ମୋଟାପଣ, ପୁଷ୍ଟିହୀନତା ଓ ଲିଙ୍ଗଭିତ୍ତିକ ଅସମାନତା ଭଳି ସମସ୍ୟା ନୂଆ ଚିନ୍ତାର କାରଣ ଦେଖାଦେଇଛି।

ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ବାଲ୍ୟବିବାହର ହାର ପୂର୍ବତନ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ତୁଳନାରେ କମିଛି। ୨୦ ବର୍ଷରୁ କମ୍ ବୟସରେ ବିବାହ କରୁଥିବା ମହିଳାଙ୍କ ହାର ହ୍ରାସ ପାଇବା ସାମାଜିକ ସଚେତନତା, ଶିକ୍ଷାର ପ୍ରସାର ଓ ସରକାରୀ ଅଭିଯାନର ସକାରାତ୍ମକ ପରିଣାମକୁ ପ୍ରକାଶ କରୁଛି। ଏହାସହିତ ମହିଳାଙ୍କ ଶିକ୍ଷା ହାର ଓ ଡିଜିଟାଲ ସାକ୍ଷରତାରେ ମଧ୍ୟ ବୃଦ୍ଧି ଦେଖାଯାଇଛି। ନିଜସ୍ୱ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ମହିଳାଙ୍କ ହାର ଉଲ୍ଲେଖନୀୟ ଭାବେ ବଢ଼ିଥିବା ବେଳେ ବ୍ୟାଙ୍କ ଖାତା ବ୍ୟବହାର କରୁଥିବା ମହିଳାଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଏହା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ମହିଳା ସଶକ୍ତୀକରଣର ଏକ ସକାରାତ୍ମକ ଚିହ୍ନ।

ଘରୋଇ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଅଂଶଗ୍ରହଣ ୮୭ ପ୍ରତିଶତରୁ ଅଧିକ ହେବା ସମାଜରେ ଲିଙ୍ଗ ସମତା ପ୍ରତି ବଢ଼ୁଥିବା ସଚେତନତାକୁ ପ୍ରକାଶ କରୁଛି। କିନ୍ତୁ ଏହା ସତ୍ତ୍ୱେ ମହିଳାଙ୍କ ଉପରେ ଘରୋଇ ହିଂସା ଓ ସ୍ୱାମୀ-ସ୍ତ୍ରୀ ହିଂସାର ହାର ଏପର୍ଯ୍ୟନ୍ତ ଚିନ୍ତାଜନକ ଅବସ୍ଥାରେ ରହିଛି। ପ୍ରତ୍ୟେକ ପାଞ୍ଚ ଜଣରୁ ଜଣେ ମହିଳା ଘରୋଇ ହିଂସାର ସମ୍ମୁଖୀନ ହେଉଥିବା ତଥ୍ୟ ସମାଜର ଅନ୍ତର୍ନିହିତ ପୁରୁଷର ଅରାଜକତା ମନୋଭାବକୁ ଉଦ୍ରେକ କରୁଛି। ସେହିପରି ମହିଳା ସଶକ୍ତୀକରଣ କେବଳ ଆର୍ଥିକ କିମ୍ବା ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ସୀମିତ ନ ରହି ସାମାଜିକ ଓ ମାନସିକ ସ୍ୱାଧୀନତାକୁ ମଧ୍ୟ ସୁନିଶ୍ଚିତ କରିବା ଆବଶ୍ୟକ।

ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ନିଶ୍ଚୟ ଆଶାଜନକ। ଡାକ୍ତରଖାନାରେ ପ୍ରସବ ହାର ୯୦ ପ୍ରତିଶତରୁ ଅଧିକ ହୋଇଥିବା ବେଳେ ମାତୃ ସ୍ୱାସ୍ଥ୍ୟ ସେବା ଓ ପ୍ରସବପୂର୍ବ ଚିକିତ୍ସାରେ ମଧ୍ୟ ଉନ୍ନତି ଦେଖାଯାଇଛି। ଶିଶୁମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଟିକାକରଣ ହାର ୯୦ ପ୍ରତିଶତ ଅତିକ୍ରମ କରିଛି। ଏହା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅଗ୍ରଗତି ଓ ଜନସଚେତନତାର ବୃଦ୍ଧିକୁ ଦର୍ଶାଉଛି। ଅଙ୍ଗନବାଡ଼ି ବ୍ୟବସ୍ଥା, ମିଶନ ଶକ୍ତି, ମମତା ଯୋଜନା ଓ ଗ୍ରାମୀଣ ସ୍ୱାସ୍ଥ୍ୟ କର୍ମୀମାନଙ୍କର ଭୂମିକା ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ। ତଥାପି ଶିଶୁ ପୋଷଣ କ୍ଷେତ୍ରରେ ଅବସ୍ଥା ଆଶାନୁରୂପ ନୁହେଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୬ର ତଥ୍ୟ ଅନୁସାରେ ଓଡ଼ିଶାରେ ଶିଶୁମାନଙ୍କ ମଧ୍ୟରେ ପୋଷଣର ଅଭାବ ଯଥା-ବୟସ ଅନୁସାରେ ଉଚ୍ଚତା କମ୍ ହେବା(ଷ୍ଟଣ୍ଟିଂ), ଉଚ୍ଚତା ଅନୁସାରେ ଓଜନ କମ୍ ହେବା(ୱେଷ୍ଟିଂ) ଓ ବୟସ ଅନୁସାରେ ଓଜନ କମ୍ ହେବା(ଅଣ୍ଡରୱେଟ୍) ଏହି ସବୁ ସମସ୍ୟା ଏପର୍ଯ୍ୟନ୍ତ ଗୁରୁତର ଅବସ୍ଥାରେ ରହିଛି। ଏହା କେବଳ ଖାଦ୍ୟ ଅଭାବର ପରିଣାମ ନୁହେଁ, ବରଂ ପୋଷଣ ସଚେତନତାର ଅଭାବ, ମାତୃ ପୁଷ୍ଟିହୀନତା, ଦରିଦ୍ରତା, ପରିଷ୍କାରର ଅଭାବ ଓ ସ୍ୱାସ୍ଥ୍ୟ ସେବାର ଅସନ୍ତୁଳନ ସହ ସମ୍ପୃକ୍ତ। ଗ୍ରାମାଞ୍ଚଳରେ ଏହି ସମସ୍ୟା ଅଧିକ ଗଭୀର ଥିବା ଦେଖାଯାଇଛି। ଏହା ଦର୍ଶାଉଛି ଯେ ଆର୍ଥିକକ୍ଷେତ୍ରରେ ବିକାଶ ସତ୍ତ୍ୱେ ସାମାଜିକ ବିତରଣ କ୍ଷେତ୍ରରେ ସମାନତା ଦୃଶ୍ୟମାନ ହେଉନାହିଁ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୬ ର ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଜୀବନଶୈଳୀ ଜନିତ ଅସଂକ୍ରାମକ ରୋଗର ବୃଦ୍ଧି। ରାଜ୍ୟରେ ମହିଳା ଓ ପୁରୁଷ ଉଭୟଙ୍କ ମଧ୍ୟରେ ମୋଟାପଣ, ମଧୁମେହ ଓ ଉଚ୍ଚ ରକ୍ତଚାପର ହାର ଦ୍ରୁତ ଭାବେ ବଢ଼ୁଛି। ବିଶେଷକରି ସହରାଞ୍ଚଳରେ ଅତ୍ୟଧିକ ଶାରୀରିକ ନିଷ୍କ୍ରିୟତା, ଅସନ୍ତୁଳିତ ଖାଦ୍ୟାହାର, ପ୍ରସ୍ତୁତ ଖାଦ୍ୟର ବୃଦ୍ଧିଶୀଳ ବ୍ୟବହାର ଓ ମାନସିକ ଚାପ ଏହି ସମସ୍ୟାକୁ ଗଭୀର କରିଛି। ଏହା ଓଡ଼ିଶା ପାଇଁ ଏକ 'ଦ୍ୱିତୀୟ ପୋଷଣ ସଙ୍କଟ' ସୃଷ୍ଟି କରିଛି। ଏପଟେ ପୁଷ୍ଟିହୀନତା, ଅନ୍ୟପଟେ ମୋଟାପଣ ଓ ଜୀବନଶୈଳୀ ଜନିତ ରୋଗ। ଏହି ପରିସ୍ଥିତି କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ; ଏହା ରାଜ୍ୟର ମାନବ ସମ୍ପଦ, ଶ୍ରମ ଉତ୍ପାଦକତା ଓ ଅର୍ଥନୈତିକ ଭବିଷ୍ୟତ ସହ ସଂପୃକ୍ତ। ଏକ ଅସୁସ୍ଥ କାର୍ଯ୍ୟଶକ୍ତି ରାଜ୍ୟର ଅଭିବୃଦ୍ଧିର ଗତିକୁ ହ୍ରାସ କରିପାରେ। ଏହା ବିଶେଷକରି ଅନୌପଚାରିକ କ୍ଷେତ୍ରର ଶ୍ରମିକ, ନିର୍ମାଣ ଶ୍ରମିକ, ଗ୍ରାମୀଣ ମହିଳା ଓ ଅସଂଗଠିତ କାର୍ଯ୍ୟଶକ୍ତି ମଧ୍ୟରେ ଅଧିକ ପ୍ରଭାବ ପକାଇପାରେ।

ରାଜ୍ୟରେ ସ୍ୱାସ୍ଥ୍ୟ ବୀମା ଓ ବ୍ୟାଙ୍କିଂ ସୁବିଧାର ବୃଦ୍ଧି ଆଶାଜନକ ହେଲେ ମଧ୍ୟ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ଏପର୍ଯ୍ୟନ୍ତ ଆହ୍ୱାନ ସୃଷ୍ଟି କରୁଛି। ଡାକ୍ତର ଅଭାବ, ପୋଷଣ ସେବାର ବିତରଣ କ୍ଷେତ୍ରରେ ଅସମାନତା, ମାନସିକ ସ୍ୱାସ୍ଥ୍ୟ ଅବହେଳା ଓ ସ୍ୱାସ୍ଥ୍ୟ ଢାଞ୍ଚାର ଅପର୍ଯ୍ୟାପ୍ତତା ଆଗାମୀ ଦିନରେ ରାଜ୍ୟ ପାଇଁ ମୁଖ୍ୟ ସମସ୍ୟା ହୋଇ ଦେଖାଦେବ। ଏହି ରିପୋର୍ଟ ଓଡ଼ିଶାକୁ ଏକ ନୂତନ ଦିଗର ସନ୍ଦେଶର ବାର୍ତ୍ତା ଦେଇଛି। ରାଜ୍ୟ ଏବେ କେବଳ ସଂକ୍ରାମକ ରୋଗ, ମାତୃ ମୃତ୍ୟୁ କିମ୍ବା ଶିଶୁ ମୃତ୍ୟୁ ହ୍ରାସରେ ସୀମିତ ନୁହେଁ; ବରଂ ଜୀବନର ଗୁଣବତ୍ତା, ପୋଷଣ, ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଶୈଳୀ ଗଠନର ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ସ୍ୱାସ୍ଥ୍ୟ ବଜେଟରେ ଅଭିବୃଦ୍ଧି, ପୋଷଣ ନୀତିର ସୁଧାର, ସ୍କୁଲ୍‌ଭିତ୍ତିକ ପୋଷଣ ଶିକ୍ଷା, ଗ୍ରାମୀଣ ସ୍ୱାସ୍ଥ୍ୟ ଢାଞ୍ଚାର ଆଧୁନିକରଣ ଓ ଜୀବନଶୈଳୀ ଜନିତ ରୋଗ ବିରୋଧୀ ଜନ ଆନ୍ଦୋଳନ ଆରମ୍ଭ କରିବା ଆବଶ୍ୟକ।

ସେହିପରି ମହିଳା ସଶକ୍ତିକରଣକୁ କେବଳ ସ୍ୱୟଂସହାୟକ ଗୋଷ୍ଠୀ କିମ୍ବା ଆର୍ଥିକ ସହାୟତାରେ ସୀମିତ ନ ରଖି ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସାମାଜିକ କ୍ଷେତ୍ରରେ ସମନ୍ୱିତ କରିବା ଆବଶ୍ୟକ। ଶିଶୁ ପୋଷଣ ଓ ଗ୍ରାମୀଣ ସ୍ୱାସ୍ଥ୍ୟରେ ସମାଜ ଆଧାରିତ ମଡେଲ୍ ଗଠନ ସମ୍ପ୍ରତି ସମୟର ଆବଶ୍ୟକତା। ଏହି ରିପୋର୍ଟ ଓଡ଼ିଶା ପାଇଁ ଏକ ଆଇନା ସଦୃଶ। ଏହା ଆମର ସଫଳତାକୁ ଯେପରି ଦର୍ଶାଇଛି, ସେପରି ଆମର ଅପୂର୍ଣ୍ଣତା ଓ ନୂତନ ସଙ୍କଟକୁ ମଧ୍ୟ ସ୍ପଷ୍ଟ କରିଛି। ଆଗାମୀ ଦିନରେ ଯଦି ରାଜ୍ୟ ସୁସ୍ଥ, ସମତାମୂଳକ ଓ ମାନବକେନ୍ଦ୍ରିକ ଉନ୍ନୟନର ଦିଗରେ ଅଗ୍ରସର ହେବାକୁ ଚାହେଁ, ତେବେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୬ର ତଥ୍ୟକୁ କେବଳ ପରିସଂଖ୍ୟାନ ଭାବେ ନୁହେଁ, ବରଂ ନୀତି ନିର୍ଦ୍ଦେଶନାର ଆଧାର ଭାବେ ଗ୍ରହଣ କରିବାକୁ ହେବ। ଏହି ତଥ୍ୟକୁ ସଠିକ୍ ନୀତି, ସାମାଜିକ ସଚେତନତା ଓ ମାନବିକ ଦୃଷ୍ଟିଭଙ୍ଗୀ ସହିତ କିପରି ସମନ୍ୱିତ କରାଯାଉଛି, ତାହା ଉପରେ ହିଁ ଓଡ଼ିଶାର ଭବିଷ୍ୟତ ନିର୍ଭର କରେ।

ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର,
ମୋ:୭୫୩୮୦୬୮୮୯୬

## ଟ୍ରାନ୍ସଜେଣ୍ଡରଙ୍କ ମୌଳିକ ଅଧିକାର: ଏକ ଆହ୍ୱାନ

**ଦେବାଶିଷ ଭି. ପି. ଆଚାର୍ଯ୍ୟ**

ଆଧୁନିକ ସମାଜରେ ମାନବାଧିକାର, ସମାନତା ଓ ସାମାଜିକ ନ୍ୟାୟକୁ ନେଇ ଆଲୋଚନା ବଢ଼ୁଥିବା ସତ୍ତ୍ୱେ ଟ୍ରାନ୍ସଜେଣ୍ଡର ସମୁଦାୟର ଜୀବନ ସଂଘର୍ଷ ଆଜି ମଧ୍ୟ ଏକ ଗୁରୁତର ସାମାଜିକ ପ୍ରଶ୍ନ ହୋଇ ରହିଛି। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ମର୍ଯ୍ୟାଦାର ନିଶ୍ଚିତତା ଦେଇଥିଲେ ମଧ୍ୟ ବାସ୍ତବ ଜୀବନରେ ଟ୍ରାନ୍ସଜେଣ୍ଡରମାନେ ଏବେ ବି ବିଭିନ୍ନ ପ୍ରକାରର ବୈଷମ୍ୟ, ଅବହେଳା ଓ ସାମାଜିକ ବହିଷ୍କାରର ସମ୍ମୁଖୀନ ହେଉଛନ୍ତି। ପ୍ରଥମେ ଗୋଟିଏ ଭ୍ରାନ୍ତ ଧାରଣାକୁ ଭାଙ୍ଗିବା ଆବଶ୍ୟକ ଯେ ଟ୍ରାନ୍ସଜେଣ୍ଡର 'ପସନ୍ଦ' କିମ୍ବା 'ଫ୍ୟାସନ' ନୁହେଁ; ଏହା ଜଣେ ବ୍ୟକ୍ତିଙ୍କର ଲିଙ୍ଗ ପରିଚୟ ସହ ଜଡ଼ିତ ଏକ ପରିସ୍ଥିତି। ଜନ୍ମ ସମୟରେ ନିର୍ଦ୍ଧାରିତ ଲିଙ୍ଗ ଓ ବ୍ୟକ୍ତିର ଆତ୍ମପରିଚୟ ମଧ୍ୟରେ ଅସାମଞ୍ଜସ୍ୟ ଥିଲେ ସେ ନିଜକୁ ଟ୍ରାନ୍ସଜେଣ୍ଡର ଭାବେ ଚିହ୍ନଟ କରିପାରନ୍ତି। ଏହା କୌଣସି ଅପରାଧ ନୁହେଁ, ରୋଗ ନୁହେଁ କିମ୍ବା ସମାଜ ବିରୋଧୀ ଆଚରଣ ମଧ୍ୟ ନୁହେଁ। ତଥାପି ସମାଜର ଏକ ବଡ଼ ଅଂଶ ଏହି ବାସ୍ତବତାକୁ ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବରେ ଗ୍ରହଣ କରିପାରିନାହାନ୍ତି।

ଭାରତରେ ଗତ ଦଶନ୍ଧିରେ ଟ୍ରାନ୍ସଜେଣ୍ଡର ଅଧିକାର କ୍ଷେତ୍ରରେ କେତେକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ଟ୍ରାନ୍ସଜେଣ୍ଡରମାନଙ୍କୁ 'ତୃତୀୟ ଲିଙ୍ଗ' ଭାବେ ସ୍ୱୀକୃତି ମିଳିଛି। ପରବର୍ତ୍ତୀ ସମୟରେ ସେମାନଙ୍କ ଅଧିକାର ସୁରକ୍ଷା ପାଇଁ ଆଇନ ଓ ନୀତି ପ୍ରଣୟନ କରାଯାଇଛି। ବିଭିନ୍ନ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପକ୍ଷରୁ ପେନ୍‌ସନ, ଖାଦ୍ୟ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଓ ବାସଗୃହ ଭଳି ଯୋଜନା ଆରମ୍ଭ କରାଯାଇଛି। କାଗଜ କଲମରେ ଦେଖିଲେ ଏହା ଏକ ପ୍ରଗତିଶୀଳ ପଦକ୍ଷେପ ନିଶ୍ଚୟ। କିନ୍ତୁ ପ୍ରଶ୍ନ ହେଉଛି ଏହି ଅଧିକାର ଓ ସୁବିଧା କି ସତରେ ଟ୍ରାନ୍ସଜେଣ୍ଡର ସମୁଦାୟଙ୍କ ଦୈନନ୍ଦିନ ଜୀବନରେ ପହଞ୍ଚୁଛି? ଏହାର ଉତ୍ତର ସବୁବେଳେ ସକାରାତ୍ମକ ନୁହେଁ। ଆଇନ ଥିବା ଏକ କଥା, କିନ୍ତୁ ସେହି ଆଇନର ସାମାଜିକ ପ୍ରୟୋଗ ଅନ୍ୟ କଥା। ଅନେକ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଆଜି ମଧ୍ୟ ପରିଚୟପତ୍ର ପାଇବା, ବ୍ୟାଙ୍କ ଖାତା ଖୋଲିବା, ଭଡ଼ା ଘର ନେବା, ଚାକିରି ପାଇବା କିମ୍ବା ସ୍ୱାସ୍ଥ୍ୟସେବା ନେବା ସମୟରେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଅନେକ ସମୟରେ ସେମାନଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ସଠିକ ସୂଚନା ମଧ୍ୟ ପହଞ୍ଚୁନାହିଁ।

ଶିକ୍ଷା କ୍ଷେତ୍ରରେ ପରିସ୍ଥିତି ଆହୁରି ଚିନ୍ତାଜନକ। ଶିକ୍ଷା ମାଗଣା କରିଦେଲେ ସମସ୍ୟାର ସମାଧାନ ହୋଇଯାଏ ନାହିଁ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅନେକ ଟ୍ରାନ୍ସଜେଣ୍ଡର ଛାତ୍ରଛାତ୍ରୀ ଉପହାସ, ଅପମାନ ଓ ମାନସିକ ଚାପର ଶିକାର ହୁଅନ୍ତି। ସହପାଠୀଙ୍କ ଟିପ୍ପଣୀ, ଶିକ୍ଷକଙ୍କ ଅସଚେତନ ଆଚରଣ ଓ ସୁରକ୍ଷିତ ପରିବେଶର ଅଭାବ ସେମାନଙ୍କୁ ଶିକ୍ଷାରୁ ଦୂରେଇ ଦେଉଛି। ଅନେକେ ଅଧାରୁ ପାଠପଢ଼ା ଛାଡ଼ିଦେବାକୁ ବାଧ୍ୟ ହେଉଛନ୍ତି। ଫଳରେ ଭବିଷ୍ୟତରେ ଭଲ ଚାକିରି କିମ୍ବା ସ୍ୱାବଲମ୍ବୀ ଜୀବନ ଗଢ଼ିବାର ସୁଯୋଗ ସୀମିତ ହୋଇଯାଉଛି। ରୋଜଗାର କ୍ଷେତ୍ରରେ ମଧ୍ୟ ପରିସ୍ଥିତି ସେତେଟା ସନ୍ତୋଷଜନକ ନୁହେଁ। ବହୁ ସଂସ୍ଥା ଓ କାର୍ଯ୍ୟାଳୟ ଆଜି ବି ଟ୍ରାନ୍ସଜେଣ୍ଡର ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାରେ ଅନିଚ୍ଛା ପ୍ରକାଶ କରନ୍ତି। ଯୋଗ୍ୟତା ଥିଲେ ମଧ୍ୟ କେବଳ ଲିଙ୍ଗ ପରିଚୟ କାରଣରୁ ଅନେକେ ସୁଯୋଗରୁ ବଞ୍ଚିତ ହୁଅନ୍ତି। ଏହା ସେମାନଙ୍କୁ ଅନୌପଚାରିକ ଓ ବିପଦ ଜୀବିକା ଉପରେ ନିର୍ଭରଶୀଳ କରିଦେଇଥାଏ। ସମାଜ ଯଦି ଜଣେ ବ୍ୟକ୍ତିଙ୍କୁ ଶିକ୍ଷା ଓ ଚାକିରିରୁ ବଞ୍ଚିତ କରେ, ତେବେ ତାଙ୍କ ଆର୍ଥିକ ଦୁର୍ବଳତା ପାଇଁ କେବଳ ସେହି ବ୍ୟକ୍ତିଙ୍କୁ ଦାୟୀ କରାଯାଇପାରିବ ନାହିଁ।

ବାସଗୃହ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳେ। ସରକାରୀ ଯୋଜନା ଥିଲେ ମଧ୍ୟ ଅନେକ ସ୍ଥାନରେ ସ୍ଥାନୀୟ ସମାଜ ସେମାନଙ୍କୁ ପଡ଼ୋଶୀ ଭାବେ ଗ୍ରହଣ କରିବାକୁ ଚାହୁଁନାହାନ୍ତି। ଘର ଭଡ଼ା ଦେବାରେ ଅନିଚ୍ଛା, ସାମାଜିକ କାର୍ଯ୍ୟକ୍ରମରୁ ଦୂରେଇ ରଖିବା ଓ ପାରିବାରିକ ସମ୍ପର୍କର ବିଚ୍ଛିନ୍ନତା ସେମାନଙ୍କ ଜୀବନକୁ ଆହୁରି କଠିନ କରିଦେଉଛି। ଏହି ପରିସ୍ଥିତି ପ୍ରମାଣ କରେ ଯେ କେବଳ ଆର୍ଥିକ ସହାୟତା ଯଥେଷ୍ଟ ନୁହେଁ; ସାମାଜିକ ସ୍ୱୀକୃତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଅନେକେ ଭାବନ୍ତି ଯେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇସାରିଛି। କିନ୍ତୁ ବାସ୍ତବତା ତାହାଠାରୁ ଭିନ୍ନ। ୟୁରୋପ ଓ ଉତ୍ତର ଆମେରିକାର ଅନେକ ଦେଶରେ ଟ୍ରାନ୍ସଜେଣ୍ଡର ଅଧିକାରକୁ ନେଇ ଉନ୍ନତ ଆଇନ ଥିଲେ ମଧ୍ୟ ସାମାଜିକ ଓ ନୀତିଗତ ଚର୍ଚ୍ଚା ଜାରି ରହିଛି। ଲିଙ୍ଗ ପରିଚୟ, କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ, ସାର୍ବଜନିକ ସୁବିଧା ବ୍ୟବହାର ଓ ସ୍ୱାସ୍ଥ୍ୟ ନୀତିକୁ ନେଇ ବିଭିନ୍ନ ମତ ରହିଛି। ଏହା ପ୍ରମାଣ କରେ ଯେ ଆଇନ ତିଆରି କରିବା ସହଜ, କିନ୍ତୁ ସମାଜରେ ସମ୍ମତି ଓ ସମନ୍ୱୟ ସୃଷ୍ଟି କରିବା ଅଧିକ କଠିନ।

ଆମ ଦେଶରେ ଆଇନ ସହ ସାମାଜିକ ସଚେତନତାର ମଧ୍ୟ ବିକାଶ ହେବା ଆବଶ୍ୟକ। ବିଦ୍ୟାଳୟ ସ୍ତରରୁ ଲିଙ୍ଗ ସମ୍ବେଦନଶୀଳତା ଓ ମାନବାଧିକାର ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦରକାର। ସରକାରୀ କର୍ମଚାରୀ, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ ଓ ଆଇନ ପ୍ରୟୋଗକାରୀ ସଂସ୍ଥାଙ୍କ ପାଇଁ ନିୟମିତ ସଚେତନତା ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ। ଗଣମାଧ୍ୟମ ମଧ୍ୟ ଏ କ୍ଷେତ୍ରରେ ଦାୟିତ୍ୱଶୀଳ ଭୂମିକା ନେବା ଉଚିତ, ଯାହା ଫଳରେ ଟ୍ରାନ୍ସଜେଣ୍ଡର ସମୁଦାୟକୁ ନେଇ ଥିବା ଭ୍ରାନ୍ତ ଧାରଣା ଓ ପୂର୍ବାଗ୍ରହ ଧୀରେ ଧୀରେ ଦୂର ହୋଇପାରିବ। ଏକ ପ୍ରଗତିଶୀଳ ଗଣତନ୍ତ୍ରର ପରିଚୟ କେବଳ ତାହାର ଆର୍ଥିକ ବିକାଶ ନୁହେଁ; ବରଂ ସେ କେତେ ସମ୍ମାନ ସହିତ ନିଜର ସବୁଠାରୁ ଅବହେଳିତ ନାଗରିକଙ୍କୁ ସ୍ଥାନ ଦେଇପାରୁଛି, ତାହା ହିଁ ପ୍ରକୃତ ମାପକାଠି। ଟ୍ରାନ୍ସଜେଣ୍ଡର ସମୁଦାୟ ପାଇଁ ସମାନ ଅଧିକାରର ଅର୍ଥ କେବଳ ପେନ୍‌ସନ୍, ରାସନ କିମ୍ବା ବାସଗୃହ ନୁହେଁ। ଏହାର ଅର୍ଥ ହେଉଛି ଶିକ୍ଷାରେ ସମାନ ସୁଯୋଗ, କର୍ମକ୍ଷେତ୍ରରେ ସମାନ ସମ୍ମାନ, ସମାଜରେ ସମାନ ମର୍ଯ୍ୟାଦା ଓ ଭୟମୁକ୍ତ ଜୀବନଯାପନର ଅଧିକାର। ସେହିପରି ଆଜିର ଆବଶ୍ୟକତା କେବଳ ନୂତନ ଆଇନ କିମ୍ବା ନୂତନ ଯୋଜନା ନୁହେଁ। ଆବଶ୍ୟକ ହେଉଛି ମନୋଭାବର ପରିବର୍ତ୍ତନ, ମାନବିକ ଦୃଷ୍ଟିଭଙ୍ଗୀ ଓ ସାମାଜିକ ଦାୟିତ୍ୱବୋଧ। ଟ୍ରାନ୍ସଜେଣ୍ଡର ବ୍ୟକ୍ତି ନିଜ ପରିଚୟକୁ ଲୁଚାଇ ନ ରଖି ସମ୍ମାନର ସହିତ ସମାଜରେ ଯେବେଠାରୁ ବଞ୍ଚିପାରିବେ, ସେଦିନ ଆମେ କହିପାରିବା ଯେ ଭାରତ ପ୍ରକୃତ ଅର୍ଥରେ ସମାନତା ଓ ଅନ୍ତର୍ଭୁକ୍ତିକରଣର ପଥରେ ଆଗେଇଛି।

(ସାମାଜିକ ସୁରକ୍ଷା ଅଧିକାରୀ)
ଆଳି(କେନ୍ଦ୍ରାପଡ଼ା), ମୋ: ୭୯୭୮୫୩୫୦୭୩

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

### ଓଡ଼ିଶାର ବୌଦ୍ଧ ପରମ୍ପରା

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ - ଅଧିକ ଚିନ୍ତନ: ଯେଉଁମାନେ ଓଡ଼ିଶା ଭ୍ରମଣ ବେଳେ ଅଥବା ସ୍ୱତନ୍ତ୍ର ଭାବେ ଧଉଳି ପରିଦର୍ଶନ କରିଛନ୍ତି ସେମାନେ ଧଉଳି ପାହାଡ଼କୁ ଯିବା ସମୟରେ ରାସ୍ତାରେ 'ଅଶୋକଙ୍କ ପ୍ରଧାନ ଶିଳାଲେଖ' ସଂପର୍କରେ ଜାଣିବାକୁ ପାଇଥିବେ। ଏହା ସମ୍ରାଟ ଅଶୋକଙ୍କ ଦ୍ୱାରା ବଡ଼ ବଡ଼ ପଥର ବା ଶିଳାରେ ଖୋଦିତ କରାଯାଇଥିବା ଚଉଦଗୋଟି ମୁଖ୍ୟ 'ଅନୁଶାସନ' ଅଥବା 'ଆଦେଶନାମା'କୁ ବୁଝାଇଥାଏ। ଏହି ଧଉଳି ଶିଳାଲେଖ ଗଞ୍ଜାମ ଜିଲ୍ଲାର ଜଉଗଡ଼ଠାରେ ସମାନ ଶୃଙ୍ଖଳାରେ ଲିପିବଦ୍ଧ ହୋଇଛି। ଧଉଳି ପାହାଡ଼ର ଶିଳାଲେଖ ଏବଂ ପଥରରେ ଖୋଦିତ ହାତୀ ସ୍ଥାନୀୟ ଲୋକମାନଙ୍କର ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲୋକମାନଙ୍କ ବିଶ୍ୱାସ ଓ କାହାଣୀରେ ଅନେକ ପରିବର୍ତ୍ତନ ଆଣିଛି। ଏହି ପ୍ରାଚୀନ କୀର୍ତ୍ତିରାଜି ଯୋଗୁଁ ଲୋକମାନେ ଏହି ସ୍ଥାନକୁ ପ୍ରତ୍ୟକ୍ଷ ଭାବେ ବୌଦ୍ଧ ଧର୍ମ ସହ ସଂପର୍କିତ ବୋଲି ମାନନ୍ତି। ଏଣୁ ଏଠାରେ ପାହାଡ଼ ଶିଖରରେ ଏକ ସୁନ୍ଦର ତଥା ବୃହତ ସ୍ତୂପ ଗଢ଼ି ଉଠିଛି, ଯେଉଁଠାରୁ ଚାରିପାଖର ସମତଳ ଭୂମି ଏବଂ ଶିଶୁପାଳଗଡ଼ର ଧ୍ୱଂସାବଶେଷର ଏକ ଚିତ୍ତାକର୍ଷକ ଦୃଶ୍ୟ ଦେଖିବାକୁ ମିଳେ।

ଶିଶୁପାଳଗଡ଼ ହେଉଛି ପ୍ରାଚୀନ କଳିଙ୍ଗ ନଗରୀ ଏବଂ କଳିଙ୍ଗର ପରବର୍ତ୍ତୀ କାଳର ସମ୍ରାଟ ଖାରବେଳଙ୍କ ରାଜଧାନୀ ଏବଂ ସମ୍ଭବତଃ ଏହା ଥିଲା କଳିଙ୍ଗର ଶାସକଙ୍କ ମୁଖ୍ୟ ଦପ୍ତର, ଯାହାଙ୍କୁ ଅଶୋକ ପରାଜିତ କରି କଳିଙ୍ଗ ଜୟ କରିଥିଲେ। ସ୍ତୂପର ଡ୍ରମ୍ ଅଥବା ଗୋଲାକାର ଭିତ୍ତି ଚାରିପାଖରେ ଥିବା ସୂକ୍ଷ୍ମ କାନ୍ଥ ଖୋଦେଇ ଚିତ୍ର ମଧ୍ୟରୁ ଗୋଟିଏରେ କଳିଙ୍ଗ ଯୁଦ୍ଧର ବିଭୀଷିକା ଦେଖି ଅଶୋକଙ୍କ ପଶ୍ଚାତାପର ଚିତ୍ରଣ ରହିଛି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଯେ ସେ ଧଉଳି ପାହାଡ଼ ଉପରେ ଠିଆ ହୋଇ ତାଙ୍କ ଅଭିଯାନର ଚୂଡ଼ାନ୍ତ ଯୁଦ୍ଧ ଦେଖୁଥିଲେ ଏବଂ ଏହି ସ୍ଥାନରେ ହିଁ ସେ ପଶ୍ଚାତାପରେ ବୁଡ଼ିଯାଇଥିଲେ।

କଳିଙ୍ଗ ଯୁଦ୍ଧ ପରେ ଅଶୋକଙ୍କ ଅନୁତାପ ଏବଂ ତା'ର ଫଳସ୍ୱରୂପ ବୌଦ୍ଧ ଧର୍ମ ଗ୍ରହଣ କରିବା ପ୍ରଶ୍ନଟି ନିଜେ ଏକ ଜଟିଳ ବିଷୟ। ଥେରବାଦ ଏବଂ ମହାଯାନ - ଉଭୟ ବୌଦ୍ଧ ପରମ୍ପରାରେ ସଂରକ୍ଷିତ ତଥ୍ୟ କଳିଙ୍ଗ ଯୁଦ୍ଧ ବିଷୟରେ କିଛି ବି କୁହେ ନାହିଁ ବା କୌଣସି ସୂଚନା ମଧ୍ୟ ଦିଏ ନାହିଁ। ଆମେ କଳିଙ୍ଗ ଯୁଦ୍ଧ ସଂପର୍କରେ ଯାହା ଜାଣୁ ଆମର ଜ୍ଞାନ ସଂପୂର୍ଣ୍ଣ ରୂପେ କେବଳ ଅଶୋକଙ୍କ ନିଜର ଅଭିଲେଖ ଅଥବା ଶିଳାଲେଖ ଉପରେ ନିର୍ଭର କରେ। ଥେରାବାଦ ପରମ୍ପରା ଅନୁଯାୟୀ, ନିଗ୍ରୋଧ ନାମକ ଜଣେ ସାଧୁ ବୌଦ୍ଧ ସନ୍ନ୍ୟାସୀଙ୍କ ଶିକ୍ଷା ଏବଂ ଆଦର୍ଶ ଅଶୋକଙ୍କୁ ବୌଦ୍ଧଧର୍ମ ଆଡ଼କୁ ଆକର୍ଷିତ କରିଥିଲା ଏବଂ ବୌଦ୍ଧଧର୍ମ ଗ୍ରହଣ କରିବାରେ ସାହାଯ୍ୟ କରିଥିଲା। ନିଗ୍ରୋଧ ଥିଲେ ଅଶୋକଙ୍କ ପୁତୁରା, ଯିଏ ମାତ୍ର ସାତବର୍ଷ ବୟସରେ ସନ୍ନ୍ୟାସୀ ହୋଇଥିଲେ। ତାଙ୍କର ଶାନ୍ତ ଏବଂ ଗମ୍ଭୀର ବ୍ୟକ୍ତିତ୍ୱରେ ଅଶୋକ ପ୍ରଭାବିତ ହୋଇ ତାଙ୍କଠାରୁ ବୌଦ୍ଧ ଧର୍ମର ଦୀକ୍ଷା ନେଇଥିଲେ। ବୌଦ୍ଧଧର୍ମ ଗ୍ରହଣ କରିବା ପୂର୍ବରୁ ଯେତେବେଳେ ଅଶୋକ ଅତ୍ୟନ୍ତ ହିଂସ୍ର ପ୍ରକୃତିର ଥିଲେ, ସେତେବେଳେ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ବହୁତ ଆକର୍ଷଣୀୟ ତଥା ପ୍ରଭାବଶାଳୀ ଥିଲା ବୋଲି ଥେରବାଦ ପରମ୍ପରାର ଗ୍ରନ୍ଥଗୁଡ଼ିକରେ ଦର୍ଶାଯାଇଛି। ସିଂହାସନ ହାସଲ କରିବା ନିମନ୍ତେ ତାଙ୍କର ଅନେଶ୍ୱତ ଜଣ ଭାଇଙ୍କୁ ହତ୍ୟା କରିବା ହିଁ ତାଙ୍କ ନାମରେ ଏକମାତ୍ର ପାପ କାର୍ଯ୍ୟ ଥିଲା ବୋଲି ଏସବୁରେ କୁହାଯାଇଛି।

ମହାଯାନ ପରମ୍ପରା ଅନୁଯାୟୀ ଅଶୋକ ଅତ୍ୟନ୍ତ ନିଷ୍ଠୁର ଥିଲେ। ନିଷ୍ଠୁରତାରୁ ଆନନ୍ଦ ଅନୁଭବ କରୁଥିଲେ ଏବଂ ଅନ୍ୟକୁ ଶାରୀରିକ ଯନ୍ତ୍ରଣା ନେଇ ଖୁସି ହେଉଥିଲେ। ଜଣେ ଅତ୍ୟନ୍ତ ସାଧୁ ପ୍ରକୃତିର ସନ୍ନ୍ୟାସୀ ସମୁଦ୍ରଙ୍କୁ ଅତି ନିଷ୍ଠୁର ଭାବରେ ଅଶୋକଙ୍କ ନର୍କ ଗୃହରେ ଅତ୍ୟାଚାର ଓ ଯନ୍ତ୍ରଣା ଦିଆଯାଇଥିଲା। ସମୁଦ୍ରଙ୍କର ସେହି ବୀରୋଚିତ ସହନଶୀଳତା ହିଁ ଅଶୋକଙ୍କ ଧର୍ମ ପରିବର୍ତ୍ତନ କରାଇ ପାରିଥିଲା ବୋଲି ଦର୍ଶାଯାଇଛି। ମାତ୍ର ଏହି ପରମ୍ପରାରେ ମଧ୍ୟ ଅଶୋକଙ୍କ ଯୁଦ୍ଧ ପରବର୍ତ୍ତୀ ସ୍ଥିତିରେ ଅନୁତାପ ଆସିଥିବା ସଂପର୍କରେ କିଛି କୁହାଯାଇ ନାହିଁ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକରେ ବିଜେଡିର ଶୋକ

ଭୁବନେଶ୍ୱର,୧୨।୬(ସମିସ): ଗୁଣୁପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକରେ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଏକ ପ୍ରେସ ବିବୃତ୍ତିରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଗୁଣୁପୁର ନିର୍ବାଚନମଣ୍ଡଳୀ ତଥା ଦକ୍ଷିଣ ଓଡ଼ିଶାର ଅନ୍ୟତମ ଜନପ୍ରିୟ ନେତା ଥିଲେ ରାମମୂର୍ତ୍ତୀ ଗମାଙ୍ଗ। ସ୍ୱର୍ଗତଃ ଗମାଙ୍ଗ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଗୁଣୁପୁର ନିର୍ବାଚନମଣ୍ଡଳୀରେ ଅଣକଂଗ୍ରେସ ରାଜନୀତିରେ ମଜଭୁତ ଭିତ୍ତି ସ୍ଥାପନ କରିବା ସହ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ତାଙ୍କର ଅବଦାନ ସଦା ସ୍ମରଣୀୟ ହୋଇ ରହିବ। ଜଣେ ଦକ୍ଷ ସଂଗଠକ, ସରଳ ବ୍ୟକ୍ତିତ୍ୱ ଓ ଜନପ୍ରିୟ ନେତା ଭାବରେ ସେ ସର୍ବଦା ଲୋକଙ୍କ ହୃଦୟରେ ଅମର ରହିବେ। ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଆମର ଆନ୍ତରିକ ସମବେଦନା ଜ୍ଞାପନ କରୁଛୁ ବୋଲି ସେ କହିଛନ୍ତି।

**ଦକ୍ଷିଣ ଓଡ଼ିଶାର ଅନ୍ୟତମ ଜନପ୍ରିୟ ନେତା ଥିଲେ**

## ମସ୍କ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର

## ସମ୍ପତ୍ତି ୧.୧ ଲକ୍ଷ କୋଟି ଟଙ୍କା ଟପିଲା

ୱାଶିଂଟନ୍, ୧୨।୬(ଏଜେନ୍ସି): ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ହୋଇଛନ୍ତି ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ବା ଖରବପତି। ତାଙ୍କର ରକେଟ୍ ଏବଂ ସାଟେଲାଇଟ୍ କମ୍ପାନୀ ସ୍ପେସ୍ ଏକ୍ସର ରେକର୍ଡ ୭୫ ବିଲିୟନ ଡଲାରର ଆଇପିଓ ଆସିବା ପରେ ମସ୍କ ଟ୍ରିଲିୟନେୟାର ପାଲଟିଛନ୍ତି। ମସ୍କଙ୍କ ମୋଟ ସମ୍ପତ୍ତି ବିଶ୍ୱର ୧୭୪ଟି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ଠାରୁ ବି ଅଧିକ ହେବ। ଏମିତିକୁ ମସ୍କଙ୍କ ସମ୍ପତ୍ତିରେ ପାକିସ୍ତାନକୁ ଦୁଇ ଥର କିଣିବେ ବି ଆହୁରି ସମ୍ପତ୍ତି ବଳିପଡ଼ିବା ଆକଳନ କରାଯାଇଛି। ରଏଟର୍ସ ଅନୁଯାୟୀ, ଶୁକ୍ରବାର ସେୟାର ବଜାରରେ କାରବାର ଆରମ୍ଭ ହେବା ପରେ, ମସ୍କଙ୍କ ମୋଟ ସମ୍ପତ୍ତି ଟେସଲା ଏବଂ ତାଙ୍କର ଅନ୍ୟ କମ୍ପାନୀରେ ତାଙ୍କ ଅଂଶଧନ ସହିତ ମିଶି ୧.୧ ଟ୍ରିଲିୟନ ଡଲାର (୧.୧ ଲକ୍ଷ କୋଟି ଟଙ୍କା) ଅତିକ୍ରମ କରିଥିଲା। ଏଥିରେ କେବଳ ସ୍ପେସ୍ଏକ୍ସର ପ୍ରାୟ ୮୬୬ ବିଲିୟନ ଡଲାର ଅନ୍ତର୍ଭୁକ୍ତ। ଏହି ଆଇପିଓ ପୂର୍ବରୁ ମସ୍କଙ୍କ ସମ୍ପତ୍ତି ପ୍ରାୟ ୬୮୦ ବିଲିୟନ ଡଲାର ରହିଥିଲା। ମସ୍କଙ୍କ ପ୍ରଭାବ ଏତେ ଗଭୀର ହୋଇଛି ଯେ ବିଶ୍ଳେଷକମାନେ ତାଙ୍କ ଚାରିପାଖରେ ଥିବା ବ୍ୟବସାୟିକ ନେଟୱାର୍କକୁ 'ମସ୍କନୋମି' ବୋଲି କୁହନ୍ତି। ସ୍ପଷ୍ଟବାଦୀତା ଏବଂ ଅପରିବର୍ତ୍ତିତ କାର୍ଯ୍ୟଶୈଳୀ ପାଇଁ ଜଣାଶୁଣା, ମସ୍କଙ୍କ ରାଜନୈତିକ କ୍ୟାରିଅର ଅନେକ ବିବାଦ ପାଇଁ ଚର୍ଚ୍ଚିତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରୀ ଦକ୍ଷତା ବିଭାଗ (ଡୋଗି)ରେ ତାଙ୍କର ଭୂମିକାକୁ ନେଇ ୨୦୨୫ ମସିହାରେ ଟେସଲା ବିରୁଦ୍ଧରେ ଆନ୍ତର୍ଜାତୀୟ ସ୍ତରରେ ବିରୋଧ ପ୍ରଦର୍ଶନ ହୋଇଥିଲା। ଗ୍ରାହକ ଟେସ୍ଲା ବୟକଟ କରିବା ଯୋଗୁଁ ବିକ୍ରି ହ୍ରାସ ପାଇଥିଲା। ବିବାଦ ସତ୍ତ୍ୱେ, ଆର୍ଥିକ ଏବଂ କର୍ପୋରେଟ୍ ଜଗତର ଅନେକ ନେତୃବୃନ୍ଦ ମସ୍କଙ୍କ ଦୃଢ଼ ବ୍ୟବସାୟିକ ପରିଚାଳନାକୁ ସ୍ୱୀକାର କରନ୍ତି।



**ସ୍ପେସ୍ଏକ୍ସ ଆଇପିଓ ଦେଲା ସଫଳତା**

## ମହୁମାଛି ଆକ୍ରମଣରେ ମହିଳା ମୃତ

ଭଦ୍ରକ, ୧୨।୬(ସମିସ): ମହୁମାଛି ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ବ୍ଲକ୍ ସାବରଙ୍ଗ ଥାନା ଏରଡ଼ା ପଞ୍ଚାୟତର ବାସୁଆପଦା ଗାଁରେ। ମୃତ ମହିଳା ହେଲେ, ଗ୍ରାମର ରଜନୀକାନ୍ତ ସାହୁଙ୍କ ସ୍ତ୍ରୀ ବାସନ୍ତୀଲତା। ଗତକାଲି ବାସନ୍ତୀଲତାଙ୍କ ଶାଶୂଙ୍କ ବର୍ଷିକିଆ ଥିଲା। ଗ୍ରାମବାସୀଙ୍କ ପାଇଁ ରୋଷେଇ ଚାଲିଥିଲା ବେଳେ ବାସନ୍ତୀଲତା ରୋଷେୟାଙ୍କ ପାଇଁ ଚା' ନେଇ ଯାଉଥିଲେ। ଏହି ସମୟରେ ଘର ଆଗରେ ଥିବା ଏକ ପାଣିଟାଙ୍କି ପାଖରେ ଥିବା ମହୁଫେଣାରୁ ଶହଶହ ବାଘୁଆ ମହୁମାଛି ବାହାରି ଆକ୍ରମଣ କରିଥିଲେ। ଏହା ଦେଖି ଯିଏ ଯୁଆଡ଼େ ପାରିଲେ ଦୌଡ଼ିଥିଲେ। ତେବେ ଏଥିରେ ବାସନ୍ତୀଙ୍କ ସମେତ ଆଖପାଖରେ ଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ବାସନ୍ତୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ଅନ୍ୟ ଆହତମାନେ ଡାକ୍ତରଖାନା ପରେ ଏବେ ଘରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

**୨୦ରୁ ଊର୍ଦ୍ଧ୍ୱ ଆହତ**



## ଦୁଇ ଟ୍ରକ୍ ଧକ୍କାରେ ଦୁଇ ମୃତ

ଖଡ଼ିଆଳ, ୧୨।୬ (ସମିସ): ନୂଆପଡ଼ା ଜିଲ୍ଲା ବୋଡେନ୍ ବିଜୁ ଏକ୍ସପ୍ରେସ୍-ୱେର ଖଇରାଗ୍ରାମ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଦୁଇଟି ଜୀବନ ନେଇଛି। ଦୁଇ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରାଇଘର ଥାନା ଗଣ୍ଡରାଗ୍ରାମର ମନିରାମ ଗଣ୍ଡ(୨୯) ଓ ରାଣୀପଦରର ପିଙ୍କର ଗଣ୍ଡ(୨୬)। ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ସୁଶାନ୍ତ ଗଣ୍ଡ (୨୯) ଆହତ ହୋଇଛନ୍ତି। ସୂଚନାନୁଯାୟୀ, ନୂଆପଡ଼ାରୁ ନବରଙ୍ଗପୁର ଯାଉଥିବା ଏକ କୁକୁଡ଼ା ବୋଝେଇ ଟ୍ରକ୍ ଆଗରେ ଯାଉଥିବା ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଫଳରେ କୁକୁଡ଼ା ବୋଝେଇ ଟ୍ରକ୍‌ରେ ଶୋଇଥିବା ମନିରାମ ଓ ପିଙ୍କରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଟ୍ରକ୍ ଚାଳକ ସୁଶାନ୍ତ ଚାପି ହୋଇ ରହିଥିଲେ। ଅଗ୍ନିଶମ ବିଭାଗ ସହାୟତାରେ ପୁଲିସ୍ ମୃତାହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ କହିଛନ୍ତି।

## ବ୍ୟାପକ ଚାରାରୋପଣ ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର, ୧୨।୬(ସମିସ): ଚଳିତ ଶିକ୍ଷାବର୍ଷରେ ବ୍ୟାପକ ଚାରା ରୋପଣ ପାଇଁ ଉଚ୍ଚଶିକ୍ଷା ବିଭାଗ ଯୋଜନା କରିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଶ୍ରୀ ସତ୍ୟ ସାଇ ସେବା ସଂଗଠନ ସହଯୋଗରେ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବୃକ୍ଷରୋପଣ କାର୍ଯ୍ୟଯୋଜନା କରି ହିମ୍ସ ପୋର୍ଟାଲ୍ ମାଧ୍ୟମରେ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ଏନ୍ଏସ୍ଏସ୍ ଥିବା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶ ଅନୁଯାୟୀ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣରେ କ୍ୟାମ୍ପସ ଓ ନିକଟବର୍ତ୍ତୀ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ଥାନୀୟ ପ୍ରଜାତି ସହ ଫଳ ଦେଉଥିବା ଚାରା ରୋପଣ କରାଯିବ। ସେଗୁଡ଼ିକର ଯତ୍ନ ଓ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଜୁଲାଇ ପ୍ରଥମ ସପ୍ତାହରେ ହେବାକୁ ଥିବା ବନ ମହୋତ୍ସବ ସପ୍ତାହରେ ଚାରାରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମଧ୍ୟ ସମସ୍ତ ପ୍ରସ୍ତୁତି କରିବାକୁ କୁହାଯାଇଛି। ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି ସହ ରାଜ୍ୟର ସବୁଜିମା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଔଷଧର ପ୍ରଥମ...

ପୂର୍ବରୁ ମୂଷା ଏବଂ ମାଙ୍କଡ଼ମାନଙ୍କ ଉପରେ କରାଯାଇଥିବା ପରୀକ୍ଷଣ ଅତ୍ୟନ୍ତ ସଫଳ ହୋଇଥିଲା ଏବଂ ସେମାନଙ୍କ ଦୃଷ୍ଟିଶକ୍ତି ଫେରିଆସିଥିଲା। ଶରୀରର ଅନ୍ୟ ଅଂଶ ସହ ସିଧାସଳଖ ଜଡ଼ିତ ନଥିବାରୁ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଯାଞ୍ଚ କରିବା ସହଜ ହେଉଥିବାରୁ ପ୍ରଥମେ ମାନବ ଆଖିକୁ ଏହି ପରୀକ୍ଷଣ ପାଇଁ ବଛାଯାଇଛି। ଏହି ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଏବଂ ଓପନଏଆଇର ସାମ୍ ଅଲ୍ଟମ୍ୟାନଙ୍କ ଭଳି ବିଶ୍ୱର ପ୍ରତିଷ୍ଠିତ କୋଟିପତି ଓ ବଡ଼ ବଡ଼ ଫାର୍ମା କମ୍ପାନୀଗୁଡ଼ିକ ବିପୁଳ ପୁଞ୍ଜି ବିନିଯୋଗ କରିଛନ୍ତି।

### ଜଳିଗଲା ୪,୦୦୦ ଇଭିଏମ୍...

ଷଷ୍ଠ ମହଲାକୁ ପ୍ରଭାବିତ ନକରି ଏହା କିପରି ହଠାତ୍ ସପ୍ତମ, ଅଷ୍ଟମ ଓ ନବମ ମହଲାକୁ ବ୍ୟାପିଲା ବୋଲି ମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରଶ୍ନ ଉତ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇଭିଏମ୍ ଗୁଡ଼ିକ ମୁଖ୍ୟତଃ ଅଷ୍ଟମ ଓ ନବମ ମହଲାରେ ରଖାଯାଇଥିଲା। ଏହି ଘଟଣାରେ ଜିଲ୍ଲା ଅତିରିକ୍ତ ମାଜିଷ୍ଟ୍ରେଟ୍ ଆଲିପୁର ଥାନାରେ ଏକ ଲିଖିତ ଅଭିଯୋଗ କରଛନ୍ତ। ଫୋରେନସିକ ବିଶେଷଜ୍ଞମାନେ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛନ୍ତି। ସର୍ଟ ସର୍କିଟ୍ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟମୂଳକ କାର୍ଯ୍ୟ ତାହା ତଦନ୍ତ ପରିସରଭୁକ୍ତ ରହିଛି। ବର୍ତ୍ତମାନ ସୁଦ୍ଧା ଅଟ୍ଟାଳିକାକୁ ସୁରକ୍ଷିତ ରଖାଯାଇଛି ଏବଂ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଏହି ଅଗ୍ନିକାଣ୍ଡକୁ ନେଇ ରାଜନୈତିକ ବିବାଦ ମଧ୍ୟ ଆରମ୍ଭ ହୋଇଛି। କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ଏବଂ ବିଜେପି ନେତା ରାକେଶ ସିଂ ଏହାକୁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି। ଏଥିସହିତ, ଯେଉଁ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟିଛି, ସେଠାରେ ଗିରଫ ହୋଇଥିବା ଟିଏମସି ନେତା ଜାହାଙ୍ଗୀର ଖାନଙ୍କ କାର୍ଯ୍ୟାଳୟ ମଧ୍ୟ ରହିଥିଲା, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ଉକ୍ତ ଅଞ୍ଚଳ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଗଡ଼ ବୋଲି କୁହାଯାଇଛି।

### ଗଠନ ହେବ...

ସଂଗଠନ ନୁହେଁ, ନିଜ ରାଜ୍ୟରେ ଏହାର ନେତୃତ୍ୱ ଓ ପରିଚୟ ସମ୍ପୂର୍ଣ୍ଣ ଭିନ୍ନ। ପୁନଶ୍ଚ ପ୍ରତ୍ୟେକ ଦଳର ନିଜସ୍ୱ ଭୋଟ ବ୍ୟାଙ୍କ ଓ ରାଜନୈତିକ ଏଜେଣ୍ଡା ମଧ୍ୟ ଅଲଗା। ଶରଦ ପାୱାର, ମମତା ବାନାର୍ଜୀଙ୍କ ପରି ନେତାମାନେ କଦାପି ନିଜ ଦଳର ଅସ୍ତିତ୍ୱ ବିଲୋପ କରିବେ ନାହିଁ। ପଶ୍ଚିମବଙ୍ଗରେ ଟିଏମସି ଏବେ ଭୟଙ୍କର ସଙ୍କଟ ମଧ୍ୟରେ ଗତି କରୁଥିବା ସମୟରେ ଉଭୟ କଂଗ୍ରେସ ଓ ଟିଏମ୍ସି ମିଶ୍ରଣ ପ୍ରସଙ୍ଗକୁ ଗୁଜବ ବୋଲି କହିଛନ୍ତି। ନିଜନିଜର ପରିଚୟ ଅକ୍ଷୁର୍ଣ୍ଣ ରଖି ଭବିଷ୍ୟତରେ ଏକାଠି ସେମାନେ ନିର୍ବାଚନ ଲଢ଼ିପାରନ୍ତି ବୋଲି ଇଙ୍ଗିତ ଦେଇଛନ୍ତି।

ତଥାପି ଦେଶର ରାଜନୀତିରେ ବଦଳୁଥିବା ସମୀକରଣ ଓ ଭବିଷ୍ୟତରେ ବିଜେପି ବିରୋଧୀ ମହାମେଣ୍ଟ ଗଠନ ନିମନ୍ତେ କିଛି ଦଳ କଂଗ୍ରେସ ସହ ସମ୍ପର୍କ ଘନିଷ୍ଠ କରିବାର ସମ୍ଭାବନା ରହିଛି। ତେବେ ସିଧାସଳଖ ଦଳୀୟ ମିଶ୍ରଣ ଠାରୁ ଉଭୟ ପକ୍ଷ ମଧ୍ୟରେ ନିର୍ବାଚନୀ ମେଣ୍ଟ କିମ୍ବା ରଣନୀତିଗତ ସହଯୋଗର ସମ୍ଭାବନା ଅଧିକ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

### କେଜିରୁ ପିଜି...

ନୀତି ହେଉଛି, ବିକାଶର ସୁଫଳରେ ସମସ୍ତେ ଭାଗୀଦାର। ଗତ ୨ ବର୍ଷରେ ଆମେ ୧୨୧ ଟି ନୂଆ ଯୋଜନା, କାର୍ଯ୍ୟକ୍ରମ ଘୋଷଣା କରିଛୁ। ୨୦୨୭ ଶେଷ ସୁଦ୍ଧା ସବୁ ଗ୍ରାମକୁ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ମିଶନ ପାୱାର ଗଠନ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରେଖାଙ୍କିତ ଚାରି ବର୍ଗ ଅର୍ଥାତ୍ 'ଗରିବ, ମହିଳା, ଅନ୍ନଦାତା ଓ ଯୁବବର୍ଗ' ଙ୍କ ପାଇଁ ଆମେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛୁ। ସୁଭଦ୍ରା ଯୋଜନାରେ ଦୁଇ ବର୍ଷ ମଧ୍ୟରେ ୨୦ ହଜାର ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। କନ୍ୟା ବିବାହ ଯୋଜନା ଆଣି ୧୩୦୦ ଗରିବ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି। ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୨ ଶହ ବିଦ୍ୟାଳୟରୁ ବର୍ତ୍ତମାନ ସୁଦ୍ଧା ୩୨୨ ବିଦ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି। ଦୁଇ ବର୍ଷ ମଧ୍ୟରେ ୨୬ ହଜାର ୬୧୫ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ଓ ଆଗାମୀ ୩ ବର୍ଷରେ ଆମେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଚଳିତ ବଜେଟରେ ଓଡ଼ିଶାରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି ନିଆଯାଇଛି ଓ ଉପାନ୍ତ ଅଞ୍ଚଳ ଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲାଯାଇଛି। ସ୍ୱାସ୍ଥ୍ୟସେବାକୁ ସରକାର ପ୍ରାଥମିକତା ଦେଉଥିବା ବେଳେ ନବରଙ୍ଗପୁର ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଖୁବଶୀଘ୍ର ଜଗତସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ। ସେହିପରି ରାଜ୍ୟରେ ୩ଟି ନୂତନ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଖୋଲାଯିବ ଓ ୨ଟି ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ରାଜ୍ୟରେ ପ୍ରାୟ ୯ ହଜାର କିଲୋମିଟର ରାସ୍ତା, ୫୭ଟି ସେତୁ ଓ ୪ଟି ରେଳ ଓଭର ବ୍ରିଜ ପାଇଁ ପ୍ରାୟ ୧୭ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ୨ ବର୍ଷରେ ଆମ ସରକାର ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଜରିଆରେ ୮ ଲକ୍ଷ ୬୯ ହଜାର କୋଟି ଟଙ୍କାର ୪୩୩ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଆମର ଏହି ପଦକ୍ଷେପ ବିକାଶକୁ ସମାବେଶୀ କରିବାରେ ସହାୟକ ହେବ। ଆମ ସରକାରଙ୍କ ସମୟରେ ମହିଳା ବିରୋଧୀ ଅପରାଧ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ୨୦୨୩ ରେ ମହିଳା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୬.୭ ପ୍ରତିଶତ ଥିବା ବେଳେ, ୨୦୨୫ ଜୁନ ସୁଦ୍ଧା ଏହା ୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ଆଗାମୀ ଚାରି ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନ ପ୍ରଦାନ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ମଧୁବାବୁ ପେନସନ୍ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ାଯାଇ ରାଜ୍ୟର ସମସ୍ତ ଯୋଗ୍ୟ ଆଶାୟୀଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବ। ଜାତୀୟ ସାମାଜିକ ସୁରକ୍ଷା ପେନସନରେ ବୈଷୟିକ ସମସ୍ୟା ଯୋଗୁ ପେନସନ ପ୍ରଦାନରେ ବିଳମ୍ବ ଘଟିଛି। ଖୁବଶୀଘ୍ର ହିତାଧିକାରୀ ମାନେ ବକେୟା ସହ ସମସ୍ତ ପେନସନ ପାଇବେ। ପ୍ରସିଦ୍ଧ ୱାର୍ଲଡ ସ୍କିଲ୍ ସେଣ୍ଟର'ର ଦୁଇଟି କ୍ୟାମ୍ପସ୍ ସମ୍ବଲପୁର ଓ ବ୍ରହ୍ମପୁର ରେ ପ୍ରତିଷ୍ଠା କରାଯିବ। ଜଗତସିଂହପୁର ଜିଲ୍ଲାର ପାରାଦୀପ ଏବଂ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩୫ ଲକ୍ଷ ଯୋଗ୍ୟ ପରିବାରଙ୍କୁ ପକ୍କା ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆର୍ଥିକ କ୍ଷେତ୍ରରେ ଶୃଙ୍ଖଳା ରକ୍ଷାକରି ଆମେ ୨୦୨୪-୨୫ରେ ୭.୨ ପ୍ରତିଶତ ଏବଂ ୨୦୨୫-୨୬ରେ ୭.୯ ପ୍ରତିଶତ ଅଭିବୃଦ୍ଧି ହାସଲ କରି ଜାତୀୟହାର ଠାରୁ ଉପରେ ରହିଛ ବୋଲି ସେ କହିଛନ୍ତି।

### ଚର୍ଚ୍ଚିତ ସରପଞ୍ଚ...

ଚାମେଲିଙ୍କ ବିରୋଧରେ ବିଡ଼ିଓ ଓ ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି।

ଗତକାଲି ଚାମେଲି ଓଝା ପଞ୍ଚାୟତର କିଛି ସମସ୍ୟା ନେଇ ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଭେଟିବାକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ପରେ ଚାମେଲି ସେଠାରେ ଘଟଣାର ଭିଡ଼ିଓ ଲାଇଭ୍ କରିଥିଲେ। ସରକାରୀ କାର୍ଯ୍ୟାଳୟରେ ବିନା ଅନୁମତିରେ ଭିଡିଓ ଉତ୍ତୋଳନ କରିବା ଓ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ବିଡିଓଙ୍କ ପକ୍ଷରୁ ମହାକାଳପଡ଼ା ଥାନାରେ ଏକ ଲିଖିତ ଏତଲା ଦିଆଯାଇଛି। ସେହିପରି ଥାନା ପରିସରରେ ମହିଳା ଏଏସଆଇ ତପସ୍ୱିନୀ ବିଶ୍ୱାଳଙ୍କୁ ସେ କାମୁଡ଼ିବା ଅଭିଯୋଗରେ ପୁଲିସ ପକ୍ଷରୁ ମଧ୍ୟ ଅନ୍ୟଏକ ମାମଲା ଦାଏର କରାଯାଇଛି। ଏହି ଦୁଇଟି ଅଭିଯୋଗ ଭିତ୍ତିରେ ମହାକାଳପଡ଼ା ଥାନାରେ କେସ୍ ନମ୍ବର ୧୭୧ ଓ ୧୭୨ରେ ପୃଥକ୍ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ପୁଲିସ ଦ୍ୱାରା ଅଟକ ହେବା ପରେ ଅସୁସ୍ଥ ଚାମେଲି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ନିଜ ବାପାମାଆଙ୍କ ଜରିଆରେ ଏସପିଙ୍କୁ ଏକ ପାଲଟା ଏତଲା ପଠାଇଛନ୍ତି। ବିଡ଼ିଓଙ୍କ କାର୍ଯ୍ୟାଳୟରେ ସେ ଅସଦାଚରଣର ଶିକାର ଘଟଣାର ଲାଇଭ୍ ଭିଡ଼ିଓ କରିବା ସମୟରେ ସ୍ଥାନୀୟ ବିଧାୟକଙ୍କ ସମର୍ଥକ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଗଣଦୁଷ୍କର୍ମର ଧମକ ଦେଇଛନ୍ତି। ଏହା ସହ ନ୍ୟାୟ ପାଇଁ ସେ ସିଧାସଳଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ସାଂଘାତିକ ଅଭିଯୋଗ ଆଣିଛନ୍ତି। ମହାକାଳପଡ଼ା ବିଧାୟକ ତାଙ୍କଠାରୁ ଅନେକ କିଛି ପାଇବା ଆଶା ରଖିଥିଲେ। ମାତ୍ର ନିଜ ସମ୍ମାନ ରକ୍ଷା କରି ସେ ବିଧାୟକଙ୍କ ଆଶା ପୂରଣ ନ କରିବାରୁ ତାଙ୍କୁ ପ୍ରଶାସନ ଜରିଆରେ ଏଭଳି ନିର୍ଯ୍ୟାତନା ଦିଆଯାଉଛି। ବିଧାୟକ ଓ ବିଡିଓ ମିଶି ତାଙ୍କ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତାଙ୍କ ମୋବାଇଲ୍ ଫୋନ୍‌ରେ ରହିଥିବା ପ୍ରମାଣ ପୁଲିସ ଜବତ କରିନେଇଛି। ମୁଖ୍ୟମନ୍ତ୍ରୀ ସୁଯୋଗ ଦେଲେ ସେ ସାତଦିନ ମଧ୍ୟରେ ବ୍ୟକ୍ତିଗତ ଭାବେ ଭେଟି ସମସ୍ତ ତଥ୍ୟ ପ୍ରଦାନ କରିବେ।

ଏହି ଘଟଣାକୁ ନେଇ ପୁଲିସ ଓ ପ୍ରଶାସନର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଥିବାବେଳେ କେନ୍ଦ୍ରାପଡ଼ା ଏସପି ଏକ ସାମ୍ବାଦିକ ସମ୍ମିଳନୀ କରି ସ୍ପଷ୍ଟୀକରଣ ରଖିଛନ୍ତି। ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଛି ଓ ସେଠାରେ ସରପଞ୍ଚଙ୍କୁ କୌଣସି ମାଡ଼ ମରାଯାଇନାହିଁ। ବିଡିଓଙ୍କ କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି ଓ ତଦନ୍ତ ପରେ ପ୍ରମାଣ ଆଧାରରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି କହିଛନ୍ତି।

ଅପରପକ୍ଷରେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇଛି। ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଶାସକ ଦଳ ଓ ପ୍ରଶାସନକୁ ପ୍ରବଳ ସମାଲୋଚନା କରାଯାଇଛି। ଅପରପକ୍ଷରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆସନ୍ତାକାଲି ମହାକାଳପଡ଼ା ଥାନା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ରାଜ୍ୟ ସରପଞ୍ଚ ସଙ୍ଘ ଏହି ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ସରକାରଙ୍କୁ ସମ୍ପୂର୍ଣ୍ଣ ଅସହଯୋଗ କରିବାକୁ ଘୋଷଣା କରିଛି। ଆଜି ଜିଲ୍ଲା ସରପଞ୍ଚ ସଙ୍ଘ ଓ ବିଜେପି ନେତା ଡଃ ସୌଭାଗ୍ୟ ପରିଡା ଏସପିଙ୍କୁ ଭେଟି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ଜଣେ ମହିଳା ଜନପ୍ରତିନିଧିଙ୍କ ପ୍ରତି ହୋଇଥିବା ଏଭଳି ବ୍ୟବହାରକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନର ଆଗାମୀ ପଦକ୍ଷେପ ଓ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଉପରେ ଏବେ ସମସ୍ତଙ୍କ ନଜର ରହିଛି।


**VEHICLE SALE**

MARUTI DZIRE 2020 Regn No. OD-02-BM-2746 in as is where is condition. Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days

**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 1105, dated 11.06.2026, I, Buridi Harsha Vardhan Kumar, aged about 18 years, S/o- B Venkata Ramana, permanent resident of Old Revenue Colony, PO/ PS/ Block / Dist- Rayagada, Odisha, 765001, declare that I have changed my name from B Harsha Vardhan Kumar to Buridi Harsha Vardhan Kumar. Henceforth, I shall be known as **Buridi Harsha Vardhan Kumar** for all purposes.
**Buridi Harsha Vardhan Kumar**

**AFFIDAVIT**

By virtue of an affidavit (Sl No. 266, dtd- 08/06/2026) sworn before the Executive Magistrate, Agalpur. I, **Madhumita Khamari**, permanent resident of AT/PO: Nagaon(A), PS: Agalpur, Dist: Balangir, PIN: 767022, State: Odisha declare that I have changed my name from **Mita Bhoi** (old name) to **Madhumita Khamari** (new name). Henceforth, I shall be known as **Madhumita Khamari** (new name) for all purposes.
**Madhumita Khamari**

**AFFIDAVIT**

I, Laxmipriya Biswal(48), W/o Sapan Kumar Biswal, At-Hadigan, Po/Ps-Chandipur, Dist-Balasore declared by this affidavit before the Executive Magistrate Bahanaga dated 08-06-2026 SL-No-5909 that my daughter's name had wrongly mentioned as S LARYAN instead of AADYA BISWAL in her birth certificate vide Regd.no. 1779 dated 21-11-2008. Henceforth, my daughter name **AADYA BISWAL** shall be used for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 914, dated 09.06.2026, I, RUAM KHOSLA, Wife of - Late. Arikham Juniar Khosla, Permanent Resident of Village- Jambaguda, PO - Jambaguda, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from RUMMA KHOSLA to RUAM KHOSLA. Henceforth, I shall be known as **RUAM KHOSLA** for all purposes.
**Sd/- Ruam Khosla**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dtd 12.06.2026, I, DEBASISHA PATRA (New Name), S/o- Kartik Chandra Patra, Address: Plot No. 1870/3998, Gothapatna, P.S. Chandaka, Bhubaneswar, Dist. Khordha, Odisha, PIN – 751003, declare that I have changed my name from DEBASIS PATRA (Old Name) to DEBASISHA PATRA (New Name). Henceforth, I shall be known as **"DEBASISHA PATRA"** for all purposes.
**DEBASISHA PATRA**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 930, dated 10.06.2026, I, SABITRI SOURA, Wife of- Pitambar Soura, Permanent Resident of Village- Nuaguda, PO - Kukudabai, PS - Nabarangpur, Dist- Nabarangpur, Odisha,Pin - 764059, declare that I have changed my name from DEBAKI SOURA to SABITRI SOURA. Henceforth, I shall be known as **SABITRI SOURA** for all purposes.
**Sd/- Sabitri Soura**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 922, dated 09-06-2026, I, GANGADHAR BHATRA, S/o - Chandru Bhatra, Permanent Resident of Village - Saraguda, PO - Jatabal, PS - Papadahandi, Dist- Nabarangpur, Odisha, Pin - 764071, declare that I have changed the name of my Daughter from KABITA BHATRA to SABITA BHATRA. Henceforth, she shall be known as **SABITA BHATRA** for all purposes.
**Sd/- Gangadhar Bhatra**

**Parbati Giri Women's College, Bargarh**

**WALK-IN-INTERVIEW**

A walk in interview will be held on **dt. 27.06.2026 at 10 am** in the college premises for Contractual Appointment of lecturers / demonstrators in the following subjects.

**1. Physics - 01, 2. Chemistry - 01, 3. Botany – 01, 4. Zoology - 01, 5. Education - 01, 6. Economics - 01, 7. English - 02, 8. Hindi - 01, 9. Sanskrit - 01, 10. History - 02, 11. Odia - 02, 12. Computer Science - 01**

**Demonstrator (Graduation with Hons in concerned Subjects)**

**1. Home Sc – 01, 2. Zoology (+3) – 01, 3. Biology (+2) – 01**

**4. PET (Preferably Women Candidate) – 01 (B.PED)**

Qualifications: P.G. in concerned subject with 55% mark. Candidates with higher qualification are preferred. No TA/DA will be paid for the purpose. Candidates are required to produce all certificates (Original & Xerox).

**Sd/- Principal**
**Parbati Giri Women's College**
**Bargarh**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 924, dated 10.06.2026, I, SADASIBO SETHIA, Son of- Chandrasena Harijan, Permanent Resident of Village - Chikili, PO - Badakumuli, PS - Papadahandi, Dist - Nabarangpur, Odisha, Pin - 764059, declare that I have changed my name from SADASIBO HARIJAN to SADASIBO SETHIA. Henceforth, I shall be known as **SADASIBO SETHIA** for all purposes.
**Sd/- Sadasibo Sethia**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 910, dated 08-06-2026, I, JAGABANDHU HARIJAN, S/o - Narayan Harijan, Permanent Resident of Village - Bankasargi, PO - Pandikot, PS - Papadahandi, Dist- Nabarangpur, Odisha, Pin - 764071, declare that I have changed the name of my Son from VICKY HARIJAN to BIKI HARIJAN. Henceforth, he shall be known as **BIKI HARIJAN** for all purposes.
**Sd/- Jagabandhu Harijan**

**PUBLIC NOTICE**

It is hereby informed to the general public that certain original property documents deposited with our branch by the borrower/customer as security for credit facilities have been damaged/destroyed due to an accidental fire incident that occurred in the branch premises dated 22.06.2025.

**The details of the property as follows:**

**1) Name of Customer: Susama Sahoo, Property Address:** Khata No.: 77/604, Plot No.: 656/1592, Mouza: Lathikata, Tahasil/PS: Lathikata, Dist.: Sundargarh, Odisha, PIN-770037, **Document Details:** Original Title Deed/Sale Deed bearing No.: 11711301303 Dated: 02.07.2013 and other related property documents.

**2) Name of Customer: Namita Rana, Property Address:** Khata No.: 119/183, Plot No.: 741/2509, Mouza: Balani, Tahasil/PS: Lathikata, Dist.: Sundargarh, Odisha - 770037, **Document Details:** Original Title Deed/Sale Deed bearing No.: 11712200282, Dated: 21.03.2022 and other related property documents.

Despite diligent efforts, the aforesaid documents could not be retrieved as they were damaged in the accident. Any person having any claim, objection, lien, charge, mortgage or interest in respect of the above mentioned properties are requested to submit the same along with supporting documents to the undersigned within 15 days from the date of publication of this notice.

If no claim is received within the stipulated period, the Bank shall proceed with the issuance of necessary certificates/confirmations regarding loss of documents and take further action as deemed appropriate.

**For and on behalf of State Bank of India**
**Lathikata Branch**
**At/Po: Lathikata, Dist.: Sundargarh, Odisha, PIN-770037**

**AFFIDAVIT**

By virtue of an affidavit sworn before the Notary Public, Sonepur, dtd. 11.06.2026, I, Tribhuban Barik, Vill-Matikod, PO-Deulpadar, PS-Tarbha, Dist-Subarnapur hereby declare that the correct name of my son is OMKAR BARIK. But wrongly recorded as OMNKAR BARIK in Aadhaar Card and OM BARIK in Ration Card. That OMKAR BARIK, OMNKAR BARIK & OM BARIK is one & the same person. Henceforth he shall be known as **OMKAR BARIK** for all purposes.
**Sd/- Tribhuban Barik**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 917, dated 09-06-2026, I, KAMLA BHATRA, W/o - Late. Sudarsan Bhatra, Permanent Resident of Village - Chirma, PO - Chirma, PS - Kodinga, Dist - Nabarangpur, Odisha, Pin - 764058, declare that I have changed the name of my Son from JAVA BHATRA to JAGA BHATRA. Henceforth, he shall be known as **JAGA BHATRA** for all purposes.
**Sd/- Kamla Bhatra**

**AFFIDAVIT**

By virtue of an affidavit vide no. 1 dated 29.05.2026, before Executive Magistrate, Sohela, I, Kishor Bishi, S/o- Sushil Bishi resident of Village/Po.- Sanimal, Ps.- Melchhamunda, Dist.- Bargarh, Odisha state that, I have changed the name of my minor son from **Lambodara Bishi** to **Om Bishi**. Henceforth he will be known as **Om Bishi** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 913, dated 09-06-2026, I, MADHUSMITA NAG, W/o - Lalit Mohan Nag, Permanent Resident of Village - Amalabhata, PO - Amalabhata, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed the name of my Daughter from DIMPAL RANI NAG to ARADHYA NAG. Henceforth, she shall be known as **ARADHYA NAG** for all purposes.
**Sd/- Madhusmita Nag**

**KORAPUT MUNICIPALITY** 13001/865/2627

**ପୌର ପରିଷଦ, କୋରାପୁଟ**

Email: koraputmunicipality2014@gmail.com, Mob No: 8018008166

**Letter No.: 2563 Date: 08/06/2026**

**"e" PROCUREMENT NOTICE**

**Bid Identification No.: KPTMUN-112/2026**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| 1 Name of the Work | : Civil Work |
| 2 No. of Works | : 16 Nos. |
| 3 Estimated Cost | : Rs. 10,00,000/- to Rs. 32,18,150/- |
| 4 Period of Completion | : 1 (one) calendar month to 2 (two) calendar months |
| 5 Date & Time of Bidding | : From 11.00 A.M. of 11/06/2026 to 5.00 P.M. of 23/06/2026 |
| 6 Last date & time for receipt of Bids in portal | : 23/06/2026 at 5.00 P.M. |
| 7 Bids received online shall be opened on | : 03.00 P.M. of Dt. 25/06/2026 |
| 8 Name and address of the Officer inviting Bid | : Executive Officer, Koraput Municipality |

Further details can be seen from the procurement portal: www.tenderorissa.gov.in

OIPR-13001/13074/1/26-27/0007 — **Executive Officer, Koraput Municipality**

**AFFIDAVIT**

I Surendranath Mahapatro, aged- 69years, S/o- Raghunath Mahapatra, residence of Flat no-706, Lumbini Enclave, Lumbini Vihar in front of Care hospital, Sailashree vihar, Dist- Khordha, Pin- 751021, Odisha Declare by this Affidavit no. 458686, dtd- 09/06/2026 that now onwords I shall be known as **SURENDRA NATH MOHAPATRA** for all future purposes.
**Surendra Nath Mohapatra**

**AFFIDAVIT**

By virtue of an affidavit sworn before the Notary Public, Sonepur, dtd. 11.06.2026, I, Prabina Deheri, Vill-Rengali, PO-Rengali, PS-Lachhipur, Dist-Subarnapur, hereby declare that my correct name is PRABINA DEHERI. But wrongly recorded as PRABIN DEHERI in my IDBI Bank Passbook. That PRABINA DEHERI and PRABIN DEHERI is one and the same person. Henceforth I shall be known as **PRABINA DEHERI** for all purposes.
**Sd/- Prabina Deheri**

ଧାନ କିଣାରେ ମିଲର୍ସଙ୍କ ମନମାନୀ

# ଦେଉଳପଦର, ପୁଆ ପେକ୍ସରେ ଧାନ ବିକ୍ରି ନ ପାରି ଚାଷୀ ହଇରାଣ

ତରଭା, ୧୨।୬(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପୁଆ ଓ ଦେଉଳପଦର ପେକ୍ସରେ ଚାଷୀ ରବି ଧାନ ବିକ୍ରି କରି ନ ପାରି ଶୋଷିତ ହେଉଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ମିଲର୍ସଙ୍କ ମନମାନୀ କାରଣରୁ ଧାନ କିଣାରେ ଅବ୍ୟବସ୍ଥା ଦେଖା ଦେଇଛି। ତେବେ ଯୋଗାଣ ବିଭାଗ, ସମବାୟ ବିଭାଗର ଅଧିକାରୀ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଚାଷୀ ଶୋଷଣର ଶୀକାର ହେଉଥିବା ଅଭିଯୋଗ ହୋଇଛି। ଚାଷୀ ଟୋକନ ଧରି ଜଗି ବସିଛନ୍ତି; କିନ୍ତୁ ପେକ୍ସକୁ ମିଲର୍ସ ଗାଡି ପଠାଉ ନ ଥିବାରୁ ଧାନ ବିକ୍ରି ହୋଇପାରୁନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଚାଷୀ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଆହୁରି ସାଙ୍ଘାତିକ ଅଭିଯୋଗ ଆସିଛି ଯେ, ଏହି ଦୁଇ ପେକ୍ସରୁ ଧାନ ଉଠାଇବାକୁ ସିଆଲଜୁରିର ଲଳିତା ରାଇସ୍ ମିଲ୍ ଓ ଶୀତଳ ରାଇସ୍ ମିଲ୍‌କୁ ଟ୍ୟାଗ୍ କରାଯାଇଛି; କିନ୍ତୁ ଏହି ମିଲର ମାଲିକଙ୍କୁ ଚାଷୀ କିମ୍ବା ଗଣମାଧ୍ୟମ ପ୍ରତିନିଧି ଫୋନ୍ କଲେ ସେ ଆସନ୍ତା କାଲି ଗାଡି ପଠାଯିବ ବୋଲି କହି ଗାଲୁ ମାରୁଛନ୍ତି। ଆହୁରି ଅଭିଯୋଗ ହେଉଛି ଯେ, ଚାଷୀଙ୍କୁ ପେକ୍ସ ବଦଳରେ ମିଲ୍‌କୁ ସିଧାସଳଖ ଧାନ ନିଆଯାଇ ସେଠାରେ ମାପ କରାଇ ସ୍ଲିପ୍ ଆଣିବାକୁ ବାଧ କରାଯାଉଛି। ମିଲର୍ସ ପାଖକୁ ଚାଷୀ ଧାନ ନେଲେ ସେଠାରେ କ୍ୱିଣ୍ଟାଲ ପିଛା ୩ କେଜି କାଟି ଓଜନ କରି ସ୍ଲିପ୍ ଦିଆଯାଉଛି। ତାକୁ ପେକ୍ସରେ ଏଣ୍ଟ୍ରି କରାଯାଇ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଦିଆଯାଉଛି। ଚାଷୀ ମିଲ୍‌କୁ ଧାନ ନେଲେ ମଧ୍ୟ ତାଙ୍କୁ ଗାଡି ଖର୍ଚ୍ଚ ଦିଆଯାଉନାହିଁ। ଅନ୍ୟ ପଟେ ଗାଡ଼ିଭଡା ଓ ଶ୍ରମିକଙ୍କ ମଜୁରୀ ମିଳିମିଶି ହଡପ କରାଯାଉଥିବା ଅଭିଯୋଗ ଉଠୁଛି। ଏଭଳି ଶୋଷଣ ବିରୋଧରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି। ଆଗକୁ ବର୍ଷା ଆସୁଛି। ମଣ୍ଡିରେ ଓ ଚାଷୀଙ୍କ ଖଳାରେ ଧାନ ପଡ଼ିରହିଛି। ଚାଷୀଙ୍କୁ ହଇରାଣ କରାଯାଇ ମଧ୍ୟସ୍ଥି ଜରିଆରେ କମ୍ ଦରରେ ଧାନ କିଣାଯାଇ ଫଲ୍ସ ଏଣ୍ଟ୍ରି କରି ମିଲର୍ସ ମାଲେମାଲ ହେବାକୁ ଷଡ଼ଯନ୍ତ୍ର କରୁଥିବା ଚାଷି ଅଭିଯୋଗ କରିଛନ୍ତି। ମିଲର୍ସ ଆସୁ ନ ଥିବାରୁ ଧାନ ବିକ୍ରିରେ ଅସୁବିଧା ହେଉଥିବା ଡାହିମାଳର ଗୌତମ ସାହାଙ୍କ ସମେତ ଚାଷୀ ଅଭିଯୋଗ କରିଛନ୍ତି। ପୁଆ ପେକ୍ସର ସମ୍ପାଦକ ଦେବେନ୍ଦ୍ର ସାହାଙ୍କୁ ପଚାରିବାରୁ ମିଲର୍ସଙ୍କୁ ଅନେକ ଥର ଫୋନ କଲେ ମଧ୍ୟ ଗାଡି ପଠାଉ ନ ଥିବା କହିଛନ୍ତି। ଏହାଫଳରେ ମିଲର୍ସର ଦୁର୍ନିତିଖୋର ମନୋଭାବ କାରଣରୁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ତୁରନ୍ତ ଏହି ଅଭିଯୋଗର ତଦନ୍ତ କରାଇ ଚାଷୀଙ୍କ ଧାନବିକ୍ରିରେ ସହାୟକ ହେବେ ବୋଲି ଚାଷୀ ଆଶା ବାନ୍ଧିଛନ୍ତି।


● ମଣ୍ଡିରୁ ଉଠୁନି ଧାନ

## ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟରେ ଚାଷୀ ଫେରାଦ

ଶଗଡ଼ା, ୧୨।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତର ଚାଷୀ ଧାନ ବିକ୍ରି ପାଇଁ ସିମିଲିପଦର ପ୍ୟାକ୍ସରେ ଧାନ ଆଣି ଗଦା କରିଛନ୍ତି; କିନ୍ତୁ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଧାନ ଉଠୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଧାର୍ କରି ଚାଷୀ ଚାଷ କରିଛନ୍ତି। ଧାନ ବିକ୍ରି କଲେ ଋଣ ପରିଶୋଧ କରିବେ ବୋଲି ଅନେକ ଆଶା କରିଥିଲେ; କିନ୍ତୁ ମଣ୍ଡିରେ ଧାନ ପଡ଼ିରହିଥିବାରୁ ଚାଷୀଙ୍କ ଆଶା ମଉଳି ଯାଇଛି। ମଣ୍ଡି ଆରମ୍ଭରୁ ଏଭଳି ଅଚଳାବସ୍ଥାକୁ ନେଇ ଚାଷୀ ଚିନ୍ତାରେ ପଡ଼ି ଯାଇଛି। ଏହାର ସମାଧାନ ଦାବି ନେଇ ଆଜି ବହୁ ଚାଷୀ ବୌଦ୍ଧ ଜିଲ୍ଲା ଯୋଗାଣ ଅଧିକାରୀ ନିକଟରେ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଟାର୍ଗେଟ ଦେଇ ଧାନ କିଣିବା ପାଇଁ ଅନୁରୋଧ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ରାଶି ପ୍ରଦାନ

ତରଭା, ୧୨।୬(ସମିସ): ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଜଣେ ଗ୍ରାହକଙ୍କ ବିଧବା ପତ୍ନୀଙ୍କୁ ୨ ଲକ୍ଷ ଟଙ୍କାର ବୀମା ରାଶି ମିଳିଛି। ଷ୍ଟେଟବ୍ୟାଙ୍କ ତରଭା ଶାଖାର ପରିଚାଳକ ସୁଶାନ୍ତ ସାହୁଙ୍କଠାରୁ ମିଳିଥିବା ସୂଚନାନୁଯାୟୀ ତରଭା ବ୍ଲକ ପୁଆ ପଞ୍ଚାୟତ କେକଟପାଲି ନିବାସୀ ଅରୁଣ ଆଡ଼ଜୁଆଡି (୪୧) ୨୦୨୦ ଫେବୃଆରୀ ୨୦ରେ ଷ୍ଟେଟବ୍ୟାଙ୍କରେ ଏକ ସେଭିଂ ଆକାଉଣ୍ଟ ଖୋଲିଥିଲେ। ସେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା




ଯୋଜନାରେ ସାମିଲ ହୋଇ ବର୍ଷକୁ ୪୩୬ ଟଙ୍କା ଲେଖାଏଁ ପ୍ରିମିୟମ ଦେଉଥିଲେ। ଗତ ଫେବୃଆରୀ ୨୦ ତାରିଖରେ ତାଙ୍କ ପରଲୋକ ହୋଇଯାଇଥିଲା। ଶୁକ୍ରବାର ତରଭା ବ୍ଲକ କାର୍ଯ୍ୟାଳୟରେ ଶାଖା ପରିଚାଳକ ଶ୍ରୀ ସାହୁ, ବ୍ୟାଙ୍କ ମିତ୍ର ରଶ୍ମିତା ସାହୁଙ୍କ ଉପସ୍ଥିତିରେ ବିଡ଼ିଓ ଶିବାନନ୍ଦ କର୍ମୀ ମୃତ ଅରୁଣଙ୍କ ବିଧବା ପତ୍ନୀ ମୀନା ଆଡ଼ଜୁଆଡି(୩୧)ଙ୍କୁ ବୀମାରାଶି ବାବଦକୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

## ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

ଶଗଡ଼ା, ୧୨।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଜାମୁମାଳଠାରୁ ତୁଳସୀକଟା ରାସ୍ତାର ବାବା ମଠ ଛକଠାରେ ଦୁଇ ବାଇକ୍ ମୁହାଁମୁହିଁ ହୋଇଛି। ଏହାଫଳରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ୍ ଚାଳକ ଜଣକ ହେଲେ ତୁଳସୀକଟାର ଚନ୍ଦ୍ରଶେଖର ଭୋଇ (୪୮)। ସେ ବାଇକ୍‌ରେ ଜାମୁମାଳ ଗ୍ରାମକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ରେଙ୍ଗାଲିର ଅଶୋକ ମିଶ୍ରଙ୍କ ସହ ଧକ୍କା ହୋଇଥିଲା। ଚନ୍ଦ୍ରଶେଖର ଗୁରୁତର ହୋଇଥିବାବେଳେ ଅଶୋକ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଡାକ୍ତରଖାନା ପଠାଇଥିଲେ। ଚନ୍ଦ୍ରଶେଖରଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଛି। ଠିକ୍ ସେହିପରି ଫଗୁଣାମାଳ ଗ୍ରାମର ରବୀନ୍ଦ୍ର ଭାଟିଙ୍କ ପୁଅ ଦେବାନନ୍ଦ ଭାଟି (୨୧) ମଧ୍ୟ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ବାଇକ୍‌ରେ ଘରକୁ ଫେରୁଥିଲେ; ହେଲେ ପଲସାଗୋରା ହାଇସ୍କୁଲ ଛକଠାରେ ଏକ କାର୍ ଧକ୍କା ଦେଇଥିଲା। ତାଙ୍କ ବାମ ହାତ ଭାଙ୍ଗିଛି। ତାଙ୍କୁ ମଧ୍ୟ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଆଞ୍ଚଳିକ କୁଲତା ସମାଜର ସାଧାରଣ ସଭା

ଜହ୍ନାପଙ୍କ, ୧୨।୬(ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଶିବ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ କୁଲତା ସମାଜର ସାଧାରଣ ସଭା ଓ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ଭୋଇ ସଭାପତିତ୍ୱ କରିଥିଲେ। ବୌଦ୍ଧ ଜିଲ୍ଲା କୁଲତା ସମାଜ ସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ଉପସଭାପତି ସ୍ୱାଧୀନ ପ୍ରଧାନ, ସହ ସମ୍ପାଦକ ବାସୁଦେବ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ନରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଆଞ୍ଚଳିକ କୁଲତା ସମାଜର ସମ୍ପାଦକ ରୋହିତ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ୨୦ଟି ଗ୍ରାମର କୁଲତା ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ବୈଠକରେ କୋଷାଧ୍ୟକ୍ଷ ଦଶରଥ ସାହୁ, ସହ ସମ୍ପାଦକ ସତ୍ୟପ୍ରିୟ ଭୋଇ, ଉପଦେଷ୍ଟା ନେତ୍ରାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ତରଭା ଏନ୍‌ଏସିରେ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଉଦ୍‌ଯାପିତ

ତରଭା, ୧୨।୬(ସମିସ): ତରଭା ଏନ୍‌ଏସି ପରିସରରେ ଥିବା ଟାଉନ ହଲ୍‌ରେ ୪ଦିନ ଧରି ଚାଲିଥିବା ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ନଗରପାଳ ବନ୍ଦିତା ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଉପନଗରପାଳ ଗଗନ ଅଗ୍ରୱାଲଙ୍କ ସମେତ ସମସ୍ତ କାଉନସିଲର, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ମାନସ ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। କର୍ମଚାରୀ ହରିହର ଭୋଇ, ପ୍ରସନ୍ନ ବେହେରା, ପଦ୍ମିନୀ ମହାପାତ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ, ମେକ୍ ଇନ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ମିଶନ୍ ଭଳି ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ଉନ୍ନତ ପରିମଳ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ କିଣାଯାଇଥିବା ଏକ ନୂତନ ଟ୍ରାକ୍ଟରର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା, ଉଠାଦୋକାନୀଙ୍କ ସମେତ ପରିମଳ କର୍ମଚାରୀ, ସାମ୍ବାଦିକ, ସଚେତନ ନାଗରିକ ଓ ପରିଷଦର କର୍ମଚାରୀ ଉପସ୍ଥିତ ଥିଲେ। ମାନଭଜନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ।

● ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

## ତରଭା ବ୍ଲକ, ଏନ୍‌ଏସିରେ ଶତ ପ୍ରତିଶତ ଫର୍ମ ବଣ୍ଟନ

ତରଭା, ୧୨।୬(ସମିସ): ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ତରଭା ବ୍ଲକ ଓ ଏନ୍‌ଏସିରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲିଛି। ଏଇଆରଓ ତରଭା ବିଡ଼ିଓ ଶିବାନନ୍ଦ କର୍ମୀ, ତରଭା ତହସିଲଦାର ଶ୍ୱେତଲିନା ମାହାଣା, ଏନ୍‌ଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ ଏହି କାର୍ଯ୍ୟକ୍ରମର ସଫଳତା ନେଇ ସୂଚନା ଦେଇଛନ୍ତି। ତରଭା ବ୍ଲକର ୨୧ ଟି ପଞ୍ଚାୟତର ୯୩ଟି ବୁଥ ମଧ୍ୟରୁ ୫୨ଟି ବୁଥର ଏଇଆରଓ ଭାବେ ତରଭା ବିଡ଼ିଓ ରହିଛନ୍ତି। ସେହିଭଳି ୪୧ ଟି ବୁଥର ଏଇଆରଓ ଭାବେ ତହସିଲଦାର ରହିଛନ୍ତି। ଏହି ୯୩ଟି ବୁଥରେ ଶତ ପ୍ରତିଶତ ଫର୍ମ ବଣ୍ଟନ ସରିଛି। ମାତ୍ର ୧୩ ଦିନ ମଧ୍ୟରେ ସମସ୍ତ ଫର୍ମ ବଣ୍ଟନ କରାଯାଇଛି। ଏଣୁ ୯୩ ବିଏଲଓ ଓ ସୁପରଭାଇଜରଙ୍କୁ ବିଡ଼ିଓ ଓ ତହସିଲଦାର ଧନ୍ୟବାଦ ଦେଇଛନ୍ତି। ସେହିଭଳି ତରଭା ଏନଏସିର ୧୨ ଟି ୱାର୍ଡର ୭ଟି ବୁଥ ପାଇଁ ନିର୍ବାହୀ ଅଧିକାରୀ ଏଇଆରଓ ଦାୟିତ୍ୱରେ ରହିଛନ୍ତି। ଏନଏସିର ୧୨ଟି ୱାର୍ଡ ପାଇଁ ଥିବା ୭ଟି ବୁଥର ଏସଆଇଆର ପାଇଁ ୭ ଜଣ ବିଏଲଓ ଓ ଜଣେ ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ତରଭା ଏନଏସିରେ ଶତ ପ୍ରତିଶତ ଫର୍ମ ବଣ୍ଟନ ସରିଥିବାରୁ ନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ ଡିଜିଟାଇଜେସନ କାମ ଆରମ୍ଭ ହୋଇଛି। ଭୋଟରଙ୍କ ସବିଶେଷ ବିବରଣୀ ସହ ଫଟୋ ଏବଂ ଦସ୍ତଖତ ସମ୍ବଳିତ ଫର୍ମକୁ ଇସିଆଇ ନେଟ୍ ମାଧ୍ୟମରେ ଅପ୍‌ଲୋଡ୍ କରାଯିବ। ବିଏଲଓମାନେ ବିଏଲଓ ଆପ୍ ମାଧ୍ୟମରେ ଅପ୍‌ଲୋ୍ କରିପାରିବେ। ଡିଜିଟାଇଜେସନ ପରେ ଡ୍ରାଫ୍ଟ ଇଲେକ୍ଟୋ୍ରାଲ ରୋଲ୍‌ରେ ସେହି ଭୋଟରଙ୍କ ନାମ ଚଢ଼ାଯିବ। ଆପତ୍ତି ଅଭିଯୋଗ ଅବଧି ଶେଷ ହେବାପରେ ସେପ୍ଟେମ୍ବର ୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ତରଭା ବ୍ଲକ ଓ ଏନ୍‌ଏସିରେ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଏହାର ଉଦ୍ଦେଶ୍ୟ। ଏଇଆରଓମାନେ ସମସ୍ତ ନାଗରିକ, ସେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମର ସହଯୋଗ ଲୋଡିଛନ୍ତି।

● ଟେବୁଲ ଟପ୍ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପାଇଁ ପ୍ରସ୍ତୁତି

## ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ




ତରଭା, ୧୨।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଟେବୁଲ ଟପ୍ ଅଭ୍ୟାସ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଶୁକ୍ରବାର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ବିପର୍ଯ୍ୟୟ ମୁକାବିଲା ପାଇଁ ଆସନ୍ତା ଜୁନ ୧୮ ଓ ୧୯ ତାରିଖରେ ହେବାକୁ ଥିବା ଅଭ୍ୟାସ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକକୁ ଡେପୁଟି କଲେକ୍ଟର (ଜରୁରୀ) ରାଜେଶ ସାହୁ ପରିଚାଳନା କରିଥିବା ବେଳେ ବିଶ୍ୱନାଥ ନାୟକ ଆସନ୍ତା ୧୮ ଓ ୧୯ ତାରିଖରେ ହେବାକୁ ଥିବା ଅଭ୍ୟାସର କାର୍ଯ୍ୟସୂଚୀ ଏବଂ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ଉପସ୍ଥାପନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର ଉପସ୍ଥିତ ଥିଲେ। ଲୋକଙ୍କୁ କିଭଳି ତାଲିମ ପ୍ରଦାନ କରାଯାଇ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବ୍ଲକ ସ୍ତରରେ ମଧ୍ୟ ଠିକ୍ ଭାବେ ପ୍ରସ୍ତୁତି ବୈଠକ ଆୟୋଜନ କରି ଟେବୁଲ ଟପ୍ ଅଭ୍ୟାସ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାର ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟ ପ୍ରକଳ୍ପ ପରିଦର୍ଶନ



ମନମୁଣ୍ଡା, ୧୨।୬(ସମିସ): ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଏବଂ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଇତ୍ୟାଦି ଅନେକ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରି ସେ ସମୀକ୍ଷା କରିଥିଲେ। ମୁଣ୍ଡିପଦର ଓ ଗୁହୁଲିଆ ପଞ୍ଚାୟତ ର ବିଭିନ୍ନ ଗ୍ରାମ ପରିଦର୍ଶନ କରି ପାନୀୟ ଜଳ ଏବଂ ଗ୍ରାମ ଉନ୍ନୟନ ସମ୍ବନ୍ଧୀୟ କ୍ଷେତ୍ରସ୍ତରୀୟ ପ୍ରକଳ୍ପଗୁଡ଼ିକର ପରିଦର୍ଶନ ସହ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଏବଂ ମତାମତ ପଚାରି ବୁଝିଥିଲେ। ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଉପରେ କଡ଼ା ନଜର ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ବୋଚ୍ଚ ଗୁଣବତ୍ତା ସହ କାର୍ଯ୍ୟ ସମାପ୍ତ କରିବାକୁ କହିଥିଲେ। ଉନ୍ନୟନ କାର୍ଯ୍ୟରେ କୌଣସି ପ୍ରକାରର ଅବହେଳା ଗ୍ରହଣଯୋଗ୍ୟ ନୁହେଁ; ଜନସାଧାରଣଙ୍କ କଲ୍ୟାଣକୁ ସର୍ବଦା ପ୍ରାଥମିକତା ଦିଆଯିବ ବୋଲି ମଧ୍ୟ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ। ପରିଦର୍ଶନ ପରେ ଏକ ସମୀକ୍ଷା ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଏବଂ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ସହ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କ ସମେତ ଜିଲ୍ଲାର ଅନେକ ଅଧିକାରୀ ଓ ଯନ୍ତ୍ରୀ ସାମିଲ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ବିଜେପି ନେତା ଓମ୍ ପ୍ରକାଶ ମିଶ୍ର, ବିପ୍ରଚରଣ ମହାନ୍ତିଙ୍କ ସମେତ ଅନେକ ନେତା ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ।

## ଫାଇଲେରିଆ ଚିହ୍ନଟ ପାଇଁ ରକ୍ତ ନମୁନା ସଂଗ୍ରହ ଅଭିଯାନ



ମନମୁଣ୍ଡା, ୧୨।୬(ସମିସ): ମନମୁଣ୍ଡା ପଞ୍ଚାୟତ ନୂର୍ପାରେ ଫାଇଲେରିଆ ଚିହ୍ନଟ ପାଇଁ ରକ୍ତ ନମୁନା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଏକ ଶିବିରରେ ୩୦୦ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହେନ୍ଦ୍ର ସାହୁ, ଡାକ୍ତର ଅମିତାଭ, ଡାକ୍ତର କିଶୋର ପଟ୍ଟନାୟକ, ଡାକ୍ତର ବିକେ ରାମଚନ୍ଦ୍ର ହେମ୍ବ୍ରମ, ବାଉଁଶୁଣି ସିଏଚ୍‌ସି ଅଧ୍ୟକ୍ଷ ଡାକ୍ତର ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଜିତ ଦଳାଇ, ମାନସ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଲାବୋରେଟୋରୀ ଟେକ୍ନିସିଆନ ବୀରେନ୍ଦ୍ର ରଥ, ଦିଲ୍ଲୀପ ସାହୁ, ମନୋଜ ଭୋଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ପ୍ରମୋଦ ମେହେର, ଭାରତୀ ଦଳାଇ, ସରିତା ପାଣିଗ୍ରାହୀ, ଅଙ୍ଗନବାଡି କର୍ମୀ ସୁମତି ନାଏକ, ଆଶାକର୍ମୀ ପୁଷ୍ପାଞ୍ଜଳି ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

## ଯମଟାଙ୍ଗୀରେ ସ୍ୱାସ୍ଥ୍ୟ ସଚେତନତା ଶିବିର

ଜହ୍ନାପଙ୍କ, ୧୨।୬(ସମିସ): ବୌଦ୍ଧ ବ୍ଲକ ମନୁପାଲି ପଞ୍ଚାୟତ ଯମଟାଙ୍ଗୀ ଗ୍ରାମରେ ୱାଇସିଡ଼ିଏ ଓ ଦେଶାଇ ଫାଉଣ୍ଡେସନର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାଉଁଶୁଣୀ ମେଡିକାଲର ଡାକ୍ତର




ପ୍ରାଚୀ ଗୁପ୍ତା ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ପ୍ରାୟ ୩ଶହ ମହିଳା, ପୁରୁଷ ଏହି ଶିବିରରେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶୁଭଲକ୍ଷ୍ମୀ ବାରିକ ଓ ସୁପ୍ରିତ ମେହେରଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ଏହି ଶିବିରରେ ପ୍ରଦୀପ ନନ୍ଦ, ସଞ୍ଜିତ ବେହେରା, ଭଗବତୀ ମେହେର ପ୍ରମୁଖ ସହଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କବିତା ସ୍ୱାଇଁ ଯୋଗ ଦେଇଥିଲେ।

● ଦାବି ଶୁଣିଲେ ଜିଲ୍ଲାପାଳ

## ଶୁଣ୍ଠିପଦରକୁ ଚାଲିଲା ମୁଖ୍ୟମନ୍ତ୍ରୀ ବସ୍



ମନମୁଣ୍ଡା, ୧୨।୬(ସମିସ): ବ୍ଲକ ସଦର ମହକୁମାକୁ ପ୍ରତ୍ୟେକ ପଞ୍ଚାୟତରୁ ଲୋକେ କିପରି ଯାଇ ଅଫିସ କାମ ସାରିବା ପରେ ପୁଣି ଘରକୁ ଫେରି ପାରିବେ ସେନେଇ ପୂର୍ବ ସରକାର ସମୟରୁ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। କଣ୍ଟାମାଳ ବ୍ଲକର ଶୁଣ୍ଠିପଦର ପଞ୍ଚାୟତ ସଦର ମହକୁମାକୁ କିନ୍ତୁ ବସ୍ ଚଳାଚଳ କରୁ ନ ଥିଲା। ସେନେଇ ଅଞ୍ଚଳବାସୀ ଅନେକ ଥର ଜିଲ୍ଲାପାଳଙ୍କଠାରେ ଦାବି କରିଥିଲେ। ତେବେ କିଛି ଦିନ ତଳେ ଶୁଣ୍ଠିପଦର ପଞ୍ଚାୟତର ଦେବଦତ୍ତ ବସ୍ତିଆ, ବଶିଷ୍ଠ ପ୍ରଧାନ, ରାମଚନ୍ଦ୍ର ମହାକୁଡ ପ୍ରମୁଖ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ସେନେଇ ଏକ ଦାବିପତ୍ର ଦେଇଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲ୍ଲାପାଳ ଶ୍ରୀ ନାଏକ ଜନସାଧାରଣଙ୍କ ଅସୁବିଧାକୁ ହୃଦୟଙ୍ଗମ କରିଥିଲେ। ଶେଷରେ ପଞ୍ଚାୟତ ସଦର ମହକୁମା ଦେଇ ମୁଖ୍ୟମନ୍ତ୍ରୀ ବସ୍ ଆଜିଠାରୁ ଚଳାଚଳ ଆରମ୍ଭ କରିଛି। ଏହି ବସ୍ ଶୁଣ୍ଠିପଦରରେ ପହଞ୍ଚିବା ପରେ ସରପଞ୍ଚ ସୁଜାତା ଭୋଇଙ୍କ ନେତୃତ୍ୱରେ ଶତାଧିକ ଲୋକ ସ୍ୱାଗତ କରିଥିଲେ। ୱାର୍ଡସଭ୍ୟା ସାଲତମା ତାଣ୍ଡିଆ, ସତ୍ୟଭାମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ପାଚିକା ପଦରେ ଠକେଇ

ଡୁଙ୍ଗୁରିପାଲି, ୧୨।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଗଧାପାଲି ଜଗନ୍ନାଥ ହାଇସ୍କୁଲରେ ପାଚିକା ପଦରେ ଠକେଇ କରାଯାଇଛି। ଏଥିରେ ନିଯୁକ୍ତି ପାଇଁ ସରୋଜିନୀ ମିର୍ଦ୍ଧା, ଶାନ୍ତିଲତା ଦଳେଇ, ମିଥିଲା ସେଠ ଦରଖାସ୍ତ କରିଥିଲେ। ସେମାନଙ୍କୁ କିନ୍ତୁ ଅଣଦେଖା କରାଯାଇଛି। ସ୍କୁଲର ଜଣେ ପିଅନଙ୍କ ମା' ଓ ସ୍ତ୍ରୀଙ୍କୁ ଏହି ପଦବୀ ରଖା ଯାଇଛି। ଏ ନେଇ ବିଇଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ ହୋଇଛି। ୭ ଦିନ ମଧ୍ୟରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ୧୫ଦିନ ବିତି ଯାଇଥିଲେ ବି କିଛି ପଦକ୍ଷେପ ନିଆଯାଇନି। ଏଣୁ ୨୪ ତାରିଖ ୩ ଆବେଦନକାରୀ ବିଇଓ କାର୍ଯ୍ୟାଳୟ ସାମ୍ନାରେ ଆମରଣ ଅନଶନରେ ବସିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି।

## ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ତରଭା, ୧୨।୬(ସମିସ)



ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାଜ୍ୟର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତଙ୍କୁ ସାମିଲ କରାଯାଇ ସେମାନଙ୍କୁ ମୁଣ୍ଡପିଛା ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ଦିଆଯିବ। ଚାଉଳ ପରିମାଣ ୫ କିଲୋଗ୍ରାମରୁ ୧୦ କିଲୋଗ୍ରାମକୁ ବୃଦ୍ଧି କରାଯାଇଛି। ମାଗଣାରେ ମୁଣ୍ଡ ପିଛା ୧୦ କେଜି ଚାଉଳ ଦିଆଯିବ। ଏହି ଯୋଜନା ଏହି ବର୍ଷ ଏପ୍ରିଲରୁ ଲାଗୁ ହେବ। ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସୁବର୍ଣ୍ଣପୁରରେ ଯୋଗଦେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ୧, ୫୬, ୭୦୫ କାର୍ଡଧାରୀ ଏହାର ଲାଭ ପାଇପାରିବେ। ମୋଟ ୫ ଲକ୍ଷ ୨ ଶହ ୮୯ ଜଣ ସଦସ୍ୟ ଏହା ଦ୍ୱାରା ଉପକୃତ ହେବେ। ଏହି ଅବସରରେ ଟାଉନ ହଲ୍‌ରେ ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ପ୍ରଦାନ କରାଯାଇଛି। ସେହିଭଳି ମହିଳା ଓ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ୧୦ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ କରାଯାଇଛି। ଜିଲ୍ଲାରେ ୧୬୧୯ ଜଣ ଅଙ୍ଗନବାଡ଼ି କର୍ମୀ, ବ୍ଲକ ସୁପରଭାଇଜର ଓ ବ୍ଲକ ପୋଷଣ ସଂଯୋଜକଙ୍କୁ ସ୍ମାର୍ଟଫୋନ ପ୍ରଦାନ କରାଯିବ ବୋଲି ଏଥିରେ କୁହାଯାଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସାମାଜିକ କର୍ମୀ ବେଣୁଧର ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ଏବଂ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ନିରଦ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମାଆ କୋଳକୁ ଫେରିଲା ନିଖୋଜ ଶିଶୁ କନ୍ୟା



**ବରଗଡ଼, ୧୨। ୬(ସମିସ):** ବରଗଡ଼ ଜିଲ୍ଲାର ସମାଜସେବୀ ସଂଘମିତ୍ରା ପଟେଲଙ୍କଠାରୁ ଜଣେ ନିଖୋଜ ଶିଶୁ ସମ୍ପର୍କରେ ସୂଚନା ପାଇବା ପରେ ଚାଇଲ୍ଡହେଲ୍ପଲାଇନ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଡିସିପିଓ ମଞ୍ଜୁ ଏକ୍କାଙ୍କ ଠାରୁ ତଦନ୍ତ ଆଦେଶ ପାଇବା ପରେ, ସିଏଚ୍ଏଲ୍ ଡିସିପିୟୁ ବରଗଡ଼ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀ, ସୁପରଭାଇଜର ଆକାଶ ପଧାନ ଏବଂ କେସ୍ ୱାର୍କର କୁମାରୀ ତପସ୍ୱିନୀ ମଲ୍ଲିକଙ୍କୁ ନେଇ ଗଠିତ ଏକ ଟିମ୍ ତଦନ୍ତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ତଦନ୍ତ ସମୟରେ ସଂଘମିତ୍ରା ପଟେଲ ଓ ସ୍ଥାନୀୟ ବାସିନ୍ଦାଙ୍କ ବୟାନରୁ ଜଣାପଡ଼ିଥିଲା ଯେ, ଏକ ଚାରି ବର୍ଷର ଶିଶୁ କନ୍ୟା ସେହି ଅଞ୍ଚଳରେ ଏକୁଟିଆ ବୁଲୁଥିବାର ଦେଖିବାକୁ ମିଳିଥିଲା। ତାଙ୍କ ପରିଚୟ ସମ୍ପର୍କରେ ପଚରାଯିବାରୁ ଶିଶୁଟି କେବଳ ତାଙ୍କ ନାମ 'ଦାମିନୀ' ବୋଲି କହିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗ ଓ ଉଦ୍ୟମରେ ଚାଇଲ୍ଡ ହେଲ୍ପଲାଇନ ଟିମ୍ ଶିଶୁଟିର ପିତାମାତାଙ୍କ ଯୋଗାଯୋଗ ନମ୍ବର ଖୋଜି ବାହାର କରିବାରେ ସଫଳ ହୋଇଥିଲା। ବରଗଡ଼ ପୁଲିସ କର୍ମଚାରୀଙ୍କ ସହାୟତାରେ ଚାଇଲ୍ଡ ହେଲ୍ପଲାଇନ ଟିମ୍ ଶିଶୁଟିକୁ ଉଦ୍ଧାର କରିଥିଲା, ସମସ୍ତ ଆବଶ୍ୟକୀୟ କାଗଜପତ୍ର ତଥା ଲିଖିତ ବୟାନ ସଂଗ୍ରହ କରିଥିଲା ଏବଂ ଶିଶୁଟିକୁ ଶିଶୁ କଲ୍ୟାଣ ସମିତି ବରଗଡ଼ ସମ୍ମୁଖରେ ହାଜର କରିଥିଲା। ଏଥିସହ ଶିଶୁଟିର ମା'ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ଶିଶୁଟିର ଅବସ୍ଥିତି ସମ୍ପର୍କରେ ଅବଗତ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଶିଶୁଟିର ମା' ଏବଂ ସମ୍ପର୍କୀୟମାନେ ସିଡବ୍ଲ୍ୟୁସି ଅଫିସ୍, ବରଗଡ଼କୁ ଆସିଥିଲେ। ପଚରାଉଚରା ବେଳେ ଶିଶୁଟିର ମା' ସନ୍ତୋଷିନୀ ଭୋଇ ସ୍ୱାମୀ ଭୀମ ଭୋଇ, ଗ୍ରାମ: ଝୁନଙ୍ଗାପାଲି, ପୋଷ୍ଟ: ଦୀପ୍ତିପୁର, ଥାନା: ମେଲଛାମୁଣ୍ଡା, ବ୍ଲକ: ପଦ୍ମପୁର, ଜିଲ୍ଲା: ବରଗଡ଼ କହିଥିଲେ ଯେ ସେ ବରଗଡ଼ ବ୍ଲକ ଅନ୍ତର୍ଗତ ପଥରଲା ଗାଁରେ ରହୁଥିବା ତାଙ୍କ ବଡ଼ ଭଉଣୀଙ୍କ ଘରକୁ ଆସିଥିଲେ ଏବଂ ଅସୁସ୍ଥ ଥିବା ତାଙ୍କ ଭଉଣୀଙ୍କର ଯତ୍ନ ନେଉଥିଲେ। ତାଙ୍କ ବୟାନ ଅନୁଯାୟୀ ଗତକାଲି ରାତିରେ ପରିବାରର ସମସ୍ତ ସଦସ୍ୟ ଶୋଇଥିବା ବେଳେ ତାଙ୍କ ଝିଅ ଦାମିନୀ ଉଠି ପଡ଼ିଥିଲା ଏବଂ କାହାରିକୁ ନଜଣାଇ ଘରୁ ବାହାରି ଯାଇଥିଲା। ସନ୍ତୋଷିନୀ ଭୋଇ ଆହୁରି ମଧ୍ୟ କହିଛନ୍ତି ଯେ ସେ ଚାଇଲ୍ଡ ହେଲ୍ପଲାଇନ, ବରଗଡ଼ରୁ ଏକ ଫୋନ୍ କଲ୍ ପାଇଥିଲେ ଯେଉଁଥିରେ ତାଙ୍କ ଝିଅ ସୁରକ୍ଷିତ ଥିବା ଏବଂ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସିଡବ୍ଲ୍ୟୁସି ଅଫିସ୍, ବରଗଡ଼ରେ ଉପସ୍ଥିତ ଥିବା ନେଇ ସୂଚନା ଦିଆଯାଇଥିଲା।

## ୪ ଦିନ ପରେ କୂଅରୁ ଜୀବନ୍ତ ଉଦ୍ଧାର ଘଟଣା; ଚାରି ଗିରଫ

ବିଜେପୁର, ୧୨।୬(ସମିସ)

ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ସମଲେଇପଦର ଗ୍ରାମ ନର୍ସରୀରେ ଥିବା କୂଅରୁ ୪ ଦିନପରେ ଜଣେ ଯୁବକ ଜୀବନ୍ତ ଉଦ୍ଧାର ହେବା ଘଟଣା ଉପରୁ ପରଦା ହଟିଛି। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟକୁ ପଠାଇଛି। ଶୁକ୍ରବାର ସକାଳେ ସମଲେଇପଦର ନର୍ସରୀର ସେହି କୂଅ ନିକଟରେ ସମ୍ବଲପୁରରୁ ଆସିଥିବା ସ୍ପେଶାଲ ସାଇଣ୍ଟିଫିକ୍ ଟିମ୍ ଓ ବିଜେପୁର-ପଦ୍ମପୁର ପୁଲିସ

### 'ସିନ୍ ରିକ୍ରିଏସନ୍' କରାଇଲା ପୁଲିସ

### ଭୋଜି ଯୋଗୁଁ ପାଟିତୁଣ୍ଡ ହୋଇ ଆକ୍ରମଣ କରିଥିଲେ

ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଛି। ଘଟଣାସ୍ଥଳରେ ପୁଲିସ ପକ୍ଷରୁ 'ସିନ୍ ରିକ୍ରିଏସନ୍' କରାଯାଇଛି। ଦୁର୍ବୃତ୍ତମାନେ କେଉଁଭଳି ଭାବେ ତୁଳସୀରାମଙ୍କୁ ଆକ୍ରମଣ କରିଥିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କୁ କୂଅ ଭିତରକୁ ଫିଙ୍ଗାଯାଇଥିଲା, ସେନେଇ ସମସ୍ତ ପ୍ରମାଣ ସଂଗ୍ରହ କରାଯାଇଛି। ତେବେ ଏହି ସମଗ୍ର ଘଟଣା ଉପରୁ ପରଦା ହଟାଇ ବଡ଼ ଖୁଲାସା କରିଛନ୍ତି ବରଗଡ଼ ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ରବିବାର ପଦ୍ମପୁର ଅଞ୍ଚଳର ପୁରେନା ଗ୍ରାମର ୨୦ ବର୍ଷୀୟ ଯୁବକ ତୁଳସୀରାମ ଭୁଏ ବିଜେପୁର ସମଲେଇପଦର ଜଙ୍ଗଲକୁ ତାଙ୍କ ସାଙ୍ଗମାନଙ୍କ ସହ ଏକ ଭୋଜି ଖାଇବାକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡ ପରେ ଅନ୍ୟମାନେ ତୁଳସୀରାମଙ୍କୁ ପ୍ରବଳ ମାଡ଼ ମାରିଥିଲେ। ମାଡ଼ ଯୋଗୁଁ ସେ ଚେତାଶୂନ୍ୟ ହୋଇଯିବା ପରେ, ସେମାନେ ତାଙ୍କୁ ମୃତ ଭାବି ପ୍ରମାଣ ନଷ୍ଟ କରିବା ପାଇଁ ଏହି ନିଛାଟିଆ କୂଅ ଭିତରକୁ ଫିଙ୍ଗି ଦେଇଥିଲେ। ଏହି ଅମାନୁଷିକ କାଣ୍ଡ ଭିଆଇଥିବା ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଦ୍ମପୁର ଶକ୍ତିନଗର ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ବାବୁଲୁ ମନ୍‌ହୀରା(୨୨) ଏବଂ ଅନ୍ୟ





ତିନି ଅଭିଯୁକ୍ତ ବିଜେପୁର ଭୋଇ ପଡ଼ାର ଶକ୍ତି ବେହେରା(୧୯), ମଧପଡ଼ାର ତ୍ରିନାଥ ମହାପାତ୍ର(୨୨) ଓ ବିଜେପୁରର ମହମ୍ମଦ ଅକମଲ ରଜାକ(୨୨)। ଏହି ଘଟଣାରେ ବିଜେପୁର ଥାନାରେ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ ଯେ ଦୀର୍ଘ ଚାରି ଦିନ ଧରି ବିନା ଖାଦ୍ୟ ଓ ପାଣିରେ ବିପଦସଙ୍କୁଳ ଅନ୍ଧକାର କୂଅ ଭିତରେ ମୃତ୍ୟୁସହ ଲଢିଥିବା ତୁଳସୀରାମଙ୍କୁ ଗୁରୁବାର ଦିନ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅତି ସଂକଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ଗୁରୁତ୍ୱକୁ ଦେଖି ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ, ମାତ୍ର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ କାବୁ କରିବା ଏବଂ ସିନ୍‌ରିକ୍ରିଏସନ୍ ପ୍ରକ୍ରିୟାକୁ ସ୍ଥାନୀୟ ସାଧାରଣ ଜନତାଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଓଡ଼ିଶାରୁ ଆନ୍ଧ୍ର ଯାଉଛି ଧାନ

**ଭେଡେନ, ୧୨।୬(ସମିସ):** ବରଗଡ଼ ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଭେଡେନ ବ୍ଲକରେ ରାଜରାସ୍ତାରେ ଚାଲିଛି ମଣ୍ଡି। ରବି ଋତୁରେ ଉତ୍ପାଦିତ ଧାନ ଆଉ ମଣ୍ଡିକୁ ଯାଉନି ବରଂ ଏହା ସିଧାସଳଖ ଚାଲାଣ ହେଉଛି ପଡ଼ୋଶୀ



ରାଜ୍ୟ ଆନ୍ଧ୍ର ପ୍ରଦେଶକୁ। ଆନ୍ଧ୍ର ପ୍ରଦେଶ ରେଜିଷ୍ଟ୍ରେସନ ହୋଇଥିବା ଟ୍ରକରେ ରବି ଧାନ ବେଧଡକ ଚାଲାଣ ହେଉଥିବା ଦେଖାଦେଇଛି। ପ୍ରତିଦିନ ଏବେ ଗାଁ ଗାଁ ରେ ଆନ୍ଧ୍ର ଟ୍ରକ୍ ଲାଗୁଥିବା ଦେଖାଦେଇଛି। ଚାଷୀମାନେ ବାଧ୍ୟହୋଇ ମିଲର ହାତରେ ଟେକି ଦେଉଛନ୍ତି ଧାନ।

## ପ୍ରଗତି ପଥେ ଭଟଲି ବିଧାନସଭା ପୁସ୍ତକ ଉନ୍ମୋଚିତ

**ବରଗଡ଼, ୧୨। ୬(ସମିସ):** ବରଗଡ଼ ଜିଲ୍ଲା ବରଗଡ଼ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଟଲି ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ପ୍ରଗତି ପଥେ ଭଟଲି ବିଧାନସଭା ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସିଡିଏ କମ୍ ଇଓ ଲଲାଟ କୁମାର ଲୁହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ, ସାଂସଦ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗକୁ ନିର୍ବାଚନ ମଣ୍ଡଳୀର କେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟ କରାଯିବାକୁ ଧାର୍ଯ୍ୟ ହୋଇଛି ତାହା ମଧ୍ୟ ଉଲ୍ଲେଖ କରିଥିଲେ। ବିଧାୟକଙ୍କ ଏଭଳି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ।

## ବାଇକ୍ ଧକ୍କାରେ ଗୁରୁତରଙ୍କୁ ଡାକ୍ତରଖାନା ନେଲେ ସାମ୍ବାଦିକ

**ଭେଡେନ, ୧୨।୬(ସମିସ):** ଭେଡେନ ବ୍ଲକ ଲୁପୁ ରସିଂହା -ଥୁଆପାଲି ରାସ୍ତାର ଭୋଇପାଲି ଛକ ନିକଟରେ ଏକ ବାଇକ୍ ଧକ୍କାରେ ବୁର୍ଦ୍ଧା ଗ୍ରାମର ଚାଷୀ ନେତା ପ୍ରଫୁଲ୍ଲ ପଣ୍ଡା ଗୁରୁତର ଆହତ ହୋଇଛନ୍ତି। ସେ ନିଜ ସ୍କୁଟିରେ ଧାନ କାର୍ଡ କାଟିବା ପାଇଁ ଦିନ ୧୧ ଟାରେ ଯାଉଥିବା ବେଳେ ପଛପଟୁ ଏକ ବାଇକ ଆସି



ତାଙ୍କୁ ଧକ୍କାଦେଇ ଫେରାର ମାରିଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଉକ୍ତ ରାସ୍ତାଦେଇ ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀ ଥୁଆପାଲିକୁ ଯାଉଥିବାରୁ ରାସ୍ତା ଉପରେ ଜଣେ ବ୍ୟକ୍ତି ପଡ଼ିରହିଥିବାର ଦେଖି ଗୁରୁତର ଉଦ୍ଧାର କରି ଭୋଇପାଲି ଗ୍ରାମର ବର୍ଜ୍ୟକାନ୍ତ ପଧାନଙ୍କ ସହାୟତାରେ ନିକଟସ୍ଥ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ।

## ବରଗଡ଼ରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

**ବରଗଡ଼, ୧୨।୬(ସମିସ):** ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବରଗଡ଼ ଗୋରୁ ମାର୍କେଟ ପରିସରରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ହୋଇଯାଇଛି। 'ବିକାଶର ଧାରା, ଓଡ଼ିଶା ସାରା' ନାରାକୁ ସାମ୍ନାରେ ରଖି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମୁକେଶ ମହାଲିଙ୍ଗ ଓ ଅନ୍ୟ ଅତିଥିଙ୍କ ଦ୍ୱାରା ଚାରାରୋପଣ ହୋଇଥିଲା। ସଭାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ସାଂସଦଙ୍କ ପ୍ରତିନିଧି ସୁକାନ୍ତ ଦାସ ପ୍ରମୁଖ ଯୋଗଦେଇ ଥିଲେ। ସଭାରେ ସରକାରଙ୍କ ଗତ ଦୁଇ ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଜୁଗଲ କିଶୋର ବର୍ମା



ଓ କୁନ୍ତଳା କୁମାରୀ ଜେନାଙ୍କୁ ' ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି, ଦହଳା ସେଠୀ ଓ ବନିତା ମିର୍ଦ୍ଧାଙ୍କୁ 'ଆବାସ ଗ୍ରାମୀଣ ଯୋଜନା ଅଧୀନରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଫକୀର ସାହୁଙ୍କୁ 'ଓଡ଼ିଶା ବିଲ୍ଡିଂ ଆଣ୍ଡ ଅଦର କନଷ୍ଟ୍ରକ୍ସନ ୱାର୍କର୍ସ' ଅଧୀନରେ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ହିତାଧିକାରୀମାନେ ସରକାରୀ ଯୋଜନା ଯେପରି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ ନିଜର ପ୍ରେରଣାଦାୟକ ସଫଳତା କାହାଣୀ ମଞ୍ଚରେ ବାଣ୍ଟିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ଦରମା ନ ପାଇ ହନ୍ତସନ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ

**ଭଟଲି, ୧୨।୬(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ବିଗତ କିଛିମାସ ଧରି ବିଭିନ୍ନ ପ୍ରକାର ମାମଲାରେ ଛନ୍ଦି ହୋଇରହିଥିବା ବେଳେ ଜିଲ୍ଲା ଅଧୀନ ଭଟଲି ଗୋଷ୍ଠୀ ଶିକ୍ଷା ବିଭାଗରେ ଶୁକ୍ରବାର ଶିକ୍ଷକ ଅଶାନ୍ତି ଦେଖିବାକୁ ମିଳିଛି। ଗତ ୨ ମାସର ଦରମା



ପାଇ ନ ଥିବାବେଳେ ନିୟମିତ ଭାବେ ଏନ୍‌ପିଏସ ଜମା ହେଉ ନଥିବା, ସଂଶୋଧିତ ହାରରେ ଦରମା ପ୍ରଦାନ କରାଯାଉନଥିବା, ଡିଏ ଏରିଅର୍ ପ୍ରଦାନ କରାଯାଉନଥିବା ଆଦି ବିଭିନ୍ନ ଦାବି ନେଇ ଭଟଲି ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରଓ କରିଥିଲେ। ବାରମ୍ବାର ଗୁହାରି ସତ୍ତ୍ୱେ ସେମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଉଥିବା ବେଳେ ନିୟମିତ ଭାବେ ଦରମା ପ୍ରଦାନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ପ୍ରାପ୍ତସୂଚନା ଅନୁଯାୟୀ ଗତ ଏପ୍ରିଲ୍ ମାସରେ ଭଟଲି ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ବରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର ସାହୁ କୌଣସି କାରଣରୁ ଚାକିରିରୁ ନିଲମ୍ବିତ ହେବାପରେ ପ୍ରାୟ ମାସେ ଧରି ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପଦଶୁନ୍ୟ ହୋଇପଡ଼ିଥିଲା। ତେବେ ଶିକ୍ଷକ ମାନଙ୍କ ଦରମା ତଥା ବିଭିନ୍ନ ପ୍ରକାର ଟଙ୍କା କାରବାର ଏବଂ କାର୍ଯ୍ୟାଳୟ ପରିଚାଳନା ପାଇଁ ଆମ୍ବାଭୋନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁ ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନେଇଥିଲେ। ତାଙ୍କ ଯୋଗଦାନ ପରେ ଶିକ୍ଷକ ମାନଙ୍କ ମଧ୍ୟରେ ଦରମା ପାଇବାର ଆଶା ଉଜ୍ଜୀବିତ ହୋଇଥିଲା। ମାତ୍ର ପରିତାପର ବିଷୟ ତାଙ୍କ ଅବହେଳା ପାଇଁ ଭଟଲି ବ୍ଲକ ର ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଦ୍ୟାବଧି ଜୁନ ମାସର ୧୨ ଦିନ ବିତି ସାରିଥିଲେ ସୁଦ୍ଧା ଦରମା ପାଇ ନାହାନ୍ତି। ଏନେଇ ଶିକ୍ଷକ ମାନେ କାର୍ଯ୍ୟାଳୟକୁ ଆସି ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଭେଟିବାକୁ ଆସି ଦେଖା ପାଇନଥିଲେ। ତେବେ ଅନ୍ୟ ଅଧିକାରୀଙ୍କୁ ଦରମା ବିଷୟରେ କହିବାପରେ ଦରମା ପ୍ରଦାନ କାର୍ଯ୍ୟ ତଳସ୍ତରରେ ସରିଯାଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆପ୍ରୁଭ୍ ଅପେକ୍ଷାରେ ରହିଛି ବୋଲି କହିଥିଲେ। ଏନେଇ ଶୁକ୍ରବାର ବ୍ଲକର ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଘେରଓ କରି ଆସନ୍ତା ୧୭ ତାରିଖ ବୁଧବାର ସୁଦ୍ଧା ଯଦି ଦୁଇ ମାସର ଦରମା ପ୍ରଦାନ କରା ନ ଯାଏ ତେବେ ସେମାନେ ସପରିବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଭାବେ ଧାରଣ ଦେବେ ବୋଲି ଚେତାବନୀ ଦେଇଥିଲେ। ସଂଘର ସଭାପତି ଇନ୍ଦ୍ରଜିତ୍ ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ଥିଲେ।

## ବିନା ସୂଚନା ଫଳକରେ ଚାଲିଛି ପୋଖରୀ ଖନନ

**ଝାରବନ୍ଧ, ୧୨।୬(ସମିସ):** ସରକାରୀ ଯୋଜନାରେ ସ୍ୱଚ୍ଛତାକୁ ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ମନରେଗା କାର୍ଯ୍ୟସ୍ଥଳରେ ସୂଚନାଫଳକ ପ୍ରଦର୍ଶନ ବାଧ୍ୟତାମୂଳକ। ହେଲେ ଝାରବନ୍ଧ ବ୍ଲକ ଚଣ୍ଡୀଭଟା ପଞ୍ଚାୟତ ଅଧୀନ ଯାମପାଳି ଗ୍ରାମରେ ଚାଲିଥିବା ନୂତନ ପୋଖରୀଖନନ କାମରେ ଏହି ନିୟମକୁ ଯେପରି ଫୁ କରାଯାଇଥିବା ଅଭିଯୋଗ ହେଉଛି। ଚଣ୍ଡୀଭଟା ଧାନମଣ୍ଡି ନିକଟରେ



ଦୀର୍ଘଦିନ ହେଲା ମନରେଗା ଅଧୀନରେ ପୋଖରୀ ଖନନ କାର୍ଯ୍ୟ ଚାଲିଥିଲେ ମଧ୍ୟ ସୂଚନାଫଳକ ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟସ୍ଥଳରେ ତୁରନ୍ତ ସୂଚନାଫଳକ ଲଗାଇବା ସହ ସରକାରୀ ନିୟମକୁ ଅମାନ୍ୟ କରିଥିବା ଦାୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

### ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ

## ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ରଥର ଶୁଭାରମ୍ଭ




**ବରଗଡ଼, ୧୨। ୬(ସମିସ):** ଶିଶୁ ଶ୍ରମିକ ପ୍ରଥାକୁ ସମାଜରୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଲକ୍ଷ୍ୟନେଇ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜିଠାରୁ ୧୫ ଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ସକାଳେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଶ୍ରମ ଆୟୁକ୍ତ ମାନଭଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ସସ୍ମିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ବରପାଲି, ଝାରବନ୍ଧ ଓ ବିଜେପୁରର ସହକାରୀ ଶ୍ରମ ଅଧିକାରୀମାନେ ଶପଥ ନେଇଥିଲେ।

## କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ ନ ହେଲେ ଜିଲ୍ଲାପାଳ ଅଫିସ ଘେରଉ ଚେତାବନୀ

ବରଗଡ଼, ୧୨।୬(ସମିସ)

ଚଳିତ ରବି ଋତୁ ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ଏବଂ ଟୋକନ ଅନିୟମିତତା ପ୍ରତିବାଦରେ ଭାରତୀୟ କିସାନ ସଂଘ ପ୍ରଶାସନ ବିରୋଧରେ ଆନ୍ଦୋଳନର ଡାକରା ଦେଇଛି। ସଂଘ ପକ୍ଷରୁ ବରଗଡ଼ ଜିଲ୍ଲାପାଳଙ୍କୁ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବା ସହ ଆସନ୍ତା ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବରଗଡ଼ ଜିଲ୍ଲାରେ ମୋଟ ୧, ୦୫, ୪୯୪ ଜଣ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୯, ୧୧୭ ଜଣ ଚାଷୀଙ୍କୁ ଟୋକନ ମିଳିନାହିଁ। ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଚାଷୀମାନଙ୍କୁ ଟୋକନ ପ୍ରଦାନ ପ୍ରକ୍ରିୟା ସ୍ୱାଭାବିକ ଥିବାବେଳେ, ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା



ବରଗଡ଼ ଜିଲ୍ଲାର ସ୍ଥିତି ସବୁଠାରୁ ଶୋଚନୀୟ ହୋଇପଡ଼ିଛି। ପ୍ରାଶାସନିକ ଉଦାସୀନତା ଯୋଗୁଁ ହଜାର ହଜାର ଚାଷୀ ଆଜି ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେହିପରି ଟୋକନ ସମସ୍ୟା ନେଇ ଉଭାଠାରେ ଚାଷୀମାନେ ଅନଶନରେ ବସିଥିବା ବେଳେ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ଦୃଢ଼ ପଦକ୍ଷେପ ନେଇନ ଥିବାରୁ ଭାରତୀୟ କିସାନ ସଂଘ ଚାଷୀ ଙ୍କ ମୁଖ୍ୟ ଦାବି ଗୁଡିକ ମଧ୍ୟରେ ତୁରନ୍ତ ସମସ୍ତ ବଳକା ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଉ। ମଣ୍ଡିଗୁଡ଼ିକରେ ପଡ଼ି ରହିଥିବା ରବି ଧାନକୁ ତୁରନ୍ତ ଉଠାଣ କରାଯାଉ, ଦ୍ୱିତୀୟ ପର୍ଯ୍ୟାୟ ଟୋକନ ପ୍ରଦାନ ସହ ଚାଷୀଙ୍କ ସମୁଦାୟ ଧାନ କିଣିବାର ବ୍ୟବସ୍ଥା ସହ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ତୁରନ୍ତ ଯୋଗାଇ ଦେବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସଭାପତି ଶ୍ରୀ ସାହୁ ଙ୍କ କହିବା ଅନୁସାରେ ଯଦି ଆସନ୍ତା ୩ ଦିନ ମଧ୍ୟରେ ପ୍ରଶାସନ ଏହି ୭ ଦଫା ଦାବି ଉପରେ କୌଣସି ସକରାସକ ନିଷ୍ପତ୍ତି ନ ନିଏ, ତେବେ ସଂଘ ଜିଲ୍ଲାର ହଜାର ହଜାର ଚାଷୀଙ୍କୁ ସାଥିରେ ନେଇ ଜିଲ୍ଲାପାଳ ଅଫିସ ଘେରଉ କରିବାକୁ ବାଧ ହେବ ଏବଂ ଏଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଗଠନ ପ୍ରକାଶ କରିଛି। ଉକ୍ତ ପ୍ରତିନିଧି ଦଳରେ ବିଭିନ୍ନ ବ୍ଲକର ପ୍ରମୁଖ କର୍ମକର୍ତ୍ତା ଓ ଜିଲ୍ଲା ପ୍ରମୁଖ ଭୁପାଳ ବିଶି, ଚୈତନ୍ୟ କର୍ଣ୍ଣ, କୌସ୍ତୁବ ସାହୁ, ସୁଜିତ ପ୍ରଧାନ, ରବୀନ୍ଦ୍ର ବିଶି, ବାବୁଲାଲ ଚନ୍ଦ, କରୁଣାକର ପ୍ରଧାନ, ହରିଶ ପ୍ରଧାନ, ଭେଙ୍କେଟଶ୍ୱର କର୍ମୀ ପ୍ରମୁଖ ଯୋଗଦାନ କରି ଥିଲେ।

## ଘେଁସରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ




**ମେଲଛାମୁଣ୍ଡା, ୧୨। ୬(ସମିସ):** ଆଜି ସାରା ରାଜ୍ୟରେ 'ବିକାଶର ଧାରା ଓଡ଼ିଶା ସାରା'କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ, ସୋହେଲା ବ୍ଲକ ଅଧୀନ ଘେଁସସ୍ଥିତ ଗୁରୁଭବନ ଠାରେ ଆଜି ପଞ୍ଚାୟତସ୍ତରୀୟ ବିଶେଷ ସଭାର ଆୟୋଜନ ହୋଇଯାଇଛି। ଘେଁସ ପଞ୍ଚାୟତ ପିଇଓ ସଞ୍ଜୟ ଭୁଏଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ହଲଧର ନାଗ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, ଜମିଦାର ରଣଜିତ ସିଂ ବରିହା, ସୋହେଲା ବ୍ଲକ ଆଇସିଡିଏସ୍ ସୁପରଭାଇଜର ମନୋରମା ତାଣ୍ଡି ଏବଂ ହର୍ଟିକଲଚର୍ ବିଭାଗୀୟ ବ୍ଲକ ଅଧିକାରୀ ପ୍ରଶାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। କୈଳାସ ପଧାନ, ରଣଜିତ ପଟେଲ, ଗୋକୁଳାନନ୍ଦ ମହାପାତ୍ର ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଆଶିଷ କୁମାର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ 'ଉଡାନ୍'ରେ ସାମିଲକୁ ୪ ବର୍ଷ

# ଜମାଦାରପାଲିରୁ କେବେ ଉଡ଼ିବ ବିମାନ?

**ସମ୍ବଲପୁର, ୧୨।୬ (ସମିସ)**

ଦେଶର ଅଗମ୍ୟ, ଅପହଞ୍ଚ ଆଞ୍ଚଳିକ ସ୍ଥାନକୁ ଆକାଶମାର୍ଗରେ ସଂଯୋଗ ତଥା ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଏବଂ ପର୍ଯ୍ୟଟନ ବୃଦ୍ଧି ସହିତ ସାଧାରଣ ଲୋକଙ୍କୁ ସୁଲଭ ଦରରେ ବିମାନ ସେବା ଯୋଗାଇବା ପାଇଁ 'ଉଡେ ଦେଶ୍‌କି ଆମ୍ ନାଗରିକ୍' (ଉଡାନ୍) ଯୋଜନା ଆରମ୍ଭ ହୋଇଛି। 'ଉଡାନ୍' ଯୋଜନା ପଞ୍ଚମ ପର୍ଯ୍ୟାୟ ବା ଉଡାନ୍ ୫.୦ରେ






ଗତ ୨୦୨୨ ମସିହା ସେପ୍ଟେମ୍ବର ୮ ତାରିଖରେ ସମ୍ବଲପୁରର ହୀରାକୁଦ (ଜମାଦାରପାଲି) ଏୟାରଷ୍ଟ୍ରିପ୍‌କୁ ସାମିଲ କରାଯାଇଛି। ଏହି ଘୋଷଣାକୁ ପ୍ରାୟ ୪ ବର୍ଷ ବିତିଗଲାଣି। କିନ୍ତୁ ଜମାଦାରପାଲି ଏୟାରଷ୍ଟ୍ରିପ୍‌ର ଭିତ୍ତିଭୂମି ବିକାଶ ସକାଶେ କୌଣସି ପଦକ୍ଷେପ ନିଆଯାଇନାହିଁ। ରାଜ୍ୟରେ ଭୁବନେଶ୍ୱର, ଝାରସୁଗୁଡ଼ା, ଜୟପୁର, ରାଉରକେଲା ପରେ ୨୦୨୩ ଅଗଷ୍ଟ ୩୧ ତାରିଖ ଉତ୍କେଲାରୁ ଉଡ଼ିଛି ବିମାନ। ବର୍ଷ ବର୍ଷ ବିତିଯାଉଥିବାବେଳେ ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରକୁ ବିମାନସେବା ପଦ୍ମ ଘୁଞ୍ଚି ଘୁଞ୍ଚି ଯାଇଛି ଭଳି ପ୍ରତୀତ ହେଉଛି। ଏହାକୁ ନେଇ ସମ୍ବଲପୁରବାସୀଙ୍କ ମଧ୍ୟରେ ନିରାଶାଭାବ ଦେଖାଦେଇଛି।

ସମ୍ବଲପୁର ସହର ଉପକଣ୍ଠସ୍ଥ ଜମାଦାରପାଲି (ହୀରାକୁଦ) ଏୟାରଷ୍ଟ୍ରିପ୍ ୧୯୫୦ ଦଶକରେ ଆରମ୍ଭ ହୋଇଥିବାବେଳେ ଏଠାରେ ଛୋଟ ବିମାନ ଓ ହେଲିକେପ୍ଟର ଉଡ଼ାଣ ନେବା ସହ ଅବତରଣ କରିଥାଏ। ଏହାର ରନ୍‌ୱେ ୧୨ କିଲୋମିଟର ରହିଛି। ତଥ୍ୟ ଅନୁଯାୟୀ, ହୀରାକୁଦ ଏୟାରଷ୍ଟ୍ରିପ୍ ଜମାଦାରପାଲିରେ ରନ୍‌ୱେ ୧୨୮୦ ମିଟର ଲମ୍ବ ଓ ୧୮ ମିଟର ଓସାରିଆ। ରନ୍‌ୱେ ଡାଇରେକ୍ସନ ୧୫/୩୩। ଏହି ସ୍ଥାନର ଅକ୍ଷାଂଶ ୨୧.୫୮୦୫ ଡିଗ୍ରୀ (ଉତ୍ତର) ଏବଂ ଦ୍ରାଘିମା ୮୪.୦୦୫୫ ଡିଗ୍ରୀ (ପୂର୍ବ)। ଏହାର ଇରେକ୍‌ସନ୍ ରହିଛି ୨୦୭ ମିଟର। ଭୁବନେଶ୍ୱରରୁ ଏହି ଏୟାରଷ୍ଟ୍ରିପ୍ ଆକାଶମାର୍ଗରେ ୨୪୦ କିଲୋମିଟର ଥିବାବେଳେ ଝାରସୁଗୁଡ଼ାରୁ ୩୭ କିଲୋମିଟର ଓ ରାଉରକେଲାରୁ ୧୧୨ କିଲୋମିଟର ରହିଛି। ଏଠାରେ ପାଚେରୀ ନିର୍ମାଣ ହେବାସହ ଏକ ବିଶ୍ରାମଗୃହ ମଧ୍ୟ ରହିଛି। ଏହା ରାଜ୍ୟ ପରିବହନ ବିଭାଗ ଅଧୀନରେ ରହିଛି। ପୂର୍ତ୍ତ ବିଭାଗ-୧ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉଛି। ସମ୍ବଲପୁର ସହରରୁ ମାତ୍ର ୧୦ ମିନିଟ ଦୂରତ୍ୱରେ ଜମାଦାରପାଲି ଏୟାରଷ୍ଟ୍ରିପ୍ ଥିବାବେଳେ ବିଭିନ୍ନ ସମୟରେ ରାଜନେତା ତଥା ବିଦେଶୀ ଅତିଥି ଏଠାରେ ଅବତରଣ କରିଛନ୍ତି। ବର୍ତ୍ତମାନ ଏୟାରଷ୍ଟ୍ରିପ୍‌ଟି ସଙ୍ଗୁନପାଲି ମୌଜାର ୬୧.୦୭ ଏକର ଅଞ୍ଚଳରେ ରହିଛି। ସମ୍ପ୍ରତି ଆଖପାଖର ଜଳସମ୍ପଦ ବିଭାଗ ଏବଂ ଶକ୍ତି ଓ ଜଳସେଜନ ବିଭାଗ ଅଧୀନରେ ଥିବା ସମ୍ବଲପୁର ତହସିଲର ୬୬ ଏକର ଜମି ଏୟାରଷ୍ଟ୍ରିପ ସମ୍ପ୍ରସାରଣ ଓ ବିକଶିତ କରିବା ସକାଶେ ବାଣିଜ୍ୟ ଓ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଉଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରରେ ଜାତୀୟ ପ୍ରତିଷ୍ଠାନ ଆଇଆଇଏମ ସମ୍ବଲପୁର ସହ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ଉତ୍ତରଖଣ୍ଡ ପୁଲିସ ଆଇଜିଙ୍କ କାର୍ଯ୍ୟାଳୟ, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ, ଆଞ୍ଚଳିକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହିତ ଅନେକ ପଶ୍ଚିମ ଓଡ଼ିଶାସ୍ତରୀୟ ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ଏହାସହ ସୈନିକ ସ୍କୁଲ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଆଦିକୁ ନେଇ ଶିକ୍ଷାର ହବ୍ ତଥା ପଶ୍ଚିମ ଓଡ଼ିଶା ତଥା ଆଖପାଖ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ରହିଛି। ଶିକ୍ଷାକ୍ଷେତ୍ରରେ ଅଭିଜ୍ଞ ଶିକ୍ଷକଙ୍କୁ ରାଜ୍ୟ ବାହାରୁ ଆସି ପାଠପଢ଼ା ପରେ ପୁଣି ଫେରିଯିବା ସକାଶେ ବିମାନସେବା ସହଜସାଧ୍ୟ ହେବ। ସେହିପରି ଗୁରୁତର ରୋଗୀଙ୍କ ଜୀବନରକ୍ଷା ପାଇଁ କମ୍ ସମୟ ମଧ୍ୟରେ ବାହାରୁ ବିଶେଷଜ୍ଞ ଡାକ୍ତର ଆସି ଚିକିତ୍ସାସେବା ଯୋଗାଇ ଦେଇପାରିବେ। ହୀରାକୁଦ ନଦୀବନ୍ଧ ଏବଂ ଡେବ୍ରିଗଡ଼ ଅଭୟାରଣ୍ୟ ଭଳି ପର୍ଯ୍ୟଟନସ୍ଥଳକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବୃଦ୍ଧି ପାଇପାରିବ।

### ୨୦୧୬ରେ ଉଡ଼ିଥିଲା ୯ ସିଟର୍ ବିମାନ

୨୦୧୬ ଜାନୁଆରୀରେ ସମ୍ବଲପୁର ଜମାଦାରପାଲି (ହୀରାକୁଦ) ଏୟାରଷ୍ଟ୍ରିପ୍‌ରୁ ମାତ୍ର ଦି'ସପ୍ତାହ ପାଇଁ ୯ ଆସନ ବିଶିଷ୍ଟ ବିମାନ ଉଡ଼ିଥିଲା। ଘଣ୍ଟାକ ମଧ୍ୟରେ ଭୁବନେଶ୍ୱରରୁ ସମ୍ବଲପୁର ଓ ସମ୍ବଲପୁରରୁ ଭୁବନେଶ୍ୱରକୁ ଯିବାଆସିବା କରାଯାଇ ପାରୁଥିଲା। ଏୟାର ଓଡ଼ିଶା ପକ୍ଷରୁ ସେସ୍‌ନା ୨୦୮ କାରାଭାନ ଯୋଗାଇ ଦିଆଯାଇଥିଲା। ଏହାକୁ ଡିଜିସିଏ ସ୍ୱୀକୃତି ମଧ୍ୟ ମିଳିଥିଲା। ସେତେବେଳେ ବିମାନ ଭୁବନେଶ୍ୱରରୁ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ଜୟପୁରକୁ ସଂଯୋଗ କରିବା ଯୋଜନା ରହିଥିଲା। ଅଧିକ ଆସନ ବିଶିଷ୍ଟ କରି ବିମାନସେବା ନିୟମିତ ହେବ ବୋଲି ଜନସାଧାରଣ ଆଶା କରୁଥିବାବେଳେ ପରବର୍ତ୍ତୀ ସମୟରେ ସଂସ୍ଥାର ସତ୍ତ୍ୱାଧିକାର ସମସ୍ୟା ଯୋଗୁଁ ଏହା ହଠାତ୍ ବନ୍ଦ ହୋଇଯାଇଥିଲା। ଉପରୋକ୍ତ ବିମାନ ମାତ୍ର ୫୦ ମିନିଟରେ ଭୁବନଶ୍ୱରରୁ ସମ୍ବଲପୁରକୁ ପହଞ୍ଚାଉଥିବାବେଳେ ସମ୍ବଲପୁରରୁ ଝାରସୁଗୁଡ଼ା ବିମାନବନ୍ଦରକୁ ପହଞ୍ଚିବା ପାଇଁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗୁଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ବିଳମ୍ବରେ ହେଲେ ମଧ୍ୟ ହୀରାକୁଦକୁ ଉଡାନ୍ ଯୋଜନାରେ ସାମିଲ କରିଥିବାବେଳେ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁଁ ଏହି ବିମାନବନ୍ଦର କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି।

## କାଦୋପଡ଼ାରେ ସୋଲାର ପ୍ଲାଣ୍ଟକୁ ବିରୋଧ



**ରିଆମାଳ, ୧୨।୬ (ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ମଳେହିପଡ଼ା ପଞ୍ଚାୟତ କାଦୋପଡ଼ା ଗ୍ରାମରେ ସରକାରଙ୍କ ପକ୍ଷରୁ ସୋଲାର ପ୍ଲାଣ୍ଟ ହେବାକୁ ସ୍ଥିର ହୋଇଥିବା ବେଳେ ଏହାକୁ ଜୋରଦାର ବିରୋଧ କରାଯାଇଛି। ଗତ ଜୁନ୍ ୩ ତାରିଖ ଦିନ ଗ୍ରାମରେ ରାଜସ୍ୱ ବିଭାଗ ଜମି ଚିହ୍ନଟ କରିବା ପାଇଁ ଆସିଥିଲେ। ହେଲେ ଗ୍ରାମବାସୀ ଦୃଢ଼ ପ୍ରତିବାଦ କରିଥିଲେ। ଫଳରେ ପୁଲିସ ପ୍ରଶାସନ ସହାୟତାରେ ଜମି ଚିହ୍ନଟ କରାଯିବା ପରେ ଶହ ଶହ ଗ୍ରାମବାସୀ ଏକାଠି ହୋଇ ଶୁକ୍ରବାର ବୈଠକ କରିଥିଲେ। ଧରଣୀଧର ଦେହୁରୀ ଓ ରେଖା ପ୍ରଧାନଙ୍କ ଆବାହକତ୍ୱରେ ଆଜିର ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲ୍ଲା କୃଷକ ସଭାପତି ପ୍ରମୋଦ କୁମାର ଝାଙ୍କର, ଜିଲ୍ଲା ଜଙ୍ଗଲ ମଞ୍ଚ ସମ୍ପାଦକ ହିରାଧର ସାହୁ, ଆଦିବାସୀ ନେତା ନିରାକାର ପ୍ରଧାନ, ସମାଜସେବୀ ମିଳନ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରୁନୁ ବେହେରା ଯୋଗ ଦେବା ସହିତ କାଦୋପଡ଼ା ଏବଂ ମହୁଲନାଳୀ ସାହିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଯଦି ଆଗାମୀ ଦିନରେ ଜମି ଅଧିଗ୍ରହଣ କରାଯାଏ ତେବେ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଉକ୍ତ ମିଳିତ ମଞ୍ଚର ସଭାପତି ଭାବେ ଏଜ୍ରା କୁଜୁର, ସମ୍ପାଦକ ରେଖା ପ୍ରଧାନ, ଉପସଭାପତି ଧରଣୀଧର ଦେହୁରୀଙ୍କୁ ସର୍ବସମ୍ମତି ଭାବେ ବିବେଚିତ କରାଯାଇଛି।

## ବାଇକ୍ ଲୁଟିନେଲେ ଦୁର୍ବୃତ୍ତ

**ତରଭା, ୧୨।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ୫୭ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଥିବା ରାସ୍ତାର ରେଳ ଓଭରବ୍ରିଜ ତଳେ ଶୁକ୍ରବାର ଜଣେ ଅଣଓଡ଼ିଆ ବ୍ୟକ୍ତିଙ୍କ ବାଇକ୍ ଲୁଟ୍ ହୋଇଛି। ଶୁକ୍ରବାର ଅପରାହ୍ନରେ ପାଣିମୁରା ମାସ ବୟୋ ଫୁଏଲ୍ କାରଖାନାର ଇଲେକ୍ଟ୍ରିକ ୟୁନିଟ୍‌ରେ କାର୍ଯ୍ୟ କରୁଥିବା ବିହାରର ମୁକେଶ କୁମାର ଯାଦବ(୩୬) ବାଇକ୍‌ରେ ଆସୁଥିବାବେଳେ ରେଳ ଓଭରବ୍ରିଜ୍ ତଳେ ୩ ଜଣ ଯୁବକ ଗୋଟିଏ ପଲ୍‌ସର ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଥିଲେ। ଯୁବକମାନେ ମୁକେଶଙ୍କୁ ଧମକ ଚମକ ଦେଇ ବାଇକ୍, ଗୋଟିଏ ମୋବାଇଲ ଓ ପକେଟରେ ରଖିଥିବା ୧୬୦ ଟଙ୍କା ନେଇ ଫେରାର ମାରିଥିଲେ। ମୁକେଶ ତରଭା ଥାନାକୁ ଆସି ଏନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଲୁଟେରାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଆଇଆଇସି କହିଛନ୍ତି।

## ଶୀତଳ ଷଷ୍ଠୀ ମହୋତ୍ସବ ପ୍ରସ୍ତୁତି




**ପଦ୍ମପୁର, ୧୨।୬ (ସମିସ):** ପଦ୍ମପୁର ଚତୁର୍ଥ ସାର୍ବଜନୀନ ଶୀତଳ ଷଷ୍ଠୀ ମହୋତ୍ସବର ପ୍ରସ୍ତୁତି ନେଇ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରିତମ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ କମିଟି ପକ୍ଷରୁ ଚଳିତ ବର୍ଷର ବିବାହ ମହୋତ୍ସବର ବିସ୍ତୃତ କାର୍ଯ୍ୟସୂଚୀ ପ୍ରଦାନ କରାଯାଇଛି। ଆଗାମୀ ଜୁନ୍ ୧୬ରୁ ମାତା ପାର୍ବତୀଙ୍କ ପିତୃଗୃହ ଆଗମନ ଓ ସପ୍ତଋଷିଙ୍କ ଦ୍ୱାରା ପତର ପେଣ୍ଡି ଉତ୍ସବ। ଜୁନ୍ ୧୭ ରେ ମାତା ପାର୍ବତୀଙ୍କ ଅଳଙ୍କାର ଧାରଣ ଏବଂ ସୁପରିଚିତ ସୁର ମନ୍ଦିର ଭଜନ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ୧୮ ତାରିଖ ଅମୃତ ବେଳାରେ ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ନୃତ୍ୟ (ଘୁମୁରା, କୃଷ୍ଣଗୁରୁ, ସଂକୀର୍ତ୍ତନ) ସହ ବରଯାତ୍ରା ଏବଂ ଭବ୍ୟ ବିବାହ ଉତ୍ସବ ଆୟୋଜିତ ହେବ। ୧୯ରେ ଆତସବାଜି ଓ ଶୋଭାଯାତ୍ରା ସହ ଦେବଦମ୍ପତିଙ୍କ ନଗର ପରିକ୍ରମା ଏବଂ ମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ କନ୍ୟା ପିତାମାତା ଭାବେ ସୁଭଦ୍ରା ନାୟକ ଓ ଜୟନ୍ତ ନାୟକ ଦାୟିତ୍ୱ ତୁଲାଇବେ। ସେହିଭଳି ବର ପିତାମାତା ଭାବେ ସୁମିତ୍ରା ମେହେର ଓ ରାମ ମେହେର ଦାୟିତ୍ୱ ନିର୍ବାହ କରିବାକୁ ସ୍ଥିର ହୋଇଛି। ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ଓ ମନ୍ଦିର ପୂଜକ ଟଙ୍କଧର ମହାପାତ୍ର ଦାୟିତ୍ୱ ସମ୍ପାଦନ କରିବେ। ସମ୍ପାଦକ ଅରୁଣ ଦାନୀ କାର୍ଯ୍ୟକ୍ରମର ସମ୍ୟକ ସୂଚନା ଦେଇଛନ୍ତି। ସନ୍ତୋଷ ମହାନ୍ତି ଶୋଭାଯାତ୍ରା ବିଷୟରେ ସୂଚାନା ଦେଇଥିଲେ। ଶେଷରେ ସହ ସମ୍ପାଦକ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଗୀଙ୍କୁ ଭେଟିଲା ବୁର୍ଲା ଏକତା ମଞ୍ଚ

**ସମ୍ବଲପୁର, ୧୨।୬(ସମିସ):**ବରଗଡ଼ ଜିଲ୍ଲା ବିଜେପୁର ଥାନା ସମଲେଇ ପଦର ନିକଟ ଜଙ୍ଗଲ ମଧ୍ୟରେ ଏକ ପରିତ୍ୟକ୍ତ କୁଅରୁ ଜଣେ ଯୁବକଙ୍କୁ ଉଦ୍ଧାର କରି ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ପାଇଁ ବୁର୍ଲା ଏକତା ମଞ୍ଚର ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ମେଡିକାଲରେ ପହଞ୍ଚି ଡାକ୍ତର ଶହ ଯୋଗାଯୋଗ କରିଥିଲେ। ଏହା ସହିତ ବୁର୍ଲାରେ ଥିବା ପର୍ଯ୍ୟନ୍ତ ତାଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ଏବଂ ସାହାଯ୍ୟ ସହଯୋଗ ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଯୁଗ୍ମ ସଚିବ



**ପଦ୍ମପୁର, ୧୨।୬(ସମିସ):** ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ସଚିବ ତଥା ବରଗଡ଼ ଜିଲ୍ଲାର ନୋଡାଲ ଅଫିସର ଜୟଶ୍ରୀ ମଲ୍ଲିକ ବୁଧବାର ବରଗଡ଼ ଜିଲ୍ଲାର ରାଜବୋଡାସମ୍ବର୍ ବ୍ଲକ ଗସ୍ତ କରି ସରକାରଙ୍କ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ କାର୍ଯ୍ୟକାରୀ ହେଉଥିବା ଫ୍ଲାଗସିପ୍ କାର୍ଯ୍ୟକ୍ରମଗୁଡ଼ିକ କିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ସଠିକ୍ ଭାବେ ସମ୍ପାଦିତ ହେବ ସେ ସମ୍ପର୍କରେ ସେ ସ୍ଥାନୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଶ୍ରୀମତୀ ମଲ୍ଲିକ, ବରିକେଲ ଓ ଭେଡେଁରିଆ ଅଞ୍ଚଳର ବିଭିନ୍ନ ଗ୍ରାମୀଣ ଭିତ୍ତିଭୂମି ବିକାଶ ପ୍ରକଳ୍ପ ସହ ଏକ ଆଇସକ୍ରିମ୍ ଫ୍ୟାକ୍ଟ୍ରି ଏବଂ ବ୍ରେଡ୍ ଫ୍ୟାକ୍ଟ୍ରି ପରିଦର୍ଶନ କରିଥିଲେ। ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟର ମଧ୍ୟ ଯାଞ୍ଚ କରିଥିଲେ। ସେ ଏହି ଅଞ୍ଚଳର ପ୍ରଗତି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଗସ୍ତ ସମୟରେ ରାଜବୋଡାସମ୍ବର୍ ବ୍ଲକ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର୍ ଦେବତା, ତଥା ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## କାନ୍ତିଲାଲ ଭୋଇଙ୍କ ପରଲୋକ

**ପଦ୍ମପୁର, ୧୨।୬(ସମିସ):** ସ୍ଥାନୀୟ କନସିଂହା ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସମ୍ପାଦକ କାନ୍ତିଲାଲ ଭୋଇଙ୍କ ୪୭ ବର୍ଷ ବୟସରେ



ଅକାଳ ବିୟୋଗ ଘଟିଛି। ସେ ଜଣେ କର୍ତ୍ତବ୍ୟନିଷ୍ଠ, ସରଳ ଏବଂ ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କର ଏହି ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତୁରା ରାଜା ଭୋଇ ମୁଖାଗ୍ନି ଦେଇଥିଲେ।

## ହୃଷିକେଶଙ୍କ ବିୟୋଗରେ ଶୋକ

**ଭେଡେନ, ୧୨।୬(ସମିସ):** ଭେଡେନ୍ ବ୍ଲକ ଭେଡେନ ଗ୍ରାମର ହୃଷିକେଶ ଦାସ (୭୬)ଙ୍କ ବରଗଡ଼ସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ପାର୍ଥିବ ଶରୀରର ଭେଡେନ ପହଞ୍ଚିବାପରେ ଅଞ୍ଚଳରବହୁ ମାନ୍ୟଗଣ୍ୟ



ବ୍ୟକ୍ତି ତାଙ୍କ ଭେଡେନସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଏହି ଖବର ଜାଣିଲା ପରେ ବିଜେଡିର ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଦୁଃଖପ୍ରକାଶ କରିବା ସହ ଆମରଆତ୍ମାର ସଦ୍‌ଗତି କାମନା କରିଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ପାର୍ଥିବଶରୀରକୁ ନିକଟସ୍ଥ ଦନ୍ତା ନଦୀ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ବଡ଼ପୁଅ ଆନନ୍ଦ ଦାସ ମୁଖାଗ୍ନି ଦେଇଥିଲେ।

## ଡ୍ରାଇଭରଙ୍କୁ କଲ୍ୟାଣ ବୋର୍ଡରେ ସାମିଲ ଓ ଭୋଟ୍ ଅଧିକାର ଦାବି

**ବରଗଡ଼, ୧୨।୬(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ବରଗଡ଼ ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ଓ ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଟୋ ଏବଂ ପ୍ରାଇଭେଟ୍ ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ପରିବହନ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା, ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଏବଂ ନିର୍ବାଚନ ସମୟରେ ଡ୍ୟୁଟି ଯୋଗୁଁ ଭୋଟ୍ ଦେବାରୁ ବଞ୍ଚିତ ହେଉଥିବା ସମସ୍ୟାର ସମାଧାନ ପାଇଁ ଦାବିପତ୍ର ଦିଆଯାଇଛି। ମହାସଂଘର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲ୍ଲାପାଳ ସୁମତୀ ପଣ୍ଡାଙ୍କୁ ଭେଟି ଦାବିପତ୍ର ହସ୍ତାନ୍ତର କରିଥିଲେ।



ଡେପୁଟି କଲେକ୍ଟର ସୁମତି ପଣ୍ଡା ଦାବିପତ୍ର ଗ୍ରହଣ କରିବା ସହ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ଏବଂ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ୩୦ ଦିନ ମଧ୍ୟରେ ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହୁଏ, ତେବେ ସମସ୍ତ ଡ୍ରାଇଭର ଅସନ୍ତୋଷ ପ୍ରକାଶ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ଡ୍ରାଇଭର ମହାସଂଘର ସଭାପତି ନୀଳାମ୍ବର ସାହା, ସମ୍ପାଦକ ସୁଦାମ ରଥଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୬୦ୟୁନିଟ୍ ସଂଗ୍ରହ

**ପଦ୍ମପୁର, ୧୨।୬ (ସମିସ):** ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖାରେ ୭୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିରୋଜ ଦୋରା, ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ ଯୋଗଦେଇ ଥଲେ। ଶିବିରରୁ ମୋଟ୍ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥଲା। ବ୍ୟାଙ୍କ ମୁଖ୍ୟ ପରିଚାଳକ ଦେବାଶିଷ ସାହୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପଦ୍ମପୁର ରକ୍ତଭଣ୍ଡାର ତରଫରୁ ଡ. ଡବୁ ସାହୁ, ସୁମିତ୍ ସିହ୍ନା, ନିତେଶ ପ୍ରଧାନ, ଦୀପକ ସାହୁ, ଶ୍ୟାମସୁନ୍ଦର ସାହୁ, ଅଶ୍ୱିନୀ ଗୁର୍ଲା ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିବା ବେଳେ ବ୍ୟାଙ୍କ ଉପ ପ୍ରବନ୍ଧକ ବିଦ୍ୟାଧର ବରିହା, ଦୀପକ ଦାସ, ବିଭୂପଦ ସାହୁ, ବିଜୟଲକ୍ଷ୍ମୀ ଠାକୁର, ଚିରାଗ ଠାକୁର, ଆକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପଦ୍ମପୁରରେ ଟ୍ରାଫିକ ନିୟମ କଡ଼ାକଡ଼ି


**ପଦ୍ମପୁର, ୧୨।୬ (ସମିସ):** ପଦ୍ମପୁର ସହର ଭେଡେଁରିଆ ଛକ ଏବଂ ବିଜୁ ଏକ୍ସପ୍ରେସ ରାସ୍ତାରେ ପରିବହନ ବିଭାଗ ପକ୍ଷରୁ କ୍ୟାମେରା ଲାଗାଯାଇ ନିୟମ କଡାକଡି କରାଯାଇଛି। ହେଲମେଟ, ଟ୍ରିପଲ ରାଇଡିଂ ଉପରେ କଡ଼ା ନଜର ରଖାଯାଇ ଅନେକ ଗାଡ଼ି ଚାଳକଙ୍କ ଇ-ଚାଲାଣ କଟାଯାଉଛି। ଅମାନିଆ ଓ ବେପରୁଆ ଚାଳକଙ୍କ ପାଇଁ ପଦକ୍ଷେପକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି; ମାତ୍ର ବିଶେଷ କରି ଗ୍ରାମାଞ୍ଚଳରୁ ଆସୁଥିବା ସାଧାରଣ ଲୋକେ ନୂଆ ନିୟମ ବିଷୟରେ ଜାଣି ନ ଥିବାରୁ ବଡ଼ ଅଙ୍କର ଜରିମାନାର ଶିକାର ହେଉଛନ୍ତି। ତେଣୁ କେବଳ ଚାଲାଣ ନ କାଟି ବିଭାଗ ପକ୍ଷରୁ ପ୍ରଥମେ ଟ୍ରାଫିକ ସଚେତନତା ଶିବିର ଆୟୋଜନ କରାଯାଉ। ସହରର ମୁଖ୍ୟ ଛକଗୁଡ଼ିକରେ ମାଇକ ଏବଂ ବ୍ୟାନର ଜରିଆରେ ଲୋକଙ୍କୁ ସଚେତନ କରାଯାଉ। ଜରିମାନା ଆଦାୟ ଅପେକ୍ଷା ଜନସଚେତନତା ଦ୍ୱାରା ହିଁ ଦୁର୍ଘଟଣା ରୋକାଯାଇପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ପପଙ୍ଗା ତଳିପଡ଼ାରେ ଟ୍ରାନ୍ସଫର୍ମର ଅଚଳ

**ଭେଡେନ, ୧୨।୬ (ସମିସ):** ଭେଡେନ ବ୍ଲକ ପପଙ୍ଗା ତଳିପଡ଼ାରେ ଟ୍ରାନ୍ସଫର୍ମରଟି ମାସେରୁ ଅଧିକ ହେବ ଅଚଳ। ଏଣୁ ପଡ଼ାବାସୀ ପ୍ରବଳ ତାତି ସହ ଗୁଳୁଗୁଳିରେ ଦହଗଞ୍ଜ ହେଉଛନ୍ତି। ଏନେଇ ପଡ଼ାବାସୀ ଅନେକ ଥର ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ସୁଦ୍ଧା କିଛି ଫଳପ୍ରଦ ହୋଇନାହିଁ। ଉପଭୋକ୍ତା ୨ ହଜାର ଟଙ୍କା ଦେଲେ ନୂତନ ଟ୍ରାନ୍ସଫର୍ମର ଲଗାଯିବ ବୋଲି ବିଦ୍ୟୁତ୍ ବିଭାଗ କହିଥିଲା। ଏଣୁ ଅନେକ ଉପଭୋକ୍ତା ଟଙ୍କା ଦେଇଛନ୍ତି। ତଥାବି ଟ୍ରାନ୍ସଫର୍ମର ମରାମତି ହେଉନି କି ନୂତନ ଟ୍ରାନ୍ସଫର୍ମର ଲଗାଯାଇନି। ଏହାକୁ ନେଇ ପଡ଼ାରେ ଅସନ୍ତୋଷ ଦେଖା ଦେଇଛି।






**ସୁନ୍ଦରଗଡ଼ ଜିଲ୍ଲାରେ ବିକାଶର ବିକଳ ଚିତ୍ର**

# ଖଟିଆରେ ବୁହା ହେଲେ ରୋଗୀ



**ରାଉରକେଲା, ୧୨।୬(ସମିସ)**

ରାସ୍ତା ଅଭାବରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଫଳରେ ରୋଗୀଙ୍କ ସମ୍ପର୍କୀୟ ପ୍ରାୟ ଏକ କିଲୋମିଟର ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ଯାଏ ପହଞ୍ଚାଇବା ଦୃଶ୍ୟ ସୁନ୍ଦରଗଡ଼ ଜିଲ୍ଲାର ବିପର୍ଯ୍ୟସ୍ତ ବିକାଶକୁ ପଦାରେ ପକାଇଛି।

ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସାନପତ୍ରାପାଲି ଗ୍ରାମପଞ୍ଚାୟତର ଖୁଟଗାଁ ବାଦୀମୁଣ୍ଡାରେ ପୁଣି ଦେଖିବାକୁ ମିଳିଛି ଏଭଳି କରୁଣ ଚିତ୍ର। ରାସ୍ତା ସୁବିଧା ନଥିବାରୁ ଜଣେ ଅସୁସ୍ଥ ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଛି।

ପ୍ରକାଶ ଯେ, ଖୁଟଗାଁ ବାଦୀମୁଣ୍ଡା ସାହିର ଖାଡି ଓରାମ (୫୫) ନାମକ ଜଣେ ମହିଳା ହଠାତ୍ ଅସୁସ୍ଥ ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର ବାଦୀମୁଣ୍ଡା ପଡ଼ାକୁ ଯିବାକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ

### ରାସ୍ତା ଅଭାବରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

ଘର ନିକଟରେ ପହଞ୍ଚି ପାରିନଥିଲା। ଏହାପରେ ଗ୍ରାମବାସୀ ଓ ସମ୍ପର୍କୀୟ ମହିଳାଙ୍କୁ ଏକ ଖଟିଆରେ ଶୁଆଇ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ହସ୍ପିଟାଲ ପଠାଯାଇଥିଲା।

ବହୁବାର ଦାବି ସତ୍ତ୍ୱେ ଗାଁକୁ ଯାତାୟାତ ଉପଯୋଗୀ ଭଲ ରାସ୍ତା ନିର୍ମାଣ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ଲୋକେ।





## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି। ଅର୍ଥ ନିବେଶରୁ ଦୂରେଇ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କନ୍ୟା:** ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ରାଜନେତାଙ୍କ ପାଇଁ ଦିନଟି ଭଲ। ମାନ ସମ୍ମାନ ବୃଦ୍ଧି ପାଇବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହେବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଖର୍ଚ୍ଚ ବଢ଼ିବାରେ।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଦିନରେ

- ୧୭୩୧- ସ୍ୱିଡିଶ୍ ଇଷ୍ଟ ଇଣ୍ଡିଆ କମ୍ପାନିର ସ୍ଥାପନା।
- ୧୯୪୩- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରୁ ଟୋକିଓରେ ପହଞ୍ଚିଲେ।
- ୧୯୫୫- ସୋଭିଏତ୍ ରୁଷ୍‌ର ପ୍ରଥମ ହୀରା ଖଣି 'ମୀର୍ ମାଇନ୍'ର ସନ୍ଧାନ।
- ୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡ଼ାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୭- ଦିଲ୍ଲୀର ଉପହାର ସିନେମା ହଲ୍‌ରେ ନିଆଁ ଲାଗିବାରୁ ୫୯ ଲୋକଙ୍କ ମୃତ୍ୟୁ।

# ଉତ୍କଳୀୟ ଗଣପର୍ବ ରଜ



ରଜକୁ ଓଡିଶାର ପାରମ୍ପରିକ ତଥା ଗଣପର୍ବ କୁହାଯାଏ । ବସୁଧା, ପ୍ରକୃତି ମାତାକୁ ପୂଜା କରିବାର ମହାର୍ଘ୍ୟ ପରମ୍ପରା ରଜ। ଏହି ପର୍ବ ମାଧ୍ୟମରେ ପ୍ରକୃତିକୁ ସମ୍ମାନ ଦେବା ସହିତ ନାରୀକୁ ସମ୍ମାନ ଦେବାର ଏକ ସୂକ୍ଷ୍ମ ପରମ୍ପରା ପ୍ରଚଳିତ। ରଜ ଓଡ଼ିଆଙ୍କ ନିଜସ୍ୱ ପର୍ବ। ମିଥୁନ ସଂକ୍ରାନ୍ତିକୁ ନେଇ ଏହି ପର୍ବ ଅନୁଷ୍ଠିତ ହୁଏ । ବୃଷ ମାସର ଶେଷ ଦିନ, ମିଥୁନ ମାସର ଆରମ୍ଭ ଓ ତା ପରଦିନ - ଏହି ଦିନରେ ପାଳିତ ହୁଏ ରଜ ପର୍ବ। ଏହି ଦିନଗୁଡ଼ିକୁ ପହିଲି ରଜ, ରଜ ସଂକ୍ରାନ୍ତି ଓ ଭୂମି ଦହନ ବୋଲି କୁହାଯାଏ। ଚତୁର୍ଥ ଦିନ ବସୁମତୀ ସ୍ନାନ ପାଳନ ସହ ରଜ ଶେଷ ହୁଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ଧରଣୀ ମାତା ପ୍ରତି ସମ୍ମାନବୋଧ ଓ କୃତଜ୍ଞତା ଜ୍ଞାପନ ହିଁ ଏହି ପର୍ବ ପାଳନର ମୂଳ ଭିତି। ଓଡ଼ିଶାରେ ରଜ ପର୍ବକୁ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ। ଏଥିପାଇଁ ଉତ୍ସବମୁଖର ହୋଇ ଉଠେ ଗାଁରୁ ସହର। ଘରଠାରୁ ଦୂରରେ ଥିବା ପରିବାର ସଦସ୍ୟମାନେ ଛୁଟି ନେଇ ରଜ ପାଳନ କରିବାକୁ ଆସିଥାନ୍ତି। ରଜ ତିନିଦିନ ଘରର ମହିଳାମାନେ କାମରୁ ବିଶ୍ରାମ ନେଇଥାନ୍ତି । କଟା, ବଟା ଓ ରୋଷେଇ ଭଳି କାର୍ଯ୍ୟ କରିବାକୁ ଝିଅ ବୋହୂମାନଙ୍କୁ ବାରଣ କରାଯାଇଥାଏ। ଚୁଲି ଲଗାଇ ନିୟମିତ ରୋଷେଇ କରିବା ମହିଳାଙ୍କ କାର୍ଯ୍ୟ । ଯେହେତୁ ରଜରେ ଧରଣୀମାତାଙ୍କୁ ବିଶ୍ରାମ ଦିଆଯାଏ; ତେଣୁ ରଜ ପୂର୍ବଦିନ ପହିଲି ରଜରେ ବହୁ ରକମର ପିଠାପଣା, ବିଶେଷ କରି ପୋଡ଼ ପିଠା ତିଆରି କରାଯାଇଥାଏ, ଯାହା ସହଜରେ ନଷ୍ଟ ହୁଏ ନାହିଁ ଏବଂ ଅଧିକ ଦିନ ରହିଥାଏ । ଭାତ ବଦଳରେ ଫଳମୂଳ ଓ ବିଭିନ୍ନ ପ୍ରକାର ପିଠାପଣା ଏକାଠି ଖାଇ ସମସ୍ତେ ମଜା କରିଥାନ୍ତି । କୁଆଁରୀ ଝିଅମାନେ ନୂଆ ପୋଷାକ ପିନ୍ଧି ସଜବାଜ ହୋଇ ଦୋଳି ଓ ପୁଚି ଖେଳରେ ସମୟ ଅତିବାହିତ କରିଥାନ୍ତି। ସେହିପରି ରଜରେ ପାନଖିଆ ଓଡ଼ିଆ ପରମ୍ପରାର ପ୍ରତୀକ। ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର। ରଜପାନରେ ଚୂନ, ଖଇର, ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, ପାନ ମହୁରି ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ରଜ ପର୍ବରେ ଦୋଳି ଖେଳିବାର ପରମ୍ପରା ନିଆରା । ଏହା ରଜର ମୁଖ୍ୟ ଆକର୍ଷଣ । ଝିଅମାନେ ଦୋଳି ଖେଳିବାକୁ ସତେ ଯେପରି ରଜପର୍ବକୁ ଅପେକ୍ଷା କରିଥାଆନ୍ତି। ଘର ଅଗଣା ହେଉ କି ଆମ୍ବତୋଟା, ସବୁଠି ଶୋଭାପାଏ ରଜଦୋଳି। ଝିଅ ବୋହୂମାନେ ଖୁସିରେ ଗାଁ ଗାଁ ବୁଲି ଦୋଳି ଖେଳନ୍ତି। 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ', 'ରଜଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନାମୁକୁଟ', ଇତ୍ୟାଦି ଢଗଢ଼ମାଳି ଗାଇ ଝିଅମାନେ ଦୋଳି ଖେଳିଥା'ନ୍ତି। ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ। ଏହିଦିନ ସକାଳୁ ଶିଳପୁଆରେ ହଳଦୀ କନାଗୁଡ଼ାଇ ସିନ୍ଦୂର, କଜଳ ଦେଇ ବସୁମାତାଙ୍କ ସ୍ୱରୂପକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବ ଡାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ। ମାସିକ ଧର୍ମର ବିଧି ଅନୁଯାୟୀ, ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି। ଭୂମିକୁ ବନ୍ଦାପନା କରାଯାଏ । ଆଉ ତା ପରେ ଚାଷୀ ଭାଇ କ୍ଷେତରେ ନିଜ କର୍ମ ସମ୍ପାଦନ କରେ। କ୍ଷେତକୁ ହଳ ନିଏ । ଆଉ ଏକ ନବଚେତନା ସହ ଚାଷ ଜମିରେ କାମ ଆରମ୍ଭ କରେ ।

## ୧୬୦ ବର୍ଷ ତଳର ଫଟୋରେ ଭବିଷ୍ୟତର ଗ୍ୟାଜେଟ୍



ଜର୍ମାନୀର ମ୍ୟୁନିକ୍ ସହରର ପ୍ରସିଦ୍ଧ 'ନ୍ୟୁ ପିନାକୋଥେକ୍' ମ୍ୟୁଜିୟମରେ ଲାଗିଥିବା ୧୬୦ ବର୍ଷ ତଳର ଏକ ପୁରୁଣା ପେଣ୍ଟିଂ ସାରା ବିଶ୍ୱରେ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ପେଣ୍ଟିଂର ନାମ 'ଦ ଏକ୍ସପେକ୍ଟେଡ୍ ୱାନ୍' ରଖାଯାଇଛି। ଏହାକୁ ଅଷ୍ଟ୍ରିଆର ପ୍ରସିଦ୍ଧ କଳାକାର ଫର୍ଡିନାଣ୍ଡ ଜର୍ଜ ୱାଲ୍ଡମୁଲର ୧୮୬୦ ମସିହା ଆଖପାଖରେ ତିଆରି କରିଥିଲେ। ପେଣ୍ଟିଂରେ ଜଣେ ସୁନ୍ଦରୀ ମହିଳା ଘାସ ପଡ଼ିଆ ମଧ୍ୟ ଦେଇ ଯାଉଥିବାର ଦେଖାଯାଉଛି। ମହିଳାଙ୍କ ପଛରେ ଜଙ୍ଗଲ ଏବଂ ପାହାଡ଼ ରହିଛି। ଜଣେ ବ୍ୟକ୍ତି ଗଛ ପଛରେ ଲୁଚି ରହିଛନ୍ତି ଏବଂ ମହିଳା ଜଣଙ୍କୁ ଫୁଲ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ମହିଳାଙ୍କ ହାତରେ ଏକ ଆୟତାକାର କଳା ରଙ୍ଗର ଜିନିଷ ରହିଛି। ଏହାକୁ ସେ ଦୁଇ ହାତରେ ଧରିଛନ୍ତି। ତାଙ୍କ ବୁଢ଼ା ଆଙ୍ଗୁଠିର ସ୍ଥିତି ବିଲକୁଲ୍ ଆଜିକାଲିର ଲୋକେ ସ୍ମାର୍ଟଫୋନ୍ ସ୍କ୍ରଲ୍ କଲା ଭଳି ଦେଖାଯାଉଛି। ୧୮୬୦ ଦଶକରେ ମୋବାଇଲ୍ ଫୋନ୍ ଭଳି କୌଣସି ଜିନିଷର ଅସ୍ତିତ୍ୱ ନ ଥିଲା, ତେବେ ଏହା କ'ଣ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୦୧୭ ମସିହାରେ ଯେତେବେଳେ ଏହି ପେଣ୍ଟିଂର ଫଟୋ ସୋସିଆଲ ମିଡିଆରେ ସେୟାର କରାଗଲା, ସେତେବେଳେ ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଗଲା। ହଜାର ହଜାର ଲୋକ ଏହା ଟାଇମ୍ ଟ୍ରାଭେଲର ପ୍ରମାଣ ବୋଲି କହିଥିଲେ। ସେହିପରି କିଛି ଜଣ ମହିଳା ଜଣକ ବୋଧହୁଏ ଭବିଷ୍ୟତରୁ ଆସିଥିବେ ଏବଂ ନିଜ ଫୋନ୍ ସାଙ୍ଗରେ ନେଇ ଆସିଥିବେ ବୋଲି ମତ ଦେଇଥିଲେ। ଏହି ପେଣ୍ଟିଂକୁ ନେଇ କିଛି ଐତିହାସିକଙ୍କ କହିବା କଥା, ସେହି ସମୟରେ ମହିଳାମାନେ ଛୋଟ ପ୍ରାର୍ଥନା ବହି କିମ୍ବା ନୋଟବୁକ୍ ସାଙ୍ଗରେ ରଖୁଥିଲେ, କିନ୍ତୁ ଏହି ଜିନିଷର ମୋଟେଇ ଏବଂ ହ୍ୟାଣ୍ଡଲିଂ ଆଜିର ସ୍ମାର୍ଟଫୋନ୍ ସହିତ ବହୁତ ମେଳ ଖାଉଛି।' ସେହଭଳି କିଛି କଳା ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ହୁଏତ କଳାକାର ଜଣକ ନିଜ କଳ୍ପନାରେ କୌଣସି ନୂଆ ଜିନିଷ ଦେଖାଇଥାଇ ପାରନ୍ତି, କିନ୍ତୁ ଲୋକେ ଏହାକୁ ଟାଇମ୍ ଟ୍ରାଭେଲ୍ ସହିତ ଯୋଡୁଛନ୍ତି।

## ଓଟିଟିରୁ ପରଦାକୁ ଫେରିବେ କ୍ୟାଟ୍ରିନା

ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଆଗାମୀ ପ୍ରୋଜେକ୍ଟକୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଥିବା ବେଳେ, ସେ ଏବେ ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବାକୁ ଚାହୁଁନାହାନ୍ତି। ସେ ବର୍ତ୍ତମାନ ତାଙ୍କ ପୁଅ ବିହାନକୁ ପୂରା ସମୟ ଦେଉଛନ୍ତି। ୨୦୨୪ରେ ରିଲିଜ୍ ହୋଇଥିବା 'ମେରି କ୍ରିସ୍‌ମାସ୍' ପରେ କ୍ୟାଟ୍ରିନାଙ୍କର ଆଉ କୌଣସି ନୂଆ ଫିଲ୍ମ ଆସିନାହିଁ। ତେବେ ସେ ଏବେ ପୁଣିଥରେ ପରଦାକୁ ଫେରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି। କ୍ୟାଟ୍ରିନା ଏବେ ସ୍କ୍ରିପ୍ଟ ପଢ଼ିବା ଆରମ୍ଭ କରିଦେଇଛନ୍ତି ଏବଂ ଚଳିତ ବର୍ଷ ହିଁ ସେ ତାଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି ବୋଲି ଜଣାପଡ଼ିଛି। ତେବେ ସେ ଓଟିଟି ମାଧ୍ୟମରେ ପରଦାକୁ ଫେରିବାକୁ ଚାହୁଁଥିବା ଜଣାପଡ଼ିଛି। ତାଙ୍କର ପୂରା ଧ୍ୟାନ ଏବେ ଏକ ଭଲ ୱେବ୍ ସିରିଜ୍ ଉପରେ ରହିଛି। ବିବାହର କିଛି ସମୟ ପରେ ହିଁ କ୍ୟାଟ୍ରିନା କୈଫ୍ ଏକ ଲମ୍ବା ବ୍ରେକ୍‌ରେ ଚାଲିଯାଇଥିଲେ। ନିକଟରେ ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁସାରେ, କ୍ୟାଟ୍ରିନା ଆସନ୍ତା ବର୍ଷ ସୁଦ୍ଧା ହିଁ କ୍ୟାମେରା ସମ୍ମୁଖକୁ ଆସିବେ। ଫରହାନ୍ ଅଖତରଙ୍କ ଫିଲ୍ମ 'ଜି ଲେ ଜରା'ରେ କ୍ୟାଟ୍ରିନା ଲିଡ୍ ରୋଲ ପାଇଁ ଫାଇନାଲ ହୋଇଥିବାବେଳେ ହେଲେ ଏହି ପ୍ରୋଜେକ୍ଟଟି ଘୋଷଣା ହେବା ଦିନଠାରୁ ହିଁ ଅଟକି ରହିଛି। ଏହି ଫିଲ୍ମଟି ଆଗକୁ ତିଆରି ହେବ କି ନାହିଁ, ସେ ନେଇ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ନାହିଁ। ତେବେ କ୍ୟାଟ୍ରିନାଙ୍କ ଲେଉଟାଣି ବକ୍ସ ଅଫିସ୍ ଓ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କ'ଣ ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।



## ପ୍ରହେଳିକା

- ଜ୍ୟୈଷ୍ଠ ମାସେ ସେହି ପର୍ବ ଆସଇ
ଗଛରେ ବାଉଁଶ ଦୋଳି ଝୁଲଇ
ପୋଡ଼ପିଠା ବାସ ମହକି ଉଠେ
ସୁଆଦିଆ ପାନ କୁଆଁରୀ ବାଣ୍ଟେ
ଘରେ ଘରେ ବାସେ ମାଉଁସ ଝୋଳ
ଲୁଡୁ ଓ ତାଆସ ହୁଅଇ ଖେଳ
ଆମ ଗଣପର୍ବ ସିଏ
ନୂତନ ବସନ ପିନ୍ଧନ୍ତି ସରବେ
କୁହ ତା'ର ନାମ କିଏ।

ଉତ୍ତର- ରଜପର୍ବ

- ପିଠାଟିଏ ସିଏ ସୁଆଦ ଭାରି
ଖାଆନ୍ତି ସରବେ ଆନନ୍ଦ ଭରି
ଚାଉଳ ଚୂନା ଓ ଗୁଡ଼ ନଡ଼ିଆ
ବଡ଼ ଅଳେଇଚ ବାସେ ବଢ଼ିଆ
ନିଆଁରେ ସେ ପୋଡ଼ା ହୁଏ
ଖଣ୍ଡ ଖଣ୍ଡ କରି କାଟିଦିଏ ବୋଉ
କୁହ ତା'ର ନାମ କିଏ।

ଉତ୍ତର-ପୋଡ଼ ପିଠା





- ରଜ ପରବରେ କୁଆଁରୀମାନେ
ବାଣ୍ଟନ୍ତି ତାହାକୁ ହରଷ ମନେ
ମସଲାରେ ଭରା ଦରବ ସେହି
ବାସ ତା'ର ନିଏ ମନକୁ ମୋହି
କଡ଼ା ଅବା ମିଠା ସିଏ
ଚୋବେଇଲେ ତାକୁ ପାଟି ନାଲି ଦିଶେ
କୁହ ତା'ର ନାମ କିଏ।

ଉତ୍ତର- ରଜ ପାନ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର


## ରଜର ମଉଜ ମଜା



ପ୍ରଶାନ୍ତ କୁମାର ଦାଶ

ଫଳମୂଳ ସଙ୍ଗେ ପିଠା ମିଠା ଆଣି
ଆସିଛନ୍ତି ମାଇଁ ମାମୁ
ଶରଧାରେ ଅତି ଖୁଆଇବେ ମାଇଁ
ପିଲାଙ୍କୁ ଗୋଲାପଜାମୁ ।
ଆମ ଓଡ଼ିଶାର ଗଣ ପର୍ବ ରଜ
ସଭିଙ୍କୁ ବାଣ୍ଟିବ ଖୁସୀ
ମଜା ମଉଜରେ ଦୋଳିରେ ବସିକି
ଗୀତ ଗାଇଦେବ ଲୁସି।
ଗାଆଁ ଆମ୍ବତୋଟା ଗହଳ ଛାଇରେ
ଜମିବ ସଭିଙ୍କ ଭିଡ଼
ଖେଳିବେ ସଭିଏଁ ବୋହୂଚୋରୀ ଖେଳ
ପକ୍ଷୀ ବସିଥିବେ ନୀଡ଼ ।
ପହିଲି ଆଷାଢ଼େ ଏଇ ପରବ ତ
ଆସିଛି ଧରାକୁ ଧାଇଁ
ନାଚିବେ କୁଆଁରୀ ନୂଆ ଜାମା ପିନ୍ଧି
ସିନ୍ଦୂର ଚନ୍ଦନ ନାଇ ।
ମୁଢ଼ି ଚୁଡ଼ା ବୁଟ ବାଦାମ ଭଜାରେ
ସଭିଙ୍କର ମନ ବଳେ
ଦେବତାଙ୍କ ପୂଜା ହୁଏ ଧୂପ ଦୀପ
ଭୋଗ ଆଉ ଫୁଲ ଫଳେ ।
ଗାଆଁ ସହରରେ ହୁଏ ମେଳା ଯାତ
ଲୋକଙ୍କ ଗହଳି ବଢ଼େ
ତିନି ଦିନ ପାଇଁ ରଜ ଆସି ପୁଣି
ସମାଜେ ସଂହତି ଗଢ଼େ । ■

କୁଞ୍ଜର -ସଙ୍ଗଲାଇ
ପୁରୀ



## ବନସ୍ତେ ଡାକିଲା ଗଜ...



ପୁଷ୍ପଲତା ସାହୁ

ଆସ ସଙ୍ଗାତ ଲୋ ଆସ ବଉଳ
ଆସି ଅଛି ଆଜି ରଜ ମଉଜ
ପାଦରେ ଅଳତା ମୁଣ୍ଡରେ ଫିତା
ମଥାରେ ମୋ ଟିପି ଚନ୍ଦନ ଚିତା
ନୂଆ ଜାମା ପିନ୍ଧି ଖାଇ ସରୁ ଚକୁଳି
ଜେଜେ ପାଖେ ଯାଇ କରିଲି ଅଳି
ବାଡ଼ି ଆମ୍ବ ତୋଟା ବଉଳ ମାଳ
ଲଗାଇ ଦିଅ ଦୋଳି ଜେଜେ ଚଞ୍ଚଳ
ପାଞ୍ଚ ସାତ ସାଙ୍ଗ ହୋଇଣ ମେଳି
ରଜ ଗୀତ ଗାଇ କଲେ ଗହଳି
ପଟା ଦୋଳି ମଟ ମଟ
ମୋ ଭାଇ ମୁଣ୍ଡ ରେ ସୁନା ମୁକୁଟ ଲୋ
ଦୂରୁ ଦିଶେ ଝଟ ଝଟ
ରଜ ତିନି ଦିନ ମଉଜ କରି
ବାପା, ଦାଦା ଆମ କାମ ନ କରି
ଖେଳନ୍ତି ବାଗୁଡ଼ି, ତାସ୍ ଖେଳ । ■

ଝାରସୁଗୁଡ଼ା

# ସୁମନ



## କାହିଁକି, କିପରି ଓ କେମିତି



ଶ୍ରୁତକୀର୍ତ୍ତି ତ୍ରିପାଠୀ




ଗୋଟିଏ ଗାଁରେ ଛୋଟ ପିଲାଟିଏ ରହୁଥିଲା, ନାଁ ତାର ଆରୁଷ। ସେ ବହୁତ ଚଞ୍ଚଳ, କିନ୍ତୁ ତା' ଭିତରେ ସବୁ ଜିନିଷ ବିଷୟରେ ଜାଣିବାର ଇଚ୍ଛାଥାଏ। ସେ ତା ଆଖପାଖର ଲୋକଙ୍କୁ ସବୁବେଳେ କିଛି ନା କିଛି ପ୍ରଶ୍ନ ପଚାରୁଥିଲା-"ମା, ଆକାଶ ନୀଳ କାହିଁକି ?" "ବାପା , ପକ୍ଷୀମାନେ ଉଡ଼ିପାରନ୍ତି କେମିତି ?" "ଦିଦି, ରାତି ହେଲେ ଅନ୍ଧାର କାହିଁକି ହୋଇଯାଏ ?"

ଏସବୁ ପ୍ରଶ୍ନ ଶୁଣିଲେ ଆରୁଷର ବାପା,ମାଆ,ଦିଦି ଖୁସି ତ ହୁଅନ୍ତି, ହେଲେ ତା'ର ସବୁ ପ୍ରଶ୍ନର ଉତ୍ତର ଦେବା ତାଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ। ଦିନକୁ ଦିନ ଆରୁଷର ପ୍ରଶ୍ନ ସଂଖ୍ୟା ବଢ଼ିବାକୁ ଲାଗିଲା। ମା' ଉତ୍ତର ଦିଅନ୍ତି ହେଲେ କେବେ କେବେ ବିରକ୍ତ ହୋଇ କୁହନ୍ତି- "ଅଧିକ ପ୍ରଶ୍ନ କରନି, ଚୁପ୍ ହୋଇ ବସ।" ସ୍କୁଲରେ ବି ସମାନ ଅବସ୍ଥା। ଶିକ୍ଷକ ପଢ଼ାଉଥିବା ବେଳେ ଆରୁଷ ହାତ ଉଠାଇ ଅନେକ ପ୍ରଶ୍ନ ପଚାରେ -"ସାର୍, ଏହା ଏମିତି କାହିଁକି ହେଲା?" ଶିକ୍ଷକ ପ୍ରତିଥର କୁହନ୍ତି, "ପ୍ରଥମେ ପଢ଼ା ଶେଷ କର, ପରେ ପ୍ରଶ୍ନ ପଚାରିବୁ। ତୁ ପଢ଼େଇଲା ବେଳେ ଠିକ୍ ଭାବରେ ଶୁଣୁ ନାହୁଁ, ସେଥିପାଇଁ ବାରମ୍ବାର ପ୍ରଶ୍ନ କରିଚାଲିଛୁ । "ଆରୁଷର ମନ ଦୁଃଖ ହୁଏ, କଥା ହେଉଛି ଯାହା ସେ ଜାଣିଥାଏ ସବୁବେଳେ ତା' ଠାରୁ ଅଧିକ ଜାଣିବାକୁ ଚେଷ୍ଟା କରେ ଏବଂ ପ୍ରଶ୍ନ ପଚାରି ଦିଏ । ତା'ର ଏହି ଗୁଣ ଯୋଗୁଁ ଶ୍ରେଣୀରେ ଅନ୍ୟମାନଙ୍କର ପାଠ ବୁଝିବା ସମୟରେ ବ୍ୟାଘାତ ସୃଷ୍ଟି ହୁଏ । ଶିକ୍ଷକଙ୍କ ବାରମ୍ବାର ତାଗିଦ ଦ୍ୱାରା ଧୀରେ ଧୀରେ ଆରୁଷ ଚୁପ୍ ହେବାକୁ ଲାଗିଲା। ତାର ମନକୁ ପ୍ରଶ୍ନ ଆସେ , କିନ୍ତୁ ସାର୍ ରାଗିବେ ବୋଲି ସେ ପଚାରି ପାରେ ନାହିଁ କିଛିଦିନ ପରେ ବିଦ୍ୟାଳୟକୁ ଜଣେ ନୂଆ ଶିକ୍ଷକ ଆସିଲେ, ମିଶ୍ର ସାର। ସେ ଅନ୍ୟ ଶିକ୍ଷକମାନଙ୍କଠାରୁ ଭିନ୍ନ ଥିଲେ । ପ୍ରଥମ ଦିନ ସେ ଶ୍ରେଣୀରେ ପିଲାମାନଙ୍କୁ କହିଲେ, " ପିଲେ, ଆଜି ମୁଁ କିଛି ପଢ଼ାଇବି ନାହିଁ। ତୁମେ ମତେ ପ୍ରଶ୍ନ ପଚାର। " ଏକଥା ଶୁଣି ପିଲାମାନେ ପୁରା ଚୁପ୍ । କେହି କିଛି ପଚାରି ପାରିଲେ ନାହିଁ। ଆରୁଷ ବି ଚୁପ୍ ଥିଲା। ମନ ହେଉଥାଏ କେତେ କ'ଣ ପଚାରି ବୁଝନ୍ତା ! ସାର୍ ପିଲାଙ୍କୁ ବୁଝେଇଲେ, " ପ୍ରଶ୍ନ କରିବା ଭୁଲ ନୁହେଁ। ପ୍ରଶ୍ନ ହେଉଛି କିଛି ନୂଆ ଶିଖିବାର ପ୍ରଥମ ଶିଢ଼ି। ତୁମେମାନେ ପଢ଼ିଲେ ଯେତେ ଜ୍ଞାନ ପାଇବ, ଭିନ୍ନ ଭିନ୍ନ ପ୍ରଶ୍ନ ପଚାରି ଆଲୋଚନା କଲେ ତା' ଠାରୁ ଅଧିକ କିଛି ଶିଖିପାରିବ । "ସାର୍‌ଙ୍କ କଥା ଶୁଣି ଆରୁଷ ହାତ ଉଠାଇଲା। "ସାର୍! ଆମେ ପ୍ରଶ୍ନ କାହିଁକି ପଚାରିବା ଉଚିତ?" ସାର୍ ହସିଲେ ଆଉ କହିଲେ, "ବହୁତ ଭଲ ପ୍ରଶ୍ନ ! ଯଦି ତୁମେ ପ୍ରଶ୍ନ କରିବା ଛାଡ଼ିଦିଅ, ତେବେ ନୂଆ କିଛି ଜାଣିପାରିବ ନାହିଁ। ପ୍ରଶ୍ନ ହେଉଛି ମନର ଝରକା ! ଏହାକୁ ଖୋଲିଲେ ହିଁ ଜ୍ଞାନର ଆଲୋକ ତୁମ ଭିତରକୁ ପ୍ରବେଶ କରିବ।" ସେଦିନରୁ ଆରୁଷ ପୁଣି ପ୍ରଶ୍ନ କରିବା ଆରମ୍ଭ କଲା। ତା' ସାଙ୍ଗମାନେ ବି ଶ୍ରେଣୀରେ ଏଥର ପ୍ରଶ୍ନ ପଚାରିଲେ । ନୂଆ ସାର୍ ପିଲାଙ୍କର ସବୁ ଉତ୍ତର ଦିଅନ୍ତି, ତାଙ୍କୁ ଉତ୍ତର ଆସୁ ନ ଥିଲେ କାଲି ପଢ଼ିକି, ବୁଝିକି ଆସି କହିବି ବୋଲି ପିଲାଙ୍କ ଠାରୁ ସମୟ ନିଅନ୍ତି । ଏହିପରି ଭାବରେ ଆରୁଷ ତା ସାଙ୍ଗମାନଙ୍କ ସହ ଅନେକ ବିଷୟ ଉପରେ ଆଲୋଚନା କରେ। ସେଥର ବାର୍ଷିକ ପରୀକ୍ଷାରେ ଆରୁଷର ଶ୍ରେଣୀର ପିଲାମାନେ ସବୁଠାରୁ ଭଲ ପ୍ରଦର୍ଶନ କରିଥିଲେ। ବାର୍ଷିକ ଉତ୍ସବରେ ତାଙ୍କ ଶ୍ରେଣୀକୁ ସାରା ବିଦ୍ୟାଳୟ ସମ୍ମୁଖରେ ସମ୍ମାନିତ କରାଗଲା । ପିଲାଙ୍କ ଖୁସି କହିଲେ ନ ସରେ । ସେମାନେ ନୂଆ ସାର୍‌ଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର ସବୁ ପ୍ରଶ୍ନର ଉତ୍ତର ଧୈର୍ଯ୍ୟର ସହ ଦେବା ପାଇଁ। ସାର୍ ପିଲାଙ୍କ ସଫଳତା ଦେଖି ଖୁସି ଓ ଗର୍ବର ସହ କହିଲେ, "ମନେ ରଖ, ପିଲାମାନେ ଯେଉଁ ପିଲା 'କାହିଁକି' ବୋଲି ପଚାରିବାରେ ଆଗ୍ରହ ଦେଖାଏ, ସେ ଦିନେ ବଡ଼ ହୋଇ 'କିପରି' ଓ 'କେମିତି' ର ଉତ୍ତର ଖୋଜିବାକୁ ଚେଷ୍ଟା କରେ।" ■


ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।






ଶାନ୍ତନୁ ଶାନ୍ତିସ୍ୱରୂପ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର






ବୈଭବ କୁମାର ପାତ୍ର
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ସାଇ ସେଠୀ
ଷଷ୍ଠ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର





ଶ୍ରୀୟା ନାୟକ
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

ଫିଫା ବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲା

# ମେକ୍ସିକୋ, ଦକ୍ଷିଣ କୋରିଆର ବିଜୟ






ମେକ୍ସିକୋ ସିଟି,୧୨।୬(ଏଜେନ୍ସି)

ଯୁଗ୍ମ ଆୟୋଜକ ମେକ୍ସିକୋ ଏବଂ ଦକ୍ଷିଣ କୋରିଆ ୨୩ତମ ଫିଫା ବିଶ୍ୱକପ୍‌ର ଉଦଘାଟନୀ ଦିବସରେ ବିଜୟ ହାସଲ କରିଛନ୍ତି। ମେକ୍ସିକୋ ସିଟିରେ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ ମେକ୍ସିକୋ ୨-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜୁଲିଆନ୍ କ୍ୱିନୋନ୍‌ସ ଓ ଭେଟେରାନ ଷ୍ଟ୍ରାଇକର ରଲ ଜିମିନେଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦଳ ଏହି ବିଜୟ ସହ ଗ୍ରୁପ୍-ଏ'ର ପ୍ରଥମ ଲିଗ୍ ମୁକାବିଲାରେ ପୂରା ୩ ପଏଣ୍ଟ ପାଇଛି। କିନ୍ତୁ ଏହି ମ୍ୟାଚ୍‌ରେ ରେଫରି ୩ଜଣ ଖେଳାଳିଙ୍କୁ ରେଡ୍‌କାର୍ଡ ଦେଇଛି। ଏହା ଖେଳର ମାନରେ ଅବନତି ଆଣିଛି। କଲମ୍ବିଆ ଜନ୍ମିତ ଫରୱାର୍ଡ ଖେଳାଳି ତଥା ସାଇଦି ଆରବ ଲିଗ୍‌ର ଟପ୍ ସ୍କୋରର କ୍ୱିନୋନ୍‌ସ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଖେଳର ତ୍ରୁଟିରୁ ଫାଇଦା ଉଠାଇ ୯ମ ମିନିଟ୍‌ରେ ଏହି ଗୋଲ କରିବା ସହ ଚଳିତ ବିଶ୍ୱକପ୍‌ର ପ୍ରଥମ ଗୋଲ ସ୍କୋରର ବନିଥିଲେ। ଘରୋଇ ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲାବେଳେ ୬୬ତମ ମିନିଟ୍‌ରେ ୩୫ ବର୍ଷୀୟ ଭେଟେରାନ ଖେଳାଳି ଜିମିନେଜ୍ ଆଉ ଏକ ଗୋଲ ସ୍କୋର କରି ମେକ୍ସିକୋର ବିଜୟ ସ୍ପଷ୍ଟ କରିଥିଲେ। ଗତ ୩ଟି ବିଶ୍ୱକପ ଖେଳୁଥିବା ଜିମିନେଜ୍‌ଙ୍କ ଏହା ପ୍ରଥମ ଗୋଲ। ଏହା ମଧ୍ୟ ତାଙ୍କର ୪୬ତମ ଅନ୍ତର୍ଜାତୀୟ ଗୋଲ। ଏହି ମ୍ୟାଚ୍‌ରେ ଘରୋଇ ଦଳକୁ ଦୃଢ଼ ସମର୍ଥନ ମିଳିଥିଲା। କିନ୍ତୁ ଏହି ମ୍ୟାଚ୍ ପରିଚାଳନା କରୁଥିବା ରେଫରି ଇଂରାଜୀ ଭାଷା ବୁଝି ପାରୁ ନ ଥିବାରୁ ୩ଥର ରେଡ୍‌କାର୍ଡ ଦେଇଛନ୍ତି ବୋଲି ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଖେଳର ୫୦ତମ ମିନିଟ୍‌ରେ ୟାୟା ସିଥୋଲେ ଓ ୮୪ତମ ମିନିଟ୍‌ରେ ଥେମ୍ବା ଜ୍ୱାନା, ମେକ୍ସିକୋ ପକ୍ଷରୁ ସେଜାର ମୋଣ୍ଟେସ ରେଡ୍‌କାର୍ଡ ପାଇଥିଲେ।

ଉଦ୍‌ଘାଟନୀ ଦିବସରେ ଜାପୋପାନ୍‌ରେ ଗ୍ରୁପ୍-ଏ'ର ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଦକ୍ଷିଣ କୋରିଆ ଲଢ଼ୁଆ ଖେଳ ପ୍ରଦର୍ଶନ କରି ୨-୧ ଗୋଲରେ ଚେକିଆ (ଚେକ୍ ରିପବ୍ଲିକ୍)କୁ ପରାସ୍ତ କରିଥିଲା। ବିଜୟୀ ଦଳ ଗୋଟିଏ ଗୋଲ ପଛରେ ରହିବା ପରେ ୬୭ତମ ମିନିଟ୍‌ରେ ହ୍ୱାଙ୍ଗ୍ ଇନ୍-ବେୟମ ଏବଂ ବଦଳ ଖେଳାଳି ଓହ ହିୟନ-ଗ୍ୟୁ ୮୦ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଏହି ବିଜୟ ପ୍ରଦାନ କରିଥିଲେ। ପୂର୍ବରୁ ଖେଳର ୫୯ତମ ମିନିଟ୍‌ରେ ଚେକିଆର ଲାଡିସ୍ଲାଭ୍ କ୍ରେଜ୍‌ସି ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଦକ୍ଷିଣ କୋରିଆ ସମସ୍ତ ବିଭାଗରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌କୁ ଫେରିବା ସହ ଉତ୍ସାହପ୍ରଦ ବିଜୟ ହାସଲ କରିଥିଲେ। ବିଜୟୀ ଦଳ ୬୨ ପ୍ରତିଶତ ଓ ପରାଜିତ ଦଳ ନିକଟରେ ୩୮ ଶତକଡ଼ା ବଲ ନିୟନ୍ତ୍ରଣରେ ରହିଥିଲା। ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିବା ପରେ ମେକ୍ସିକୋ ଓ ଦକ୍ଷିଣ କୋରିଆ ଗ୍ରୁପ୍-ଏ' ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।



## ସାକିରାଙ୍କୁ ଟପିଲେ ନୋରା

ଟରଣ୍ଟୋ,୧୨।୬(ଏଜେନ୍ସି): ଫିଫା ବିଶ୍ୱକପ୍ ବାହାରେ ଲାଟିନ୍ ଆମେରିକାର ପପ୍‌ଷ୍ଟାର ସାକିରାଙ୍କୁ ଟକ୍କର ଦେଇଛନ୍ତି କାନାଡା ଜନ୍ମିତ ବଲିଉଡ ତାରକା ନୋରା ଫତେହୀ। ସାକିରା ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱକପ୍ ସଙ୍ଗୀତ ଦାଏ ଦାଏ ଗାଇଥିଲେ। ଅନ୍ୟ ପକ୍ଷରେ ବିଶ୍ୱକପ୍ ଥିମ୍ ସଙ୍ଗ ଗାଇଛନ୍ତି ନୋରା। ସାର ସାର' ନାମରେ ଏହି ସଙ୍ଗ ପ୍ରକାଶ ପାଇବାର ପ୍ରଥମ ୨୪ ଘଣ୍ଟାରେ ୨୦ ନିୟୁତ ଦର୍ଶକ ୟୁ ଟ୍ୟୁବ୍‌ରେ ଦେଖିଛନ୍ତି। ପ୍ରଥମ ଦିନରେ ଫିଫା ଥିମ୍ ସଙ୍ଗକୁ ଦେଖିବାରେ ଏହା ସର୍ବାଧିକ। ସେହିପରି ସମାନ ସମୟରେ ସାକିରାଙ୍କ ଦାଏ ଦାଏ ସଙ୍ଗ୍‌କୁ ୟୁ ଟ୍ୟୁବ୍‌ରେ ୮.୨ ନିୟୁତ ମିଲିୟନ ଦର୍ଶକ ଦେଖିଛନ୍ତି। ଏବେ ଶେଷ ଖବର ସୁଦ୍ଧା ନୋରାଙ୍କ ସାର ସାର ୟୁଟ୍ୟୁବ୍‌ରେ ୪୦ ନିୟୁତ ଦର୍ଶକ ଦେଖିସାରିଲେଣି।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୧୩, ଶନିବାର ରାତି |
| କତାର-ସ୍ୱିଜରଲାଣ୍ଡ |
| ସାଣ୍ଟା କ୍ଲାରା-ରାତି ୧୨ଟା।୩୦ |
| ବ୍ରାଜିଲ-ମରୋକ୍କୋ |
| ନ୍ୟୁ ଜର୍ସୀ, ରାତି-୩ଟା।୩୦ |
| ଜୁନ୍-୧୪ ରବିବାର |
| ସ୍କଟ୍‌ଲାଣ୍ଡ-ହାଇତି |
| ଫକ୍ସବର୍ଗ, ସକାଳ ୬ଟା।୩୦ |
| ଅଷ୍ଟ୍ରେଲିଆ-ତୁର୍କୀ |
| ଭାଙ୍କୋଭର, ସକାଳ ୯ଟା।୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଏଥର ନେଦରଲ୍ୟାଣ୍ଡସ୍ ଚାମ୍ପିଅନ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି)

କମ୍ପ୍ୟୁଟର ଗଣିତ ଏବଂ ତଥ୍ୟ (ଡାଟା) କଣ ଫୁଟବଲ୍ ବିଶ୍ୱକପ୍‌ର ବିଜେତା ସ୍ଥିର କରିପାରିବ? ପୂର୍ବରୁ 'ପଲ୍ ଦ ଅକ୍ଟୋପସ' ନିଜ ଭବିଷ୍ୟବାଣୀ ପାଇଁ ଚର୍ଚ୍ଚାରେ ଥିବା ବେଳେ, ଏବେ ଜର୍ମାନୀର ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ ଜୋଆକିମ୍ କଲେମେଣ୍ଟ ନିଜର ଏକ ସ୍ୱତନ୍ତ୍ର ଗାଣିତିକ ସୂତ୍ର ମାଧ୍ୟମରେ ସମସ୍ତଙ୍କୁ ଚକିତ କରିଛନ୍ତି। ସେ ବିଗତ ତିନୋଟି ବିଶ୍ୱକପ୍‌ର ବିଜେତା— ୨୦୧୪ରେ ଜର୍ମାନୀ, ୨୦୧୮ରେ ଫ୍ରାନ୍ସ ଏବଂ ୨୦୨୨ରେ ଆର୍ଜେଣ୍ଟିନା ବିଜେତା ହେବେ ବୋଲି ସମ୍ପୂର୍ଣ୍ଣ ଠିକ୍ ଭବିଷ୍ୟବାଣୀ କରିଥିଲେ। ଏହି ପରିପ୍ରେକ୍ଷୀରେ, ଚଳିତ ଫିଫା ବିଶ୍ୱକପ୍ ୨୦୨୬ ପାଇଁ ସେ ନିଜର ବିଜେତା ଦଳର ନାମ ଘୋଷଣା କରିଛନ୍ତି। କଲେମେଣ୍ଟ ପ୍ରକାଶ କରିଛନ୍ତି ଯେ, "ଜଣେ ଜର୍ମାନୀ ନାଗରିକ ଭାବେ ଏହା କହିବା ମୋ ପାଇଁ ଦୁଃଖଦାୟକ ହୋଇପାରେ, ମାତ୍ର ମୋର ଗାଣିତିକ ମଡେଲ୍ ଅନୁଯାୟୀ ଏଥର ନେଦରଲ୍ୟାଣ୍ଡସ ତାର ପ୍ରଥମ ବିଶ୍ୱକପ୍ ଟ୍ରଫି ହାସଲ କରିବ।' ଏକ ସାକ୍ଷାତକାରରେ ସେ ହସି ହସି କହିଛନ୍ତି ଯେ ସେ କୌଣସି ଯାଦୁ ଗୋଲକ ବ୍ୟବହାର କରନ୍ତି ନାହିଁ, ବରଂ ଲଗାତାର ତିନିଥର ତାଙ୍କର ଆକଳନ ସଠିକ୍ ହେବା ପଛରେ ଭାଗ୍ୟର ମଧ୍ୟ ବଡ଼ ହାତ ରହିଛି। ବର୍ତ୍ତମାନ ସାରା ବିଶ୍ୱର ଫୁଟବଲ୍ ପ୍ରେମୀଙ୍କ ନଜର ନେଦରଲ୍ୟାଣ୍ଡସ ଉପରେ ରହିଛି, ଯେ କଲେମେଣ୍ଟଙ୍କ ଏହି ଚତୁର୍ଥ ଭବିଷ୍ୟବାଣୀ ସତ ପ୍ରମାଣିତ ହେଉଛି କି ନାହିଁ। ଦେଶର ଜନସଂଖ୍ୟା ଏବଂ ଦଳର ର୍‍ୟାଙ୍କିଙ୍ଗ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଆଧାର କରି ସେ ଏହି ସୂତ୍ର ପ୍ରସ୍ତୁତ କରିଛନ୍ତି।



## ଭିସା ପାଇ ନ ଥିବା ଆର୍ଜେଣ୍ଟିନା ଦର୍ଶକଙ୍କୁ ମାଗଣା ଟିଭି

ବୁଏନସ ଆଇରିସ୍,୧୨।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ଟିକଟ ଦାମ୍ ଯେପରି ଅଧିକ ସେହିପରି ଆମେରିକାର ଭିସା ପାଇବା କଷ୍ଟକର। ଆମେରିକା ଭିସା ପାଇବା ସମସ୍ତଙ୍କ ଲାଗି କଷ୍ଟକର ହୋଇପଡ଼ିଛି। ଲାଟିନ ଆମେରିକାର ନାଗରିକଙ୍କ ଲାଗି ଆମେରିକା ଭିସା କଟକଣା ରହିଛି। ଏହାର ଶିକାର ହୋଇଛନ୍ତି ଆର୍ଜେଣ୍ଟିନାର ଅନେକ ଦର୍ଶକ। ଦର୍ଶକଙ୍କ କଷ୍ଟ ଦୂର କରିବା ଲାଗି ଆର୍ଜେଣ୍ଟିନାର ଏକ କମ୍ପାନୀ ନ୍ୟୁସାନ ମାଗଣାରେ ଦର୍ଶକଙ୍କୁ ୩୨ ଇଞ୍ଚର ନୋବେଲ ଟିଭି ଦେଇଛି। ଯେଉଁମାନଙ୍କର ଭିସା ନାକଚ ହୋଇଛି ସେମାନଙ୍କ ମଧ୍ୟରେ ପ୍ରଥମ ୧୦୦ଜଣଙ୍କୁ ମାଗଣାରେ ଟିଭି ଦିଆଯାଇଛି। ଏହି ଟିଭି ଉପରେ ଲେଖା ଅଛି 'ଭିସା ଡିନାଏଡ୍, ଟିଭି ଆପ୍ରୁଭଡ୍'।

## ଦ୍ୱିତୀୟ ମ୍ୟାଚ୍‌ରେ ଷ୍ଟାଡିୟମ୍ ଫାଙ୍କା

ଗୌଦଲଜାରା,୧୨।୬(ଏଜେନ୍ସି): ଦକ୍ଷିଣ କୋରିଆ ଓ ଚେକିଆ ମଧ୍ୟରେ ଏଠାରେ ଖେଳାଯାଇଥିବା ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଷ୍ଟାଡିୟମ୍ ଫାଙ୍କା ପଡ଼ିଥିଲା। ଏହାର ମୁଖ୍ୟ କାରଣ ହେଲା ଟିକଟର ଅତ୍ୟଧିକ ଦାମ। ଏତେ ଅର୍ଥ ଦେଇ ଅନ୍ୟ ଦେଶର ଖେଳ ଦେଖିବାରୁ ଆୟୋଜକ ଦେଶର ଦର୍ଶକ ନାପସନ୍ଦ କରିଛନ୍ତି। କିନ୍ତୁ ଟିକଟ ଦାମ ବୃଦ୍ଧିକୁ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ସମର୍ଥନ କରିଥିଲେ। ବିଭିନ୍ନ କ୍ଷେତ୍ରକୁ ବିଚାରକୁ ନେଇ ଟିକଟ ମୂଲ୍ୟ ବୃଦ୍ଧି କରାଯାଇଥିଲାବୋଲି ସେ କହିଥିଲେ। କିନ୍ତୁ ଷ୍ଟାଡିୟମ୍ ଫାଙ୍କା ରଖି ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବାରେ କୌଣସି ଗୁରୁତ୍ୱ ନାହିଁ ବୋଲି ଦର୍ଶକମାନେ ସମାଲୋଚନା କରି କହିଛନ୍ତି।

## ଶୁଟିଂ କିଂବଦନ୍ତୀ ଯଶପାଲ ରାଣାଙ୍କ ପରଲୋକ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଭାରତୀୟ ଶୁଟିଂର କିଂବଦନ୍ତୀ ଶୁଟର ତଥା ଡବଲ ଅଲିମ୍ପିକ୍ ପଦକ ବିଜେତା ମନୁ ଭାକରଙ୍କ କୋଚ୍ ଯଶପାଲ ରାଣାଙ୍କ ହୃଦ୍‌ରୋଗରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୯ ବର୍ଷ ହୋଇଥିଲା। ମ୍ୟୁନିକ୍ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ଦଳ ଦାୟିତ୍ୱରେ ଥିଲାବେଳେ ତାଙ୍କୁ ହାର୍ଟ ଷ୍ଟ୍ରୋକ୍ ହୋଇଥିଲା। ଭାରତକୁ ଫେରିବା ପରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ରାତିରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, କନ୍ୟା ଓ ପୁତ୍ର ଉପସ୍ଥିତ ଥିଲେ। ରାଣାଙ୍କ ମୃତ୍ୟୁ ଦେଶ ଲାଗି ଅପୂରଣୀୟ କ୍ଷତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ଜଣେ ସଫଳ ସୁଟରଭାବେ ସେ ଅନ୍ତର୍ଜାତୀୟ କ୍ରୀଡ଼ାରେ ୧୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ମଧ୍ୟରୁ ଏସିଆନ୍ ଗେମ୍ସରେ ୪ ସ୍ୱର୍ଣ୍ଣ ସହ ୮ଟି, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୯ ସ୍ୱର୍ଣ୍ଣ ସହ ୧୫ଟି, ଏସିଆନ୍ ଚାମ୍ପିଅନସିପ୍ ଓ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍‌ରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ଭାରତରେ ନୂଆ ପ୍ରତିଭା ଚିହ୍ନଟ କରିବା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେବାରେ ମନୋନିବେଶ କରିଥିଲେ। ତାଙ୍କ ପ୍ରଶିକ୍ଷାର୍ଥୀ ମନୁ ଭାକର ଅଲିମ୍ପିକ୍ସରେ ୨ଟି ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।



## ରାଜ୍ୟ ଜୁନିଅର, ପେଞ୍ଚାକ ସିଲାଟ ଆରମ୍ଭ

ଭୁବନେଶ୍ୱର, ୧୨।୬ (ସମିସ): ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଞ୍ଚାକ ସିଲାଟ୍ ଚାମ୍ପିଅନସିପ୍ ଖୋର୍ଦ୍ଧା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ପେଞ୍ଚାକ୍ ସିଲାଟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତାରେ ୧୮ ଜିଲାରୁ ୫୦୦ ପ୍ରତିଯୋଗୀ, ୧୦୦ ଅଫିସିଆଲ୍ ଓ କୋଚ ଭାଗ ନେଇଛନ୍ତି। ବିଧାୟକ ପ୍ରଶାନ୍ତ ଜଗଦେବ ଅତିଥିଭାବେ ଯୋଗଦେଇ ଏହି ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ବସନ୍ତ କୁମାର ସାହୁ, ଓଡ଼ିଶା ପେଞ୍ଚାକ ସିଲାଟ ସଂଘ ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, ଖୋର୍ଦ୍ଧା ସଂଘର ଅଧ୍ୟକ୍ଷ ସଚିନ ମହାପାତ୍ର, ଉପସଭାପତି ନାରାୟଣ ପାତ୍ର, ନବ କିଶୋର ପାଇକରାୟ, ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ, ସହ ସଂପାଦକ ପ୍ରକାଶ ବେହେରା, ରଞ୍ଜିତ୍ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
MARKETING EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ଭାରତ-ଆଫଗାନିସ୍ତାନ ପ୍ରଥମ ଦିନିକିଆ ଆଜି

ଧର୍ମଶାଳା, ୧୨।୬ (ଏଜେନ୍ସି): ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଶନିବାରଠାରୁ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଭାରତ ଏକ ଇନିଂସ ଓ ୩୦୦ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ତେଣୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଘରୋଇ ଦଳର ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ଏହି ସିରିଜ ସହ ବରିଷ୍ଠ ବ୍ୟାଟର୍ ରୋହିତ୍ ଶର୍ମାଙ୍କୁ ପୁଣିଥରେ ଭାରତୀୟ ଜର୍ସିରେ ଦେଖିବାକୁ ମିଳିବ। କିନ୍ତୁ ଆହତଜନିତ ସମସ୍ୟା ଲାଗି ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ଏହି ସିରିଜ ଖେଳିବେ ନାହିଁ। ସେହିଭଳି ପ୍ରିନ୍ସ ଯାଦବ, ଗୁର୍‌ନୁର ବରାର୍ ଓ ହର୍ଷ ଦୁବେ ପ୍ରଥମଥର ଲାଗି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ଏହି ୩ଜଣ ଖେଳାଳି ଦିନିକିଆ କ୍ରିକେଟ୍‌ରେ ପାଦଥାପିବାର ସୁଯୋଗ ରହିଛି। ଅଧିନାୟକ ଗିଲ୍‌ଙ୍କ ସମେତ ଉପ-ଅଧିନାୟକ ଶ୍ରେୟସ ଆୟର ଓ ଲୋକେଶ ରାହୁଲ ବ୍ୟାଟିଂ ଭାର ସମ୍ଭାଳିବେ। ଏମାନଙ୍କୁ ସାଥ୍ ଦେବାକୁ ଯଶସ୍ୱୀ ଜୟସ୍ୱାଲ ଓ ଇଶାନ କିଶାନଙ୍କ ଭଳି ଯୁବ ବ୍ୟାଟର ଦଳରେ ରହିଛନ୍ତି। ସେହିଭଳି ଦୁଇ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ଓ ନୀତୀଶ ରେଡ୍ଡୀ ଉଭୟ ବ୍ୟାଟିଂ ଓ ବୋଲିଂ ସମ୍ଭାଳିବେ। ଅପରପକ୍ଷରେ ଟେଷ୍ଟ ଅପେକ୍ଷା ଭ୍ରମଣକାରୀ ଆଫଗାନିସ୍ତାନର ଦିନିକିଆ ଦଳ ଅଧିକ ଶକ୍ତିଶାଳୀ ମନେ ହେଉଛି। ଦୁଇ ଅଭିଜ୍ଞ ଖେଳାଳି ମହମ୍ମଦ ନବୀ ଓ ରଶିଦ ଖାନଙ୍କ ସମେତ ଆବ୍ରାହିକ ଜର୍ଦାନ, ଇମ୍ରାନ ଅଲିଖିଲି ଘରୋଇ ଦଳକୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ ରହିଛନ୍ତି।

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା ୩୦
ସ୍ଥାନ: ଧର୍ମଶାଳା
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱାର୍କ,
ଲାଇଭ୍ ଷ୍ଟ୍ରିମିଂ: ଜିଓ ହଟ୍‌ଷ୍ଟାର



## ୱିଲିୟମସନଙ୍କ ଅଚାନକ ଅବସର

ୱେଲିଂଟନ, ୧୨।୬ (ଏଜେନ୍ସି): ନ୍ୟୁଜିଲାଣ୍ଡ କ୍ରିକେଟ୍ ଇତିହାସର ସବୁଠୁ ସଫଳ ବ୍ୟାଟର୍ ଓ ମହାନ ଅଧିନାୟକ କେନ୍ ୱିଲିୟମସନ ଶୁକ୍ରବାର ଅଚାନକ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୫ ବର୍ଷୀୟ କେନ୍ ଗତବର୍ଷ ନଭେମ୍ବରରେ ଟି-୨୦ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ଏବେ ସେ ଅନ୍ୟ ଦୁଇ ଫର୍ମାଟ୍ ଦିନିକିଆ ଓ ଟେଷ୍ଟକୁ ମଧ୍ୟ ଅଲ୍‌ବିଦା କହିଛନ୍ତି। ୱିଲିୟମସନଙ୍କ ଅବସର ସହ ଦୀର୍ଘ ୧୬ ବର୍ଷର ଏକ ଜ୍ୱାଜଲ୍ୟମୟ ଯୁଗର ଅବସାନ ଘଟିଛି। ଏହି ଡାହାଣହାତୀ ବ୍ୟାଟର୍ ୨୦୧୦ ଅଗଷ୍ଟରେ ଭାରତ ବିପକ୍ଷ ଦିନିକିଆ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୬ ବର୍ଷର ଲମ୍ବା କ୍ୟାରିୟରରେ କିୱି ଦଳ ପାଇଁ ସେ ମୋଟ୍ ଉପରେ ୩୭୮ ମ୍ୟାଚ୍ ଖେଳି ୧୯,୩୪୬ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ଟେଷ୍ଟରେ ୩୩ ଓ ଦିନିକିଆରେ ୧୫ ଶତକ ଲିପିବଦ୍ଧ ରହିଛି। ସେହିଭଳି ତିନୋଟି ଯାକ ଫର୍ମାଟ୍‌ରେ ସେ ୧୦୩ଟି ଅର୍ଦ୍ଧଶତକ ମାରିଛନ୍ତି। ଶେଷଥର ଲାଗି ସେ ଜୁନ ୪ରୁ ଲର୍ଡ୍ସରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ସେ ପ୍ରତିନିଧିତ୍ୱ କରିଥିଲେ। ଏହି ମ୍ୟାଚର ଉଭୟ ପାଳିରେ ସେ ଯଥାକ୍ରମେ ୦ ଓ ୧୮ ରନ କରିଥିଲେ। ୱିଲିୟମସନଙ୍କୁ ମଧ୍ୟ ନ୍ୟୁଜିଲାଣ୍ଡ କ୍ରିକେଟ୍ ଇତିହାସର ଅନ୍ୟତମ ସଫଳ ଅଧିନାୟକ ଭାବେ ମଧ୍ୟ ବିବେଚିତ କରାଯାଏ। ତାଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ୨୦୧୯ ଆଇସିସି ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳିଥିଲା। ସେହିଭଳି ୨୦୨୧ରେ ନ୍ୟୁଜିଲାଣ୍ଡ ତାଙ୍କ ନେତୃତ୍ୱରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ୍ ଜିତିଥିଲା।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS